




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୦ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 10 OCTOBER 2021
Vol.No. 32 ■ No. 259 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


### ଆରୟନ ଖାନ୍ ଗିରଫରେ ରାଜନୈତିକ ମୋଡ଼

## ଏନ୍‌ସିପିର ଅଭିଯୋଗ ପରେ ଜବାବ ରଖିଲା ଏନ୍‌ସିବି



ନୂଆଦିଲ୍ଲୀ,୦୯/୦୯: ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ରାଜନୈତିକ ମୋଡ । ବିଜେପି କଥାରେ ସୁପରଷ୍ଟାର ଶାହରୁଖ ଖାନଙ୍କ ପୁଅ ଆରୟନ୍ ଖାନଙ୍କୁ ଗିରଫ କରାଯାଇଥିବା ଅଭିଯୋଗ କରିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ତଥା ଏନସିପି ନେତା ନୱାବ ମଲ୍ଲିକ । ସେ କହିଛନ୍ତି ଗତ ଏକ ମାସ ହେବ ମୁମ୍ବାଇର ସବୁ କ୍ରାଇମ୍ ରିପୋର୍ଟର ମାନଙ୍କ ପାଖରେ ଖବର ବୁଲୁଥିଲା ଯେ, ଆଗାମୀ ଟାର୍ଗେଟ ଶାହରୁଖ ଖାନ୍ ବୋଲି । ବିଜେପି ଜାଣିଶୁଣି ଏନସିବିକୁ ହାତ କରି ଶାହରୁଖଙ୍କୁ ଟାର୍ଗେଟ କରିଥିବା ଅଭିଯୋଗ କରିଛନ୍ତି ମନ୍ତ୍ରୀ ନୱାବ ମଲ୍ଲିକ । ସୋସିଆଲ ମିଡିଆରେ ଭିଡିଓ ସେୟାର କରି ଏନସିବିକୁ ଟାର୍ଗେଟ କରିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ତଥା ଏନସିପି ନେତା ନୱାବ ମଲ୍ଲିକ । ଲଗାତାର ୩ଦିନ ଧରି ସାମ୍ବାଦିକ ସମ୍ମିଳନୀ କରି ଏନସିବି ଏବଂ ବିଜେପିକୁ ଟାର୍ଗେଟ କରିଛନ୍ତି ମନ୍ତ୍ରୀ । ସେ କହିଛନ୍ତି ଜାଣିଶୁଣି ସୁପରଷ୍ଟାର ଶାହରୁଖ ଖାନଙ୍କୁ କରାଯାଉଛି ଟାର୍ଗେଟ୍ । କ୍ରୁଜରେ ଡ୍ରଗ୍ସ ପାର୍ଟି ସମୟରେ ଏନସିବି ଚଢାଉ କରି କେତେ ଜଣଙ୍କୁ ଗିରଫ କରିଛି ସେ ତଥା ଏନସିବି ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ପାଖରେ କିପରି ନାହିଁ ବୋଲି ମନ୍ତ୍ରୀ ନୱାବ ମଲ୍ଲିକ ପ୍ରଶ୍ନ କରିଛନ୍ତି । ସେହିପରି ଘଟଣାରେ ୧୧ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୩ଜଣଙ୍କର ବିଜେପି ଲିଙ୍କ ଥିବାରୁ ସେମାନଙ୍କୁ ଏନସିବି ଛାଡି ଦେଇଥିବା ଅଭିଯୋଗ କରିଛନ୍ତି ମନ୍ତ୍ରୀ । ଏହାକୁ ନେଇ ଏକ ଭିଡିଓ ସେୟାର କରି ଏନସିବି ଏକ ଠକ ସଂସ୍ଥା ବୋଲି କହିଛନ୍ତି ନୱାବ ମଲ୍ଲିକ । ସେପଟେ ନିଜ ଉପରେ ଲାଗିଥିବା ସବୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛି ଏନସିବି । ଶନିବାର ସାମ୍ବାଦିକ ସମ୍ମିଳନୀ କରି ଏନସିବି କହିଛି ଏଭଳି ଅଭିଯୋଗକୁ ଦୁର୍ଭାଗ୍ୟଜନକ । ପ୍ରମାଣ ରଖି ଏନସିବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ବୋଲି ଏନସିବି କହିଛି । ଅକ୍ଟୋବର ୨ରେ ଏନସିବି ଯେଉଁ ରେଡ୍ କରିଥିଲା ତାହା ନିୟମ ଅନୁଯାୟୀ ହୋଇଛି । ଏହି ମାମଲାରେ ଏଯାବତ ୧୮ ଜଣ ଗିରଫ ହୋଇଛନ୍ତି । ପଚରା ଉଚରା ପରେ ଏଯାବତ ୬ ଜଣଙ୍କୁ ଛଡା ଯାଇଛି । ହେଲେ ଆବଶ୍ୟକ ପଡିଲେ ସେମାନେ ଜେରାରେ ସାମିଲ ହେବେ ବୋଲି ଏନସିବି ମୁମ୍ବାଇ ଜୋନାଲ ହେଡ୍ ସମୀର ୱାଙ୍ଖଡେ କହିଛନ୍ତି । ଯେଉଁମାନେ ଅଭିଯୋଗ ଆଣୁଛନ୍ତି ଆଣିପାରିବେ ତାହା ତାଙ୍କର ବ୍ୟକ୍ତିଗତ ମତ ବୋଲି ସମୀର କହିଛନ୍ତି । ଏନସିବି ସମସ୍ତ ପ୍ରମାଣ କୋର୍ଟରେ ଦେବ ବୋଲି ସେ କହିଛନ୍ତି । ସେପଟେ ଡ୍ରଗ୍ସ ମାମଲାରେ ମୁମ୍ବାଇ କୋର୍ଟ ଆରୟନ ଖାନଙ୍କ ସମେତ ୮ଜଣଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହେପାଜତକୁ ପଠାଇଛି । ଆର୍ଥର ରୋଡ ଜେଲରେ ଅଛନ୍ତି ସୁପରଷ୍ଟାର ଶାହରୁଖ ଖାନଙ୍କ ପୁଅ ଆରୟନ ଖାନ୍ ।

## ବଙ୍ଗୋପସାଗରରେ ସକ୍ରିୟ ହେଉଛି ଘୂର୍ଣ୍ଣିବଳୟ

### ୪-୫ ଦିନ ମଧ୍ୟରେ ଅଧିକ ଘନୀଭୂତ ହେବା ସମ୍ଭାବନା



ଭୁବନେଶ୍ୱର,୦୯/୦୯(ନି.ପ୍ର): ବଙ୍ଗୋପସାଗରରେ ସକ୍ରିୟ ହେଉଛି ଘୂର୍ଣ୍ଣିବଳୟ । ଉତ୍ତର ଆଣ୍ଡାମାନ ସାଗର ଓ ଆଖପାଖ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ସମୁଦ୍ର ପତନଠାରୁ ୩.୧ କିଲୋମିଟରରୁ ୫.୮କିଲୋମିଟର ମଧ୍ୟରେ ବାୟୁମଣ୍ଡଳରେ ଏହା ସକ୍ରିୟ ରହିଛି । ଯାହା ପ୍ରଭାବରେ ଆଗାମୀ ୪୮ ଘଣ୍ଟାରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ପରବର୍ତ୍ତୀ ସମୟରେ ଏହି ସମ୍ଭାବ୍ୟ ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ । ୪ରୁ ୫ଦିନ ଯାଏଁ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ମୁହାଁ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ତେଣୁ ରାଜ୍ୟରେ ମୌସୁମୀ ପ୍ରତ୍ୟାବର୍ତ୍ତନ ବିଳମ୍ବ ହେବ । ସେହିପରି ଦକ୍ଷିଣ ଚୀନ୍ ସାଗରରେ ସୃଷ୍ଟ ବାତ୍ୟା ଆସନ୍ତା ୧୮ ତାରିଖ ବେଳକୁ ଏକ ଲଘୁଚାପରେ ପରିଣତ ହୋଇ ବଙ୍ଗୋପସାଗରରେ ପ୍ରବେଶ କରିବ ବୋଲି ସ୍କାଏମେଟ୍ ଆକଳନ କରିଛି । ଏପଟେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

## ଶ୍ରୀମନ୍ଦିରରେ ନାବାଳିକାକୁ ଅସଦାଚରଣ : ପୂଜକ ଗିରଫ



ପୁରୀ,୦୯/୦୯ (ନି.ପ୍ର): ଶ୍ରୀମନ୍ଦିର ପରିଦର୍ଶନରେ ଆସିଥିବା ଜଣେ ନାବାଳିକକୁ ଅସଦାଚରଣ ଘଟଣା ଏଠାରେ ଆଲୋଡ଼ନ ସୃଷ୍ଟି କରିଛି । ଶ୍ରୀମନ୍ଦିର ବାହାରେ ଓ ଭିତରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଶ୍ରୀମନ୍ଦିରପରିସରସ୍ଥ ବୁଧିବାମନ ମନ୍ଦିରର ପୂଜକ ସମ୍ପୃକ୍ତ ନାବାଳିକକୁ ଅସଦାଚରଣ କରିବା ଘଟଣା ଲଜ୍ୟାଜନକ ପରିସ୍ଥିତ ସୃଷ୍ଟି କରିଛି । ଘଟଣାକୁ ଶ୍ରୀମନ୍ଦିରର ବରିଷ୍ଠ ସେବାୟତମାନେ ତୀବ୍ର ନିନ୍ଦା କରିଛନ୍ତି । ତେବେ ଘଟଣାର ଅଭିଯୁକ୍ତ ବୁଧିବାମନ ମନ୍ଦିର ପୂଜକ ସଂଗ୍ରାମ ଦାସ(୨୭)କୁ ସିଂହଦ୍ୱାର ଥାନା ପୁଲିସ ପୋସ୍କ ଆକ୍ଟ ଅନୁଯାୟୀ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ ହାଇଦ୍ରାବାଦର ଗୋଟିଏ ପରିବାର ସଦସ୍ୟ ଶ୍ରୀମନ୍ଦିର ପରିଦର୍ଶନରେ ଆସିଥିଲେ । ସମ୍ପୃକ୍ତ ନାବାଳିକା ପରିବାରଲୋକଙ୍କ ସହ ଗତକାଲି ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କ ଦର୍ଶନ ଲାଗି ଯାଇଥିଲେ । ଶୁକ୍ରବାର ଅପରାହ୍ଣ ପ୍ରାୟ ୨ରୁ ତିନିଟା ମଧ୍ୟରେ ବୁଧିବାମନ ମନ୍ଦିରରେ ଦର୍ଶନବେଳେ ସମ୍ପୃକ୍ତ ନାବାଳିକାକୁ ମନ୍ଦିରର ପୂଜକ ଅସଦାଚରଣ କରିଥିବା ତାଙ୍କ ପରିବାର ଲୋକେ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ ।

## ପାର୍ବଣରେ କଟକଣା ନମାନିଲେ ଗିରଫ କରିବ ପୋଲିସ୍

ଭୁବନେଶ୍ୱର,୦୯/୦୯(ନି.ପ୍ର): ଆସନ୍ତାକାଲି ଠାରୁ ପୂଜା ପାଇଁ କୋଭିଡ ନିୟମ ଲାଗୁ ହେବ । ଟୁଇନସିଟିରେ ରାତି ୮ଟାରୁ ସକାଳ ୫ ଟା ଯାଏଁ ନାଇଟ କର୍ଫ୍ୟୁ ଜାରି ରହିବ । ଏହି ସମୟରେ ଅମାନିଆଙ୍କ ପାଇଁ ଜରିମାନା ବ୍ୟବସ୍ଥା ରହିଛି । ଅଧିକ ଅମାନିଆ ହେଲେ ଗିରଫ କରାଯିବ ବୋଲି କହିଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ । ସେ କହିଛନ୍ତି, ଯେପରି ରାତି ୮ଟା ପରେ କଟକ, ଭୁବନେଶ୍ୱରରେ କଟକଣାକୁ କଡ଼ାକଡ଼ି ପାଳନ କରାଯିବା ସହ ଯାଂଚ ଉପରେ ଗୁରୁତ୍ୱ ଦିଆଯିବ । ନିୟମ ଖିଲାପ କଲେ ଅମାନିଆ ଭୋଗିବେ ଦଣ୍ଡ । ଏଥିସହ ଦାଦାବଟିକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । କିଏ ଦାଦାବଟି ଆଦାୟ କରୁଥିବାର ନଜର ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି ଦୁର୍ଗାପୂଜା ବେଳେ ସର୍ତକ ରହିବା ସହ ନିୟମ ପାଳନ କରିବାକୁ ଲୋକଙ୍କୁ ସେ ଅପିଲ କରିଛନ୍ତି । ପାର୍ବଣ ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଅପରାଧୀଙ୍କ ଉପରେ କଡ଼ା ନଜର ରଖିବ କମିଶନରେଟ୍ ପୋଲିସ୍ । ଟ୍ୱିନ୍ ସିଟିରେ ପେଷାଦାର ଅପରାଧୀ ଓ ଅମାନିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ଚିଠାକୁ ନେଇ ତେଜିଲା ଅସନ୍ତୋଷ

ଭୁବନେଶ୍ୱର,୦୯/୦୯(ନି.ପ୍ର): ପଞ୍ଚାୟତ ସଂରକ୍ଷଣ ଚିଠା ତାଲିକାକୁ ନେଇ ବଢିଲା ବିବାଦ । ସମସ୍ୟାର ସମାଧାନ ପାଇଁ ନେତାଙ୍କ ଘରେ ପହଞ୍ଚୁଛନ୍ତି ଅସନ୍ତୁଷ୍ଟ । ସରକାରଙ୍କୁ ଘେରିଲେ ବିରୋଧୀ ବିଜେପି ଓ କଂଗ୍ରେସ । ସଂରକ୍ଷଣ ଆଧାର ବିହୀନ ବୋଲି କହିଛି ବିଜେପି । କଂଗ୍ରେସ କହିଛି ତାଲିକା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ । ବିଜେଡିର ଜବାବ ଅଭିଯୋଗ ଆସିଲେ ତର୍ଜମା କରିବେ ସରକାର । ପଞ୍ଚାୟତ ସଂରକ୍ଷଣକୁ ନେଇ ବଢ଼ିଲା ବିବାଦ । ନେତାଙ୍କ ଘରେ ଜମିଲା ଅସନ୍ତୁଷ୍ଟଙ୍କ ଭିଡ । ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇବା ପରେ ଅନେକଙ୍କ ଆଶା ମଉଳି ଯିବାକୁ ବସିଛି । ବିଶେଷ କରି ଯେଉଁମାନେ ବର୍ଷ ବର୍ଷ ହେଲା, ତୃଣମୂଳ ସ୍ତରରେ ସଂଗଠନ କରୁଥିଲେ, ଓ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଆଶା ରଖିଥିଲେ ସେମାନଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ । ଆଉ ସମସ୍ୟାର ସମାଧାନ ପାଇଁ ନେତାଙ୍କ ଘରେ ପହଞ୍ଚିଛନ୍ତି ଅସନ୍ତୁଷ୍ଟ । ସଂରକ୍ଷଣ ତାଲିକାକୁ ନେଇ ତେଜିଲା ରାଜନୀତି । ବିରୋଧୀଙ୍କ ଅଭିଯୋଗ ତାଲିକା ତ୍ରୁଟିପୂର୍ଣ୍ଣ । ପଞ୍ଚାୟତ ନିର୍ବାଚନ ପାଇଁ ସଂରକ୍ଷଣକୁ ନେଇ, ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ବିଜେପି କହିଛି, ପଞ୍ଚାୟତ ସଂରକ୍ଷଣ ଆଧାର ବିହୀନ ହୋଇଛି । ତରବରିଆ ଭାବେ କରାଯାଇଥିବାରୁ ଅନେକ ଜାଗାରେ ତ୍ରୁଟି ରହିଛି । କଂଗ୍ରେସର ଅଭିଯୋଗ, ସଂରକ୍ଷଣ ତାଲିକା ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ । ନିଜ ସୁବିଧାରେ ତାଲିକା ପ୍ରକାଶ କରାଯାଇଛି । ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ବିଜେଡି କହିଛି, କାହାକୁ ସୁହାଇଲା ଭଳି ସଂରକ୍ଷଣ ହୋଇନାହିଁ । ଆପତି ଅଭିଯୋଗ ଆସିଲେ ସରକାର ତର୍ଜମା କରିବେ । ଆଗାମୀ ପଞ୍ଚାୟତ ନିର୍ବାଚନରେ କେଉଁ ଆସନ, କାହା ପାଇଁ ସଂରକ୍ଷଣ ହେବ ସେନେଇ ଶୁକ୍ରବାର ଜିଲ୍ଲା ସ୍ତରରେ ଚିଠା ତାଲିକା ପ୍ରକାଶ ପାଇଛି । ତେବେ, ୱାର୍ଡ଼ ମେମ୍ବର, ସରପଂଚ, ସମିତି ସଭ୍ୟ, ବ୍ଲକ ଚେୟାରମ୍ୟାନ ପାଇଁ ଯେଉଁମାନେ ଚାହିଁବେ ୧୬ ତାରିଖ ସୁଦ୍ଧା ଆପତି କରିପାରିବେ । ୨୨ ତାରିଖ ସୁଦ୍ଧା ଜିଲ୍ଲାପାଳ ▶▶ପୃଷ୍ଠା ୭

## ୬ ଦିନ ପରେ ମନ୍ତ୍ରୀଙ୍କ ପୁଅକୁ ମାରାଥନ ଜେରା କଲା କ୍ରାଇମବ୍ରାଞ୍ଚ



ନୂଆଦିଲ୍ଲୀ,୦୯/୦୯: ମନ୍ତ୍ରୀଙ୍କ ପୁଅଙ୍କୁ ମାରାଥନ ଜେରା । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଘଟଣାର ୬ ଦିନ ପରେ ଆଜି କ୍ରାଇମବ୍ରାଞ୍ଚରେ ହାଜର ହୋଇଛନ୍ତି ୟୁପି ଲଖୀମପୁର ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ର । ଦୀର୍ଘ ୭ ଘଣ୍ଟା ଧରି ବରିଷ୍ଠ ଅଧିକାରୀମାନେ ତାଙ୍କୁ ପଚରାଉଚରା କରୁଛନ୍ତି । ତଦନ୍ତକାରୀ ଅଧିକାରୀଙ୍କୁ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିବା କୁହାଯାଉଛି । ସେପଟେ ଆସନ୍ତା ୧୮ ତାରିଖରେ ରୋଳରୋକ କରିବାକୁ ଘୋଷଣା କରିଛନ୍ତି ଚାଷୀ ସଂଗଠନ । ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଶେଷରେ କ୍ରାଇମବ୍ରାଞ୍ଚରେ ହାଜର ହେଲେ ଆଶିଷ ମିଶ୍ର । ଘଟଣାର ୬ ଦିନ ପରେ ପହଞ୍ଚିଲେ କ୍ରାଇମବ୍ରାଞ୍ଚ ଅଫିସ । ଦିନ ୧୧ଟା ସୁଦ୍ଧା କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ପହଞ୍ଚିବାକୁ ଥିଲା ସମନ । ଡେଡଲାଇନର ୨୨ ମିନିଟ୍ ପୂର୍ବରୁ ହାଜର ହୋଇଗଲେ ଲଖୀମପୁର ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଆଶିଷ ମିଶ୍ର । କ୍ରାଇମବ୍ରାଞ୍ଚ ଅଫିସରେ ମନ୍ତ୍ରୀଙ୍କ ପୁଅକୁ ଆରମ୍ଭ ହେଲା ପଚରାଉଚରା । ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ସ୍ପେଶାଲ ଇନଭେଷ୍ଟିଗେସନ ଟିମ ସଦସ୍ୟ କଲେ ମାରାଥନ ଜେରା । ଅକ୍ଟୋବର ୩ ତାରିଖ ଅର୍ଥାତ୍ ଘଟଣା ଦିନ ୨ଟା ୩୬ରୁ ୩ଟା ୩୦ ମଧ୍ୟରେ ସେ କେଉଁଠି ଥିଲେ ବୋଲି ପ୍ରଶ୍ନ କରାଯାଇଥିଲା । ହେଲେ ସେ କୌଣସି ଉତ୍ତର ଦେଇନଥିବା କୁହାଯାଇଛି । ଆଶିଷ ମିଶ୍ର କ୍ରାଇମବ୍ରାଞ୍ଚ ନିକଟରେ ପହଞ୍ଚିବା ପରେ ଅନଶନ ଶେଷ କରିଛନ୍ତି ପଞ୍ଜାବ ପିସିସି ସଭାପତି ନବଜ୍ୟୋତ ସିଂହ ସିଦ୍ଧୁ । ମୃତକଙ୍କ ପରିବାର ଓ ଆହତ ଚାଷୀଙ୍କୁ ଭେଟିବା ପରେ ସିଦ୍ଧୁ ଅନଶନରେ ବସିଥିଲେ । ୟୁପି ଲଖୀମପୁର ହିଂସା ପ୍ରତିବାଦରେ ଆସନ୍ତା ୧୮ ତାରିଖରେ ରେଳ ରୋକ କରିବ ଚାଷୀ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ୩ ସରକାରୀ ଅଧିକାରୀ

ଭୁବନେଶ୍ୱର,୦୯/୦୯(ନି.ପ୍ର): ଭିଜିଲାନ୍ସ ବିଭାଗ ଆଜି ୩ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅତର୍କିତ ଚଢ଼ଉ କରିଛି । ସେମାନଙ୍କ ଠାରୁମୋଟ ୧୨ ଲକ୍ଷ ୬୯ ହଜାର ଟଙ୍କା ଜବତ ହୋଇଛି । ସେମାନେ ହେଲେ ବିଧାନ ଚନ୍ଦ୍ର ସାହୁ, ଡ. ପିକେ ମହାପାତ୍ର ଓ ନରୋତମ ବେହେରା । ସୂଚନା ଅନୁସାରେ ଭିଜିଲାନ୍ସ ବିଭାଗ ଆଜି କେନ୍ଦୁଝର ଜିଲ୍ଲା ଶାଳପଡ଼ା ବୈତରଣୀ ଜଳସେଚନ ଡିଭିଜନର ସେକ୍ସନ ଇଂଜିନିୟର ବିଧାନ ଚନ୍ଦ୍ର ସାହୁଙ୍କୁ ୧୦ ଲକ୍ଷ ୫ ହଜାର ଟଙ୍କା ନେଇ ଯାଉଥିବା ବେଳେ ଯାଜପୁର ଜିଲ୍ଲା ପାଣିକୋଇଲି ନିକଟରୁ ଧରିଛି । ଏହା ପରେ ଭିଜିଲାନ୍ସ ବିଭାଗ ଶ୍ରୀ ସାହୁଙ୍କର କଟକସ୍ଥିତ ନିବାସ ଓ କାର୍ଯ୍ୟାଳୟ ତଦନ୍ତ କରିଛି । ରାଉରକେଲାରୁ ଫେରୁଥିବା ବେଳେ ଭୁବନେଶ୍ୱରରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଡ. ପିକେ ମହାପାତ୍ର । ତାଙ୍କ ନିକଟରୁ ୧ ଲକ୍ଷ ୭୫ ହଜାର ଟଙ୍କା ଜବତ ହୋଇଛି । ସେହିପରି ଭିଜିଲାନ୍ସ ବିଭାଗ ବାଲେଶ୍ୱରସ୍ଥିତ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ନରୋତମ ବେହେରାଙ୍କୁ ଧରିଛି । ଶ୍ରୀ ବେହେରା ଭୁବନେଶ୍ୱରକୁ ଆସୁଥିବା ବେଳେ ଟାଙ୍ଗୀ ଛକ ଗେଟ୍ ରେ ଧରାପଡ଼ିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି



ନୂଆଦିଲ୍ଲୀ/ଭୁବନେଶ୍ୱର,୦୯/୦୯ (ନି.ପ୍ର): ନୂଆ ଜ୍ଞାନକୌଶଳ ମାଧ୍ୟମରେ ଗ୍ରାମାଂଚଳକୁ ଉନ୍ନତମାନର କରାଯିବା ସହ ଡ୍ରୋନ୍ ମାଧ୍ୟମରେ ଗାଁର ସବୁ ଲୋକଙ୍କ ଭୂସମ୍ପତିର ମ୍ୟାପିଂ କରିବା ପାଇଁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ସ୍ୱାମୀତ୍ୱ ଯୋଜନାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତରେ ଗାଁରେ ଥିବା ଜମିର ସର୍ଭେ ଏବଂ ଏହାର ରେକର୍ଡ ଅଫ୍ ରାଇଟ ବହୁ ପୁରୁଣା । ଓଡ଼ିଶା ସମେତ ଭାରତରେ ଅନେକ ଜନବସତି ଅଂଚଳରେ ସର୍ଭେ ହୋଇନାହିଁ । ଫଳସ୍ୱରୂପ ରାଜ୍ୟର ଗ୍ରାମାଂଚଳ ମାନଙ୍କରେ ଭୂସମ୍ପତିର ମାଲିକାନାରେ ଥିବା ବ୍ୟକ୍ତି ବିଶେଷମାନଙ୍କ ପାଖରେ ନିଜ ସମ୍ପତିର କୌଣସି ଆଇନଗତ ତଥ୍ୟ ନାହିଁ । ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୪, ୨୦୨୦ରେ ପିଏମ୍ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କରିଥିଲେ । ଡ୍ରୋନ୍ ଟେକ୍ନୋଲୋଜି ମାଧ୍ୟମରେ ଓ ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କୁ ତାଙ୍କ ଭୂସମ୍ପତିର ରେକର୍ଡ ଅଫ୍ ରାଇଟ୍ ପ୍ରଦାନ କରିବା ଥିଲା ଏହାର ଉଦ୍ଦେଶ୍ୟ । ଯାହା ଦ୍ୱାରା ସମ୍ପତିର ମାଲିକଙ୍କୁ ଆଇନଗତ ମାଲିକାନା କାର୍ଡ଼ ପ୍ରଦାନ କରିବ ଏବଂ ଜନବସତି ଜମିରେ ମାଲିକାନାକୁ ମଧ୍ୟ ସ୍ପଷ୍ଟ କରିବ । ଏହି କ୍ରମରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଏହା ଦ୍ୱାରା ଗ୍ରାମାଂଚଳର ନାଗରିକମାନେ ନିଜ ସମ୍ପତିକୁ ଆର୍ଥିକ ଆସେଟ୍ ଭାବେ ବ୍ୟବହାର କରି ଋଣ ▶▶ପୃଷ୍ଠା ୭

## ଦେବଗଡରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ଦିନ ଦେବଗଡ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ୨ ଲକ୍ଷ ୭୦ ହଜାର ଲୋକ ଏହି ସୁବିଧା ପାଇବେ । ପୂର୍ବରୁ ରାଜ୍ୟର ୫ଟି ଜିଲ୍ଲା - ମାଲକାନଗିରି, ସୁନ୍ଦରଗଡ, ବଲାଙ୍ଗୀର, ଗଜପତି ଏବଂ ପୁରୀରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୦ ଲକ୍ଷ ଲୋକ ଏହି ସ୍ମାର୍ଟ ହେଲ୍‌ଥ କାର୍ଡ ପାଇଥିବା ବେଳେ, ୧୦,୬୫୭ ଜଣ ହିତାଧିକାରୀ ବିଭିନ୍ନ ଘରୋଇ ଡାକ୍ତରଖାନାରେ କୋଡ଼ିଏ କୋଟି ଟଙ୍କାର ସ୍ୱାସ୍ଥ୍ୟ ସୁବିଧା ପାଇଲେଣି ହିତାଧିକାରୀ ମାନେ ବିନା ଖର୍ଚ୍ଚରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଉଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବଗଡ ଜିଲ୍ଲାରେ ଆଜି ୭ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏଥିରେ ୫୭୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିବା ବେଳେ ୧୩୬ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଏହି ଅବସରରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦେବଗଡ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ ଏବଂ ଏହା ଓଡିଶା ପାଇଁ ପ୍ରକୃତିର ଏକ ବରଦାନ । ପ୍ରଶାସନକୁ ଲୋକଙ୍କ ନିକଟକୁ ନେବା ପାଇଁ ବିଜୁ ବାବୁ ଏହାକୁ ଏକ ସ୍ୱତନ୍ତ୍ର ଜିଲ୍ଲା କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିଜୁବାବୁଙ୍କ ମହାନ ଉଦ୍ଦେଶ୍ୟକୁ ଆଖିରେ ରଖି ରାଜ୍ୟ ସରକାର ଦେବଗଡରେ ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫-ଟି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ୮୭ ଟି ସରକାରୀ ହାଇସ୍କୁଲର ରୂପାନ୍ତର କରାଯିବ । ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ରାଜ୍ୟସ୍ତରୀୟ ଗୋପବନ୍ଧୁ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୦୯/୦୯(ନି.ପ୍ର): ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ତଥା ଶିକ୍ଷା ଅନୁଷ୍ଠାନ ପଂଚାଶଖା ସ୍ମୃତି ସଂସଦ, ପୂର୍ଣ୍ୟ ଉତ୍କଳ ଫାଉଣ୍ଡେସନ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଫରେଷ୍ଟ ପାର୍କ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀ ଠାରେ ରାଜ୍ୟସ୍ତରୀୟ ୧୪୪ତମ ଗୋପବନ୍ଧୁ ଜୟନ୍ତୀ ସମାରୋହ-୨୦୨୧ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଶ୍ରୀ ନିରଞ୍ଜନ ସାହୁ, ସଦସ୍ୟ, ଓଡ଼ିଶା ଲୋକସେବା ଆୟୋଗ ତଥା ପୂର୍ବତନ ପଶ୍ଚିମାଂଚଳ ରାଜସ୍ୱ ମଣ୍ଡଳ, ମୁଖ୍ୟ ଅତିଥି ଭାବେ ଶ୍ରୀ ରବିନାରାୟଣ ସେନାପତି, ପୂର୍ବତନ ନିର୍ବାଚନ ଆୟୁକ୍ତ, ଓଡ଼ିଶା, ମୁଖ୍ୟବକ୍ତା ଭାବେ ଶ୍ରୀ ମନୋରଞ୍ଜନ ମହାପାତ୍ର, ଅଧ୍ୟକ୍ଷ, ପୂର୍ଣ୍ୟ ଉତ୍କଳ ତଥା ସମ୍ପାଦକ ସାଇଦର୍ଶନ, ବିଶିଷ୍ଟ ଅତିଥି ଭାବେ ଶ୍ରୀ ଗୋପବନ୍ଧୁ ମଲ୍ଲିକ, ପୂର୍ବତନ ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ, ▶▶ପୃଷ୍ଠା ୭

# ଜାଲିଆତିରେ ସର୍ବୋଚ୍ଚ ସୀମା ଟପିଲାଣି ସେବା ସମବାୟ ସମିତି

## ବରଗଡା ସେବା ସମବାୟ ସମିତି ଆଗରେ ଚାଷୀ ଓ ରାଜନେତାଙ୍କ ଧାରଣା




ଧାମନଗର,୯/୧୦ (ନି.ପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ସ୍ଥିତ ବରଗଡା ସେବା ସମବାୟ ସମିତିରେ ଚାଷୀ ଅସନ୍ତୋଷ ଲାଗିରହି ବଢ଼ିବାରେ ଲାଗିଛି। ଗୋଟିଏ ରାଜନୈତିକ ଦଳ ପକ୍ଷରୁ ଆଜି ଚାଷୀ ଆନ୍ଦୋଳନ କରାଯାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମିତି ସମ୍ମୁଖରେ ଧାରଣା ଦିଆଯାଇଛି। ସମିତିର ସମ୍ପାଦକ ଅଶୋକ ବସନ୍ତିଆ ଚାଷୀଙ୍କ ଖାତାର ଋଣ ଟଙ୍କା ପରିମାଣ ବଢ଼ାଇ ନିଜେ ଉଠାଇ ନେଇଥିବା ଅଭିଯୋଗର ସତ୍ୟାସତ ଜଣାଇବା ସହ ସମିତିର ରେଜିଷ୍ଟର ତଥ୍ୟ ବାହାରକୁ ଆସିଲା କିପରି କିଏ ଏହାଭିତରେ ସଟଲ ଅଛନ୍ତି, ସମସ୍ତ ୧୪ଶହ ବହିର କେତେ ଋଣ ପରିମାଣର ବଢ଼ିଛି ଓ ଜିଲ୍ଲାପାଳଙ୍କୁ ଦିଆଜାଇଥିବା ଦାବିପତ୍ର କେତେବାଟ କାର୍ଯ୍ୟକାରୀ ହୋଇଛି ତାହାର ସତ୍ୟାସତ ଜାଣିବାକୁ ଏହି ଧାରଣାରେ ଦାବି କରିଛନ୍ତି। ଯାହାଫଳରେ ଆଜକୁ ୨ ସପ୍ତାହ ହେବ ବରଗଡା ସମବାୟ ସମିତିର ଅଚଳାବସ୍ଥା ଜାରି ରହିଥିବା ଜଣାଯାଇଛି। ସୂଚନା ଥାଉକି; ବରଗଡା ସେବା ସମବାୟ ସମିତିର ସମ୍ପାଦକ ଅଶୋକ ବସନ୍ତିଆ ଚାଷୀଙ୍କ ନାମରେ ଋଣ ଜାଲିଆତି କରିଥିବା ଅଭିଯୋଗ କରି ୨ଗୋଷ୍ଠି ପକ୍ଷରୁ ସମିତି ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମିତିରେ ଚାବି ପକାଯାଇଛି। ଏହି ସମିତିରେ ପ୍ରାୟ ୧୪ଶହ ଜଣ ଚାଷୀ ଅଛନ୍ତି। ସେଥିମଧ୍ୟରୁ ୯ ଶହ ୫୦ ଜଣ ଚାଷୀ ପ୍ରତିବର୍ଷ ବିଭିନ୍ନ ପ୍ରକାର ଋଣ ନେଇଥାନ୍ତି। ଅନ୍ୟ ୪ଶହ ୫୦ ଜଣ ଚାଷୀ ସେବା ସମବାୟ ସମିତିକୁ ଆସିନାହାନ୍ତି କିମ୍ବା ସମିତିରୁ ଋଣ ନେବା ଦୂରରକଥା ସମିତି କିଭଳି ଦେଖିନାହାନ୍ତି ତାଙ୍କରି ନାମରେ ସମ୍ପାଦକ ଜାଲିଆତି କରି ଲକ୍ଷ ଲକ୍ଷ ଟଙ୍କା ଋଣ କରି ଉଠାଇ ନେଇଥିବା କୌଣସି ସୂତ୍ରରୁ ଚାଷୀ ଖବର ପାଇଥିଲେ। ଏନେଇ ଚାଷୀମାନେ ଅସନ୍ତୋଷ ହେବା ସହ ଦୁର୍ନୀତି ନିବାରଣ ଅଧିକାରୀଙ୍କ ଦ୍ୱାରା ଏହାର ତଦନ୍ତ ଦାବି କରିଛନ୍ତି। ସେହିପରି ଯେଉଁ ଚାଷୀ ସମବାୟ ସମିତିରୁ ଋଣ ନେଇଛନ୍ତି ସେମାନଙ୍କ ଋଣ ଖାତା ବା ସଞ୍ଚୟ ଖାତା ଏବଂ ଚେକ୍ ବହି ବର୍ଷ ବର୍ଷ ଧରି ସମ୍ପାଦକ ଦେଉନାହାନ୍ତି। ସମିତିରେ ଚାଷୀଙ୍କ ଖାତା ରଖାଯାଇ ସେମାନଙ୍କର ଖାତା ଋଣ ଟଙ୍କାର ପରିମାଣ ବଢାଇ ଦିଆଯାଇଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ସମବାୟ ସମିତିର ସମ୍ପାଦକ ବହିଷ୍କାର ଦାବି ନେଇ ଜିଲ୍ଲାପାଳଙ୍କ ପାଖରେ ଚାଷୀ ଫେରାଦ ହୋଇଥିବାବେଳେ ପ୍ରଥମ ଗୋଷ୍ଠି ସମବାୟ ସମିତି ଆଗରେ ତାଲା ପକାଇ ଅନଶନ କରିଥିଲେ। ଏନେଇ ସମିତିର ସମ୍ପାଦକ ଧୂଷୁରୀ ଥାନାରେ ଏତଲା ଦେଇଥିଲେ। ଥାନାଧିକାରୀ ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ଗତ ୨୯ ତାରିଖରେ ତାଲା ଭଙ୍ଗାଯାଇଥିଲା। ଉଭୟ ଗୋଷ୍ଠିଙ୍କର ଅଭିଯୋଗ କ୍ରମେ ଧାମନଗର ଶାଖା ପରିଚାଳକ ପହଞ୍ଚି ଉଭୟ ଗୋଷ୍ଠି ସହିତ ଆଲୋଚନାକରି ୭ଦିନ ମଧ୍ୟରେ କାହାର କେତେ ଟଙ୍କା ଅନିୟମିତତା ହୋଇଛି ଜଣାଇବାପାଇଁ ପ୍ରତିଶୃତି ଦେଇଥିଲେ। ଏହାଭିତରେ ୭ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ପୁଣି ୫ତରିଖ ମଙ୍ଗଳବାର ପୂର୍ବତନ ସରପଞ୍ଚ ସୁବାଷ ଚନ୍ଦ୍ର ମହାକୁଡଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଆସି ସମବାୟ ସମିତିରେ ପହଞ୍ଚି ଖାତା ଓ ଚେକ୍ ବହି ସମ୍ପାଦକ ରଖିଥିବାବେଳେ ତାହାକୁ ଚାଷୀ ନେବା ପାଇଁ ଦାବି କରିଥିଲେ। ଧାମନଗର ବ୍ଲକ ଅଧିନରେ ୧୨ ସୋସାଇଟି ଥିବାବେଳେ ସେଥିମଧ୍ୟରୁ ବରଗଡ଼ା, ଭଗବାନପୁର, ଡ଼ଳାଙ୍ଗ, ଚୁଡ଼ାକୁଟି, ଧୁଷୁରୀ ସମେତ କେତେକ ସେବା ସମବାୟ ସମିତିର ସମ୍ପାଦକଙ୍କ ବିଭିନ୍ନ ଅନୀୟମିତତା ଓ ଜାଲିଆତିର ଅଭିଯୋଗକୁ ନେଇ ଧାମନଗର ଅଂଚଳରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସାଧାରଣରେ ଦାବୀ ହେଉଛି।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରେରଣା ଦାୟୀ ବକ୍ତୃତା ଅନୁଷ୍ଠିତ

ନୂଆପଡ଼ା,୯/୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗର ମିଳିତ ଉଦ୍ୟମରେ ପରିବେଶ ସଚେତନ ସମ୍ବନ୍ଧରେ ଏକ ପ୍ରେରଣାଦାୟୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ଼. ଅନୁପମା ପାଢ଼ୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସିଏସଆଇଆଇ (ନେରୀ)ର ବିଶିଷ୍ଟ ବୈଜ୍ଞାନିକ ଡ଼. ତୁହିନ ବାନାର୍ଜୀ, ସମ୍ମାନିତ ଅତିଥି ଭାବେ ବୋଡ଼େନ ବିଜୁ ପଟ୍ଟନାୟକ କଲେଜର ପ୍ରାଧ୍ୟାପକ ସାମୁଏଲ ଦାନୀ, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ତରୁଣ କୁମାର ପ୍ରଧାନ ଯୋଗଦାନ କରିଥିଲେ। ଅଧ୍ୟାପିକା ଓ ଇକୋକ୍ଲବର ସଂଯୋଜିକା ରାଜଲକ୍ଷ୍ମୀ ରଥ ମଂଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଦୂଷିତ ଜଳ ବିଶୋଧକ ଉପରେ ପ୍ରେରଣା ଦାୟୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେ ନମାମି ଗଙ୍ଗେ ଠାରୁ ଆରମ୍ଭ କରି ଡ୍ରେନ ପାଣି ବିଶୋଧନ ପର୍ଯ୍ୟନ୍ତ ବୈଜ୍ଞାନିକ ପଦ୍ଧତିରେ ବିଶୋଧକ ଓ ଉପଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ସେ ତାଙ୍କର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେହିପରି ପ୍ରାଧ୍ୟାପକ ସାମୁଏଲ ଦାନୀ ମଧ୍ୟ ଜଳ ପ୍ରଦୂଷଣ ଉପରେ ବିଶେଷ ବକ୍ତବ୍ୟ ରଖିଥିଲେ। ଏଥିରେ ଇକୋକ୍ଲବର ସମସ୍ତ ସଦସ୍ୟ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ସହିତ ରସାୟନ ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଶେଷରେ ଅଧ୍ୟାପିକା ସନ୍ତୋଷୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋରେଇ,୯/୧୦ (ନି.ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅର୍ନ୍ତଗତ ଅମୃତିଆ ପଂଚାୟତର ରଙ୍ଗରଙ୍ଗା ଗ୍ରାମର ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଚକ୍ରଧର ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ୧୯୯୨ ମସିହାରୁ ଉକ୍ତ ବିଦ୍ୟାଳୟରୁ ଶିକ୍ଷକତା କରିଥିବା ଶ୍ରୀ ବାରିକ ବିଦ୍ୟାଳୟର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରିଥିଲେ। ଜଣେ ଛାତ୍ର ବତ୍ସଳ ଓ ସ୍ନେହୀ ଶିକ୍ଷକ ଭାବେ ସମଗ୍ର କୋରାଇ ଅଂଚଳରେ ସେ ପରିଚିତ ଥିଲେ। କର୍ମମୟ ଜୀବନ ଆରମ୍ଭରୁ ବିଦ୍ୟାଳୟର ଉନ୍ନତି ନିମନ୍ତେ ସେ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଜଣେ ତ୍ୟାଗି ଓ ପରୋପକାରୀ ଶିକ୍ଷକଙ୍କ ଏ ଯୁଗରେ ଜବନିକା ପଡିଲା ବୋଲି ବକ୍ତାମାନେ ମତବ୍ୟକ୍ତ କରିବା ସହିତ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିଥିଲେ।

ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ଅର୍ଜ୍ଜୁନ ଚରଣ ପଣ୍ଡା, କୀର୍ତନ ଚରଣ ଦାଶ. ସରପଂଚ ଜୟନ୍ତୀ ସାମଲ ଅତିଥି ଭାବେ ଯୋଗଦେଇଥିବା ବେଳେ ନଟବର ପତ୍ରୀ, ବାବନ ଚରଣ ସାହୁ, ପାଗଳ ଚରଣ ପଣ୍ଡା, ଶଶଧର ସାହୁ, ନଟବର ସ୍ୱାଇଁ, ଶ୍ରୀପତି ସାହୁ, ଶ୍ୟାମ ସୁନ୍ଦର ସାହୁ, ପୂର୍ଣ୍ଣ ବେହେରା, ଭୀକାରୀ ଖଟୁଆ, ଚିନ୍ତାମଣି ପଣ୍ଡା, ରାଜ କିଶୋର ମହାପାତ୍ର କୃଷ୍ଣଚନ୍ଦ୍ର ସ୍ୱାଇଁ, ଶରତ ମହାପାତ୍ର, ବୈକୁଣ୍ଠ ପଣ୍ଡା, ରଙ୍ଗାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ କୁମାର ସାହୁ, ଦିଗମ୍ବର ନାୟକ, ଜଳଧର ଖଟୁଆ, ଶରତ ଚନ୍ଦ୍ର ମିଶ୍ର ଝରଣା ପୁହାଣ, କୈଳାସ ନାୟକ, ରବିନ୍ଦ୍ର ସାମଲ, ସୂର୍ଯ୍ୟମଣି ନାୟକ, ଅରୁଣ କୁମାର ନାୟକ, ଜଳଧର ଓଝା, ସ୍ୱାଗତିକା ସାହୁ, ରାମଚନ୍ଦ୍ର ବାରିକ, ଶରତ ପତ୍ରୀ, ସୁଧାଶଙ୍କର ବିଶ୍ୱାଳ ପ୍ରମୁଖ ଯୋଗଦାନ କରିଥିଲେ।

# ନଦୀରେ ବୁଡି ଯୁବତୀଙ୍କ ମୃତ୍ୟୁ : ପୁଲିସର ତଦନ୍ତ ଜାରି

ଧର୍ମଶାଳା,୯/୧୦ (ନି.ପ୍ର): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମରେ ଘଟିଯାଇଛି ଅଘଟଣ। କେଲୁଅ ନଦୀରେ ବୁଡି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଲେ ଏହି ଗ୍ରାମର ବଟକୃଷ୍ଣ ସେଠୀଙ୍କ ଝିଅ କେଶରୀ(୩୪) ବୋଲି ଜଣାପଡିଛି। ଖବର ପାଇ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ଆଜି ପାହାନ୍ତାରେ କେଶରୀ ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅ ନଦୀର ମହାନ୍ତି ସାହି ଛନ୍ଦାକୁ ଶୌଚ ହେବା ପାଇଯାଇଥିଲେ। ସେଠାରେ ଅସାବଧାନତାବଶତଃ ନଦୀ ପାଣିରେ ବୁଡି ଯାଇଥିଲେ। ଦୂରରେ ଥିବା କିଛି ଲୋକେ ଏହା ଦେଖି କେଶରୀଙ୍କୁ ପାଣି ଭିତରୁ ଉଦ୍ଧାର କରିଥିଲେ। ହେଲେ ସେତବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବାଲିଚନ୍ଦ୍ରପୁର ପୁଲିସ ଘଟଣାସ୍ଥଳରେ ପଂହଚି ମୃତକଙ୍କ ଶବ ଜବତ କରିଛି। ଶବ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲର୍କୀରେ କ୍ଲିନ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ

ନୂଆପଡା,୯/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗଣ୍ଡାମେର ପଂଚାୟତ ଲର୍କି ଗ୍ରାମରେ ନେହେରୁ ଯୁବା କେନ୍ଦ୍ର ନୂଆପଡା ଓ ନବ ଜୀବନ ୟୁଥ୍ କ୍ଲବର ମିଳିତ ଉଦ୍ୟମରେ କ୍ଲିନ୍ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କରାଯାଇଥିଲା। ଏଥିରେ ଗ୍ରାମର ଚତୁପାର୍ଶ୍ୱ, ଅଙ୍ଗନୱାଡ଼ି ଘର,କ୍ଲବ୍ ଘର ସବୁ ପ୍ଲାଷ୍ଟିକ ସଫା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ୱାର୍ଡ ମେମ୍ବର ଶିବଶଙ୍କର ବିଶ୍ୱାଳ ଓ ଅଙ୍ଗନୱାଡିକର୍ମୀ ଗୋମତି ଶବର ଯୋଗ ଦେଇଥିଲେ। ଏଥିରେ ଗ୍ରାମର ନବ ଜୀବନ କ୍ଲବ୍ର ସଭାପତି ମହେନ୍ଦ୍ର ନାଗ, ସମ୍ପାଦକ ରଂଜନ ନାଗ, ବିରେନ୍ଦ୍ର ନିଆଲ୍, ଲଳିତ ନିଆଳ, ପ୍ରଦୀପ ବାଗ, ଡୋଳାମଣି ନିଆଲ୍, ବୃନ୍ଦାବନ ବିଶ୍ୱାଳ, ପୂର୍ଣ୍ଣ ନାଗ, ମୋହନ ନିଆଳ, ସୁଦର୍ଶନ ବାଗ, ବିକାଶ ନିଆଳ ଓ ସୁବଦତ୍ତ୍ ରଥ ଏବଂ ନେହେରୁ ଯୁବା କେନ୍ଦ୍ର ନୂଆପଡାର ସ୍ୱେଚ୍ଛାସେବୀ କହ୍ନେଇ ନିଆଳ ଓ ପ୍ରେମଲାଲ୍ ଆଡବଙ୍ଗ ଉପସ୍ଥିତ ଥିଲେ।

# କେନ୍ଦୁଝର ବ୍ୟାଙ୍କ ଅଫ୍ ଇଣ୍ଡିଆ ସମୁହଙ୍କର ଋଣ ପ୍ରସାରଣ କାର୍ଯ୍ୟକ୍ରମ

କେନ୍ଦୁଝର,୯/୧୦ (ନି.ପ୍ର): କେନ୍ଦୁଝର ସ୍ଥାନୀୟ ପୌରପାଳିକା କଲ୍ୟାଣ ମଣ୍ଡପରେ ଭାରତ ସରକାରଙ୍କ ଅର୍ଥ ସେବା ବିଭାଗ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ବ୍ୟାଙ୍କ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଓ ଏହାର ସହଯୋଗୀ ବ୍ୟାଙ୍କ ମାନଙ୍କର ଋଣ ପ୍ରସାରଣ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ଯୋଗ ଦେଇଥିବା ବେଳେ କେନ୍ଦୁଝରର ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ, କେନ୍ଦୁଝରଗଡ ପୌରପାଳିକା ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଂଚଳର ଆଂଚଳିକ ପ୍ରବନ୍ଧକ ଉମେଶ କୁମାର ରଥ ଓ ନାବାର୍ଡର ଉପମହାପ୍ରବନ୍ଧକ ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଶିଳ୍ପଦ୍ୟୋଗିଙ୍କୁ ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବାପାଇଁ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ସହିତ କୃଷି ଓ କୃଷି ସମ୍ବନ୍ଧିତ ଆନୁଷଙ୍ଗିକ ଋଣ, ମୁଦ୍ରା ଯୋଜନାରେ ଉପଲବ୍ଧ ଋଣ ଓ ଖୁଚୁରା ଋଣ ଆଦି ପାଇଁ ଭାରତ ସରକାରଙ୍କ ଅର୍ଥ ବିଭାଗର ଏହି ପ୍ରୟାସକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ବିଭିନ୍ନ ବ୍ୟାଙ୍କ ତରଫରୁ କମ୍ ସୁଧରେ ଋଣ ଯୋଗାଇବା ସହ ସେମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଭାଇ ଭଉଣୀ ମାନଙ୍କ ଭିତରେ ହାତ ପାଆନ୍ତାରେ ଋଣ ଉପଲବ୍ଧ କରିବାର ଏହି ପ୍ରୟାସରେ କେନ୍ଦୁଝରରେ ବ୍ୟାଙ୍କିଙ୍ଗ ସେବା ଯୋଗାଉ ଥିବା ସମସ୍ତ ବ୍ୟବସାୟୀକ ବ୍ୟାଙ୍କ ମାନେ ସେମାନଙ୍କର ଏହି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ବିଶ୍ୱ ଶିକ୍ଷକ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀଙ୍କୁ ମାସ୍କ ବଂଟନ

କୋରେଇ,୯/୧୦ (ନି.ପ୍ର): ଶିକ୍ଷା ହିଁ ପ୍ରଗତୀର ମାପକାଠି ଓ ଶିକ୍ଷକ ମାନେ ହେଲେ ପ୍ରକୃତରେ ବିଶ୍ୱର ନିର୍ମାତା। ପବିତ୍ର ବିଶ୍ୱ ଶିକ୍ଷକ ଦିବସ ଉପଲକ୍ଷେ ଭୁଇଁପୁର ପଂଚାୟତର ବାଙ୍କସାହି ଗ୍ରାମର ଭରତ ଚନ୍ଦ୍ର ଦଳେଇଙ୍କ ଦ୍ୱାରା ସ୍ଥାନୀୟ ଆଂଚଳିକ ପ୍ରାଥମିକ ବିଦ୍ୟାଳୟରେ ଏକ ମାସ୍କ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଙ୍ଗାଧର ବାରିକ ପିଲା ମାନଙ୍କୁ ମାସ୍କ ବଂଟନ କରିଥିଲେ।

ବିଦ୍ୟାଳୟର ଶିକ୍ଷକ ନିରଂଜନ ନାୟକ, ନିରଂଜନ ସେଠୀ, ତାପସ କୁମାର ନନ୍ଦ, ଜ୍ୟୋତିର୍ମୟୀ ବିଶ୍ୱାଳ, ଅଶୋକ କୁମାର ବିଶ୍ୱାଳ, ଶରତ ଚନ୍ଦ୍ର ରାୟ, ତାରିଣୀ ଶଙ୍କର ମହାପାତ୍ର, ଅନିରୁଦ୍ଧ ସାହୁ, ଅର୍ଜୁନ ସ୍ୱାଇଁ, ଭାଗିରଥି ନାଥ, ଅଲେଖ ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ମିଲେଟ ଶକ୍ତି ଟିଫିନ ସେଂଟର ଉଦ୍‌ଘାଟିତ

ଜୟପୁର,୯/୧୦ (ନି.ପ୍ର): ଲିମା ଗ୍ରାମ ପଂଚାୟତ ନୁଆଗୁଡା ଗ୍ରାମ ଠାରେ ବାମନ ଦେଇ ପ୍ରଡ୍ୟୁସର କମ୍ପାନି ଓ ଏମଏସ ସ୍ୱାମିନାଥନ ରିସର୍ଚ୍ଚ ଫାଉଣ୍ଡେସନ ଜୟପୁର ମିଳିତ ଆନୁକୁଲ୍ୟରେ ମିଲେଟ ଶକ୍ତି ଟିଫିନ ଉଦଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁନ୍ଦୁରା ସହ କୃଷିଅଧିକାରି ଅଇନି କୁମାର ବିଷୋୟୀ ଯୋଗେ ଦେଇ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲିମା ସରପଂଚ ଧନପତି ପରଜା, ଏମ,ଏସ ସ୍ୱାମାନାଥନ ରିସର୍ଚ୍ଚ ଫାଉଣ୍ଡେସନର ସଂଯୋଜକ ପ୍ରଶାନ୍ତ କୁମାର ପରିଡା, ବୈଜ୍ଞୋନିକ କାଉକ ଚରଣ ଲେଙ୍କା, ପ୍ରତାପ ଜେନା ସହ ମିଶନ ଶକ୍ତି ବ୍ଲକ ସଂଯୋଜକ, ଓାସ ନର ଆଂଚଳିକ ସଂଯୋଜକ ଏବଂ ଜିଲା ସଂଯୋଜକ ପ୍ରମୁଖ ଉପସ୍ଥିତ ରହି ଲୋପ ପାଇଯାଉଥିବା କ୍ଷୁଦ୍ର ଶସ୍ୟ ରେ ତିଆରି କରାଯାଉଥିବା ବିଭିନ୍ନ ମୁଲ୍ୟଯୁକ୍ତ ଖାଦ୍ୟ ଓ ତାର ଉପକାରିତା ମଣିଷର ସ୍ୱାସ୍ଥ୍ୟରେ ଉନ୍ନତ ପ୍ରଭାବ କପାଉଥିବା ବିଷୟ ଆଲୋକପାତ କରିଥିଲେ। ମାଣ୍ଡିଆ, ସୁଆଁ, ଓ କାଙ୍ଗୁରେ ତିଆରି କରାଯାଇଥିବା ମାଣ୍ଡିଆ ପୁରୀ, ଇଡିଲି, ବରା, ପକୁଡି ଓ ଜିଲାପି କୁ ବିକ୍ରି କରାଯାଇଥିଲା। ଏହି କାଯ୍ୟକ୍ରମକୁ ବାମନ ଦେଇ ପ୍ରଡ୍ୟୁସର କମ୍ପାନି ନିଦ୍ଦେଷକ ରାଇମତି ଘିଉରିଆ ପରିଚାଳନା କରିଥିଲେ।

# କେନ୍ଦୁଝରରେ ୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ବନ୍ୟପ୍ରାଣୀର ସୁରକ୍ଷା ପାଇଁ ସମସ୍ତେ ତତ୍ତ୍ୱାବଧାରକ ସାଜିବାକୁ ଆହ୍ୱାନ

କେନ୍ଦୁଝର,୯/୧୦ (ନି.ପ୍ର): ବନ୍ୟପ୍ରାଣୀଙ୍କର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ତତ୍ତ୍ୱାବଧାରକ ସାଜିବାକୁ କେନ୍ଦୁଝର ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଧନରାଜ ଏଚ୍.ଡି. ଆହ୍ୱାନ ଜଣାଇଛନ୍ତି। କେନ୍ଦୁଝର ବନଖଣ୍ଡ ଓ ବନ୍ୟପ୍ରାଣୀ ଡିଭିଜନ ଆନୁକୂଲ୍ୟରେ ଚଳିତ ଅକ୍ଟୋବର ୮ ତାରିଖ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ୬୭ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ଧନରାଜ ଏହି ଆହ୍ୱାନ ଜଣାଇଛନ୍ତି। ଉଦ୍‌ବୋଧନ ଛଳରେ ଶ୍ରୀ ଧନରାଜ ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରି କହିଥିଲେ ଯେ ଶାନ୍ତି ଓ ଅହିଂସାର ଉପାସକ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପୂଣ୍ୟ ଜନ୍ମ ତିଥିରୁ ବନ୍ୟପ୍ରାଣୀ ସପ୍ତାହ ପାଳନ ହୋଇଥାଏ। ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ମାନବ ସମାଜ ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହେଉଛି ଏହାର ଉଦ୍ଦେଶ୍ୟ। ଉଭୟ ମାନବ ସମାଜ ଓ ବନ୍ୟପ୍ରାଣୀ ଭଗବାନଙ୍କ ଅନବଦ୍ୟ ସୃଷ୍ଟି। ସମାଜର ତଥା ଦେଶର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବନ୍ୟପ୍ରାଣୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ମାନବ ସମାଜର ଅଭିବୃଦ୍ଧି ଓ ସମୃଦ୍ଧି ଜୈବ ବିବିଧତା ଉପରେ ନିର୍ଭରଶୀଳ। ବର୍ତମାନ ପରିପ୍ରେକ୍ଷୀରେ ବନ୍ୟପ୍ରାଣୀ ମାନଙ୍କର ସଂରକ୍ଷଣ, ସୁରକ୍ଷା ଏବଂ ଅଭିବୃଦ୍ଧି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଜୈବ ବିବିଧତା ଦୃଷ୍ଟିରୁ କେନ୍ଦୁଝର ଜିଲ୍ଲା ଏକ ସମୃଦ୍ଧ ଜିଲ୍ଲା। ଏହାର ଖଣିଜ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଚଳିତବର୍ଷର ଶୀର୍ଷକ ଅନୁଯାୟୀ ଜଙ୍ଗଲ ଅଂଚଳରେ ରହୁଥିବା ଲୋକମାନଙ୍କର ଜୀବିକା ଏବଂ ଏହାର ମାନ ବୃଦ୍ଧି ପାଇଁ ଗୁରୁତ୍ୱାରୋପ କରାଯାଇଛି। ପ୍ରକୃତି ମାନବ ସମାଜକୁ ବିବିଧ ମତେ ସେବା ଯୋଗାଇଛି। କେନ୍ଦୁଝର ଜିଲ୍ଲାରେ ଖଣି କାର୍ଯ୍ୟକଳାପ ବହୁଳ ମାତ୍ରାରେ ଚାଲିଥିବାରୁ ପ୍ରକୃତି ଓ ପରିବେଶର ସୁରକ୍ଷା ସହିତ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବିଶେଷ କରି କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ହାତୀମାନଙ୍କର ଚଳପ୍ରଚଳକୁ ଦୃଷ୍ଟିରେ ରଖି ସେମାନଙ୍କର ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଅବତାରଣା କରିଥିଲେ। ହାତୀ କରିଡର ନିର୍ମାଣ,ଟ୍ରେଂଚ ବ୍ୟବସ୍ଥା, ହାତୀ ଦ୍ୱାରା ଜନବସତିରେ ହେଉଥିବା କ୍ଷୟକ୍ଷତିର ଭରଣା ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ବିଶଦ ଭାବେ ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ବନ୍ୟଜନ୍ତୁ ତଥା ହାତୀ ଦ୍ୱାରା କିପରି ପ୍ରକୃତି ଓ ପରିବେଶର ସୁରକ୍ଷା ହେଉଛି ସେ ସଂପର୍କରେ ଅବତାରଣା କରିଥିଲେ। ଜିଲ୍ଲାରେ ଖଣି କାର୍ଯ୍ୟ, କୃଷି କାର୍ଯ୍ୟ ସହିତ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ସହିତ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ସମସ୍ତେ ସାମୁହିକ ଉଦ୍ୟମ କରିବାକୁ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ଆନନ୍ଦପୁର ଅଜିତ ଶତପଥି ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପ୍ରକୃତି ଓ ମାନବ ସମାଜ ପରସ୍ପର ପରିପୂରକ, ଯାହାକି ଆଦିମ କାଳରୁ ପ୍ରମାଣିତ ହୋଇସାରିଛି। ଆଦି ଯଦି ଏକ ମହାର୍ଘ ଜୀବନ ମିଳିଥାଏ, ତେବେ ତାହା ପଛରେ ରହିଛି ପ୍ରକୃତିର ଅବଦାନ ଓ ଜୀବଜଗତର ଅବଦାନ। ବିଶ୍ୱ ଉତପ୍ତିକରଣ, ଜଳବାୟୁ ପରିବର୍ତନ, ଜନସଂଖ୍ୟା ବିସ୍ଫୋରଣ ଏବଂ ମଣିଷର ସ୍ୱେଚ୍ଛାଚାର ଯୋଗୁଁ ଆଜି ପ୍ରକୃତି, ପରିବେଶ ଓ ବନ୍ୟଜନ୍ତୁ ସଂକଟରେ। ଯେଉଁଥି ପାଇଁ ପରିବେଶ ଓ ପ୍ରକୃତି ଆଦି ଅବକ୍ଷୟମୁଖୀ ଏବଂ ଅନେକ ବନ୍ୟପ୍ରାଣୀ ବିଲୁପ୍ତିପ୍ରାୟ। ଏହା ସମଗ୍ର ବିଶ୍ୱ ପାଇଁ ସତର୍କ ଘଂଟି। ପ୍ରକୃତି ବଂଚିଲେ ଜୀବଜଗତ ବଂଚିବ। ବଣ ପାହାଡ ଘେରା କେନ୍ଦୁଝର ଜିଲ୍ଲାର ପ୍ରକୃତି, ପରିବେଶ ଓ ବିକାଶର ସମ୍ଭାବନା ଅତୀବ ଚମତ୍କାର। ଏଣୁ ଚଳିତ ବର୍ଷ ବନ୍ୟପ୍ରାଣୀ ସପ୍ତାହର ଶୀର୍ଷକକୁ ଆଧାର କରି ଲୋକମାନଙ୍କର ଜୀବିକା କିପରି ଅଭିବୃଦ୍ଧି ଘଟିବ ଏବଂ ପ୍ରକୃତି ସୁରକ୍ଷିତ ରହିବା ସହିତ ବନ୍ୟପ୍ରାଣୀମାନଙ୍କୁ ସୁରକ୍ଷା ନିମି ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସୂଚନା ଦେଇଥିଲେ। ଏସିଏଫ୍ ଏନ୍‌ଫୋର୍ସମେଟଂ ଏଣ୍ଡ କ୍ରାଇମ କଂଟ୍ରୋଲ ଅଜୟ କୁମାର ସାହୁ ବନ୍ୟପ୍ରାଣୀ ସପ୍ତାହ ପାଳନ ସଂପର୍କିତ ଆନୁସଙ୍ଗିକ ପ୍ରସଙ୍ଗ, ପ୍ରକୃତି ଓ ବନ୍ୟପ୍ରାଣୀ ସୁରକ୍ଷା ନିମିତ ଥିବା ଆଇନକାନୁନ ଓ ସାମ୍ବିଧାନିକ ବିଧି ବ୍ୟବସ୍ଥା ସଂପର୍କରେ ଅବତାରଣା କରିଥିଲେ। ବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପରିବେଶବିତ ଡ଼ଃ ବିମ୍ବାଧର ବେହେରା ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ ପ୍ରଗତି ସହିତ ପ୍ରକୃତି ଓ ପରିବେଶ ସମାନ୍ତରାଳ ହେବା ଦରକାର। ଦୀର୍ଘ ବର୍ଷର ଅଭିଜ୍ଞତା, ଅନୁଭବ ଓ ଉପଲବ୍ଧିକୁ ଆଧାର କରି ଡ଼ଃ ବିମ୍ବାଧର ବେହେରା କହିଥିଲେ ଯେ ବନ୍ୟପ୍ରାଣୀଙ୍କ ସୁରକ୍ଷା, ସେମାନଙ୍କର ଆଶ୍ରୟସ୍ଥଳୀର ସଂରକ୍ଷଣ ଓ ଉଦ୍ଧାର କାର୍ଯ୍ୟ, ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ ତଥା ସେମାନଙ୍କର ଗତିବିଧି ନିରୀକ୍ଷଣ ଉପରେ ବ୍ୟାପକ ଜନସଚେତନତା ଆବଶ୍ୟକ ବୋଲି କହିଥିଲେ।

# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାନ୍ତି ଅଭ୍ୟାସ ବର୍ଗ- ୨ ଖୋର୍ଦ୍ଧାରେ ଉଦ୍‌ଘାଟିତ

ଖୋର୍ଦ୍ଧା,୯/୧୦ (ନି.ପ୍ର): ଚଳିତ ବର୍ଷ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାନ୍ତ ଅଭ୍ୟାସ ବର୍ଗ(୨) ବୀର ପାଇକ ମାଟି ଖୋର୍ଦ୍ଧାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭ୍ୟାସ ବର୍ଗର ଉଦ୍‌ଘାଟନୀ ଉତ୍ସବରେ ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସଭାପତି ଶ୍ରୀମତୀ ଗାର୍ଗୀ ବାନାର୍ଜୀ, ରାଜ୍ୟ ସମ୍ପାଦକ ଶ୍ରୀମାନ୍ ସୌଭାଗ୍ୟ ମହାନ୍ତି, ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀମାନ୍ ଅଭିଳାଷ ପଣ୍ଡା, ଅଖିଳ ଭାରତୀୟ ଜନଜାତି କାର୍ଯ୍ୟ ପ୍ରମୁଖ ଶ୍ରୀ ଗୋବିନ୍ଦ ନାୟକ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଭାଷଣାରେ ଶ୍ରୀ ଗୋବିନ୍ଦ ନାୟକ ବିଦ୍ୟାର୍ଥୀ ପରିଷଦର କ୍ରମବିକାଶ ଓ ସ୍ୱାଧୀନତାର ଅମୃତ ମହୋତ୍ସବ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ନିକଟରେ ଆଲୋକପାତ କରିଥିଲେ। ଭାରତ ମାତାର ସେବା କରିବା ନିମନ୍ତେ କିଭଳି ଭାବେ ଅଧିକ ସମୟ ଦେବା ଏବଂ ଏଥିନିମନ୍ତେ ସଦା ସର୍ବଦା ଜାଗ୍ରତ ରହିବା ତା' ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାର୍ଥୀ ପରିଷଦର ଇତିହାସ ଓ ବିଦ୍ୟାର୍ଥୀମାନଙ୍କର ଭୂମିକା ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ। ବିଦ୍ୟାର୍ଥୀ ପରିଷଦର ବିଭିନ୍ନ ଦାବି ମାଧ୍ୟମରେ ଆଜି ସେଗୁଡ଼ିକ କିଭଳି ଭାବେ ସମାଜରେ ଫଳପ୍ରଦ ହୋଇପାରିବା ସହିତ ବିଦ୍ୟାର୍ଥୀମାନଙ୍କର ମଧ୍ୟ ସୁବିଧା ହୋଇପାରିଛି ସେ ବିଷୟରେ ସବିଶେଷ ବିବରଣୀ ରଖିଥିଲେ।

# ମା' ସିଦ୍ଧରାମ ପାଣି ପଂଚାୟତ ଗଠିତ

ଭୁବନ,୯/୧୦ (ନି.ପ୍ର): ସେଚାଂଚଳ କୃଷକ ତାଲିମ ଶିବିର ଠାରେ ଆଜି ମା ସିଦ୍ଧରାମ ପାଣି ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ଏନଏସି ର ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ ସଭାପତି, ଭୁବନ ସେବା ସମବାୟ ସମିତିର ପୂର୍ବତନ ସଭାପତି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ପାଦକ ଓ ଶୁଭକାନ୍ତ ବର୍ଦ୍ଧନ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଭୁବନର ଭଦଳିଆ ପଶି, ନଟାକଟା, ବେଠିଆପାଳ, ତାଳଗାଡିଆ, ଗଡଗାଁପୁର ଅଂଚଳର ୧୮ ଜଣ ପଂଜିକୃତ ଚାଷୀ ପ୍ରତିନିଧି ଏହି ନିର୍ବାଚନରେ ଭାଗନେଇଥିଲେ। ୧୧ ଖଣ୍ଡ ଭୋଟ ପାଇ ନନ୍ଦକିଶୋର ସାହୁ ସଭାପତି, ୧୬ ଖଣ୍ଡ ଭୋଟ ପାଇ ପୂର୍ଣ୍ଣଚନ୍ଦ୍ର ସାହୁ ସମ୍ପାଦକ ଓ ୧୧ ଖଣ୍ଡ ଭୋଟ ପାଇ ଶୁଭକାନ୍ତ ବର୍ଦ୍ଧନ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନକୁ ରେଙ୍ଗାଳି ବାମ କେନାଲର କନିଷ୍ଠ ଯନ୍ତ୍ରୀ ସୋମନାଥ ସେଠୀ ଓ ସହକାରୀ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିଲେ। ଜଳ ଓ ଭୂମି ପରିଚାଳନା ସଂସ୍ଥାର ସଂଯୋଜକ ପ୍ରଦ୍ୟୁମ୍ନ ମିଶ୍ର, ଘନଶ୍ୟାମ ମାଝିଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୦ ଅକ୍ଟୋବର, ୨୦୨୧
email : rabibarachayan2015@gmail.com



## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୪୬**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ହାତୀଖେଦା ପୂର୍ବପରି ପ୍ରତିବର୍ଷ ହେଉଅଛି । ପ୍ରତିବର୍ଷ ହାତୀ ଧରାହୋଇ ବିକ୍ରୟ ହେଉଅଛନ୍ତି । ଅନୁଗୁଳର ଅନତିଦୂରରେ ତାଳଚେର କୋଇଲା ଖଣି ଆବିଷ୍କୃତ ହୋଇଅଛି ଓ ତାଳଚେରର ରାଜା ଗୋଟିଏ ସାହେବ କମ୍ପାନୀକୁ (villiers) କୋଇଲା ବାହାର କରିବା ସକାଶେ ପଟ୍ଟା ଦେଇଅଛନ୍ତି । କଟକରୁ ତାଳଚେର ପର୍ଯ୍ୟନ୍ତ ରେଳ ଚାଲିବା ସକାଶେ ପ୍ରାଥମିକ କାର୍ଯ୍ୟାରମ୍ଭ ହୋଇଅଛି । ଅନୁଗୁଳ ଜିଲ୍ଲା ମଧ୍ୟସ୍ଥ ଯେଉଁ ଯେଉଁ ଗ୍ରାମ ଦେଇ ରେଳଲାଇନ ଯିବ, ଯେଉଁସ୍ଥାନରେ ଷ୍ଟେସନ୍‌ମାନ ହେବ, ତାହା ସକାଶେ ଜମି ଦେବା ସମ୍ପର୍କରେ ମୁଁ ନିଯୁକ୍ତ ହେଲି । ୧୯୨୨ ମସିହାରେ ଲାଇନ୍‌ର କାର୍ଯ୍ୟ ଆରମ୍ଭ ହେଲା ।

ଗତଥର ଅନୁଗୁଳରେ ଥିବା ସମୟରେ ମୋ ପୂଝାରୀ ଫୁଲପଡ଼ା ଗ୍ରାମନିବାସୀ କାହ୍ନୁ ତ୍ରିପାଠୀକୁ କିଛି ଜମି ଦେଇଥିଲେ । ଏହି ଥର ଆସି ଦେଖିଲି, ସେ ସରକାରୀ ବାରିକ ମିସ୍ତ୍ରୀ ଦପ୍ତରରେ ଚପରାସୀ କାର୍ଯ୍ୟ କରୁଅଛି । ତାହାର ପୁଅର ବ୍ରତଘରକୁ ମୋତେ ନିମନ୍ତ୍ରଣ କରିଥିଲା ଓ ମୁଁ ସପରିବାର ତାହା ଘରକୁ ଯାଇଥିଲି । ମୋତେ ଘର ବୁଲାଇ ଦେଖାଇ ଦେଲା । ଦେଖିଲି, ଧାନ ଓଳିଆମାନଙ୍କରେ ଘର ପୂର୍ଣ୍ଣ । କେତେ କୃତଜ୍ଞତା ପ୍ରକାଶ କଲା । ଇତିମଧ୍ୟରେ ଅନାବାଦୀ ଜମିକୁ ଆବାଦ କରି ଚାଷ କରୁଛି ଦେଖି ମୋତେ ବଡ଼ ସୁଖ ଲାଗିଲା । ନିଜର ଜମିବାଡ଼ି ଦେଇ କାହାରି ଉପକାର କରିବା ତ ଶକ୍ତି ନାହିଁ । ସରକାରଙ୍କ ଅନାବାଦୀ ଜମି ପଡ଼ିଛି ଓ ତାହା ଗରିବଙ୍କ ମଧ୍ୟରେ ବିତରଣ କରିବା କ୍ଷମତା ଭଗବାନ ମୋ ହସ୍ତରେ ଦେଇଛନ୍ତି । ଏଥିରେ କାର୍ପଣ୍ୟ କାହିଁକି ? ଗସ୍ତରେ ଯିବା ସମୟରେ ଏପରି କେତେକ ସ୍ଥାନ ଦେଖିଲି, ଗତଥର ଅନୁଗୁଳରେ ଥିବା ସମୟରେ ଯେଉଁ ଜଙ୍ଗଲ ଜମିମାନ ପତିତ ହୋଇ ରହିଥିଲା ତହିଁରୁ କେତେକାଂଶ ଆବଦ୍ଧ ହୋଇଅଛି । ଏଥର ଆସି ଦେଖିଲି କୃଷି କ୍ରମେ ବୃଦ୍ଧି ଲାଭ କରୁଅଛି ।

ଏହିଥର ମଧ୍ୟ ମୁଁ ଅନୁଗୁଳରେ ପ୍ରାୟ ତିନିବର୍ଷ ରହିଲି । ମୋର ଚାକିରି ବାର-ତେର ବର୍ଷ ହୋଇଗଲାଣି । ମୋ ସଙ୍ଗର କେତେକ ସବ୍‌ଡେପୁଟି ଡେପୁଟି ହୋଇଗଲେଣି । ମୁଁ ଏପର୍ଯ୍ୟନ୍ତ ସବ୍‌ଡେପୁଟି ହୋଇ ରହିଛି । ଆମ୍ଭ ପ୍ରଦେଶରେ ଡେପୁଟି ଓ ସବ୍‌ଡେପୁଟି ମଧ୍ୟରେ ଯେଉଁ ପାର୍ଥକ୍ୟ ରଖା ହୋଇଅଛି ତାହା ଯୋଗୁଁ ସବ୍‌ଡେପୁଟିମାନେ ସମସ୍ତେ କ୍ଷୁବ୍ଧ । ଉଭୟଙ୍କ ନିଯୁକ୍ତି ସକାଶେ ଗୁଣ ଓ ବିଦ୍ୟାରେ ଆଦୌ ପାର୍ଥକ୍ୟ ନାହିଁ । ଉଭୟେ ଥିବେ ଗ୍ରାଜୁଏଟ୍ । ଅଥଚ ଜଣେ ହେବ ସବ୍‌ଡେପୁଟି ଓ ଜଣେ ହେବ ଡେପୁଟି । ଡେପୁଟି ପାଇବ ଦରମା ଅଢ଼େଇ ଶହ, ଆଉ ସବ୍‌ଡେପୁଟି ପାଇବ ଶହେ । ଡେପୁଟି ଉଠିବ ହଜାରେ ପର୍ଯ୍ୟନ୍ତ ଆଉ ସବ୍‌ଡେପୁଟି ଅଢ଼େଇଶହରେ ବୁଢ଼ା ହେବ । ୧୯୦୪ ମସିହା ପୂର୍ବେ ପ୍ରତିଯୋଗିତାମୂଳକ ପରୀକ୍ଷାର ଫଳ ଉପରେ ଡେପୁଟି ଓ ସବ୍‌ଡେପୁଟି ପଦରେ ନିଯୁକ୍ତି ନିର୍ଭର କରୁଥିଲା । ତାହା ଉତ୍ତାରେ ପରୀକ୍ଷା ଉଠିଗଲା ଓ ମନୋନୟନ ପ୍ରଥା ଜାରି ହେଲା । ଦେଖାଗଲା, ରାୟ ବାହାଦୂର, ରାୟ ସାହେବ ଓ ପୂର୍ବ ସରକାରୀ ଚାକିରିଆଙ୍କ ପୁତ୍ର ଜ୍ଞାତିମାନେ ଅଧିକାଂଶ ଚାକିରି ପାଇଲେ । ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତି ହେଲେ ସବ୍‌ଡେପୁଟି ଓ ନିକୃଷ୍ଟ ଗୁଣ ସମ୍ପନ୍ନ ବ୍ୟକ୍ତି ହେଲେ ଡେପୁଟି । ଏହିପରି ଜିଲ୍ଲା ହାକିମ ଓ କମିଶନରଙ୍କ ଖିଆଲ ଓ ମର୍ଜିମୂଳକ ନିଯୁକ୍ତିରେ ସବ୍‌ଡେପୁଟିମାନେ ଅତ୍ୟନ୍ତ କ୍ଷୁବ୍ଧ ହେବାକୁ ଲାଗିଲେ । ଏହି ନିୟମ ଉଠାଇ ଦେଇ ସବ୍‌ଡେପୁଟି ପଦ ଏକାବେଳକେ ଉଠାଇଦେବା ସକାଶେ ଆନ୍ଦୋଳନ ଆରମ୍ଭ ହେଲା । ଏହି ସମୟରେ ବିଗତ ପୃଥିବୀବ୍ୟାପି ପ୍ରଥମ ଯୁଦ୍ଧ ଯୋଗୁଁ ପଦାର୍ଥ ସକଳ ଦୁର୍ମୂଲ୍ୟ ହୋଇଥିବା ଫଳରେ ସମସ୍ତ ଶ୍ରେଣୀର ସରକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି ସକାଶେ ଗୋଟିଏ କମିଶନ ବସିଥିଲା । ଅନ୍ୟ ଉଦ୍ଦେଶ୍ୟ ଯାହା ଥାଉ, ଗୋରା କର୍ମଚାରୀଙ୍କ ବେତନ ବୃଦ୍ଧି କରିବା ଏହି କମିଶନର ପ୍ରଧାନ ଉଦ୍ଦେଶ୍ୟ ଥିଲା ବୋଲି ସେହି ସମୟରେ ସମସ୍ତଙ୍କ ମନରେ ବିଶ୍ୱାସ ଜାତ ହୋଇଥିଲା । ଲୀ (Lee) ନାମକ ଜଣେ ଗୋରା ସାହେବ ବିଲାତରୁ ଆସି ଏହି କମିଶନର ସଭାପତି ହୋଇଥିଲେ । ସବ୍‌ଡେପୁଟିମାନେ ଏହି ପଦ ଉଠାଇ ଦେଇ ସମସ୍ତେ ଡେପୁଟି ହେବା ସକାଶେ କମିଶନରଙ୍କଠାରେ ଆବେଦନ କଲେ । ଏହାର ଅନ୍ତିମ ମୀମାଂସା ହେବା ପୂର୍ବରୁ ସମସ୍ତ ସବ୍‌ଡେପୁଟିଙ୍କ ଦରମା ଶତକଡ଼ା ୧୫ଟଙ୍କା କରି ବଢ଼ାଇ ଦିଆଗଲା । ପରିଶେଷରେ ସେମାନଙ୍କ ଦରମାର ହାର ସ୍ଥିର ହେଲା । ଗ୍ରେଡ୍ ପ୍ରଥା ଉଠିଯାଇ ସମୟାନୁଯାୟୀ ଦରମାର ସ୍ତର (Time scale) ଧାର୍ଯ୍ୟ ହେଲା । ଶହେଟଙ୍କା ପରିବର୍ତ୍ତରେ ଦେଢ଼ଶହ ଟଙ୍କାରୁ ଆରମ୍ଭ କରି ଅଢ଼େଇଶହ ଟଙ୍କା ପରିବର୍ତ୍ତରେ ଅନ୍ତିମ ସ୍ତର ଚାରିଶହ ଟଙ୍କା ସ୍ଥିର ହେଲା । କିନ୍ତୁ ସବ୍‌ଡେପୁଟି ପଦ ଉଠିଲା ନାହିଁ । ଉଠନ୍ତା କାହିଁକି ? ଯଦି ଲୋକ ମିଳୁନଥାନ୍ତେ ତାହା ହେଲେ ବା ଉଠାଇ ଦେବା ଯୁକ୍ତିସଙ୍ଗତ ହୁଅନ୍ତା; ବା ସରକାର ଉଠାଇ ଦେବା ପାଇଁ ବାଧ ହୁଅନ୍ତେ । 'ଭାତ ବୁଣିଲେ ସହସ୍ରେ କୁଆ' । କାମ ଖାଲିହେବା ଇସ୍ତାହାର ବାହାରିଲା ମାତ୍ରକେ ଡେପୁଟି ସଙ୍ଗେ ସବ୍‌ଡେପୁଟି ଖଣ୍ଡିକ ପାଇଁ ଯେ ବି.ଏ. ଖଣ୍ଡେ ପାଶ୍ କଲା ସେ ଦରଖାସ୍ତ ପକାଇଲା । ଆବଶ୍ୟକତା ଯୋଗାଣ (Demand and supply) ନିୟମ ସର୍ବତ୍ର ପରିଚାଳିତ । ଯଦି ଶସ୍ତାରେ ଲୋକ କାମ କରିବା ପାଇଁ ମିଳିଲେ ଅଧିକ ଦାମରେ କିଏ କିଣିବା ପାଇଁ ଯିବ ? ଇଂରେଜୀ ଶିକ୍ଷା ପାଇ ଭାରତବର୍ଷରେ ଯୁବକମାନେ ଚାକିରି ଛଡ଼ା ଅନ୍ୟ କୌଣସି କାର୍ଯ୍ୟ ସକାଶେ ଉପଯୁକ୍ତ ହେଲେ ନାହିଁ । ଆଉ ଓଡ଼ିଶାର ଶିକ୍ଷିତ ପିଲାଙ୍କ ମଧ୍ୟରେ ଅଧିକାଂଶ ଦରିଦ୍ରଙ୍କ ସନ୍ତାନ । ସ୍କୁଲ କଲେଜ୍‌ରେ ଥିବା ଯାଏ ବାପ କେଉଁଠାରୁ ପଇସା ଆଣି ପୁଅର ଖର୍ଚ୍ଚ ଯୋଗାଇଲା ତାହା ଅନୁସନ୍ଧାନ କରିବା ପାଇଁ ସୁଦ୍ଧା ଯେଉଁ ଯୁବକ ଆବଶ୍ୟକ ମନେ କରିନାହିଁ, କଲେଜରୁ ବାହାରି ସଂସାରରେ ପଡ଼ିବା ମାତ୍ରକେ ତାକୁ ଦଶଦିଗ ଅନ୍ଧକାର ଦିଶିଲା । ମଫସଲକୁ ଫେରିଯାଇ ଚାଷରେ ବିଲରେ କାଦୁଅ ପାଣିରେ ଚକଟି ହେବା ଛଡ଼ା ଆଉ ଉପାୟ ନାହିଁ? ପକ୍କା ହଷ୍ଟେଲ ଗୃହରେ ଚାରି ପାଞ୍ଚବର୍ଷ ରହିଲା ଉତ୍ତାରେ ଗାଁର ମାଟିଘର ଓ ଗୁହାଳର ଗନ୍ଧରେ ଗ୍ରାଜୁଏଟ୍ ଯୁବକର ପ୍ରାଣ ଅତିଷ୍ଠ । ଯେଉଁ ଚାକିରି ମିଳିଲା ତାହା ଗ୍ରହଣ ନକରି ତାହାର ବା ଉପାୟ କ'ଣ ? ଅନେକେ ଏହି ଶିକ୍ଷିତ ଯୁବକମାନଙ୍କୁ ଚାକିରି ପ୍ରତି ମନ ନଦେଇ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ଉପଦେଶ ଦେଇଥାନ୍ତି ଓ ଯେଉଁ ଜଣେ ଦୁଇଜଣ ଶିକ୍ଷିତ ଯୁବକ ବ୍ୟବସାୟରେ କୃତିତ୍ୱ ଅର୍ଜନ କରିଅଛନ୍ତି ସେମାନଙ୍କ ନଜିର ଦେଇଥାନ୍ତି । କିନ୍ତୁ ସେମାନେ ଭୁଲିଯାନ୍ତି ଯେ, ଏହି ନଗଣ୍ୟ ସଂଖ୍ୟକ ବ୍ୟକ୍ତିଙ୍କ ଦୃଷ୍ଟାନ୍ତ ସର୍ବତ୍ର ପ୍ରଯୁଜ୍ୟ ନୁହେଁ । ଏହି ଦିଗରେ ଶିକ୍ଷା, ମୂଳଧନ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ଅସୁବିଧା ଏହି ପଥର ଘୋର ଅନ୍ତରାୟ । ଆମ୍ଭମାନଙ୍କ ସ୍କୁଲ କଲେଜରେ ପ୍ରଚଳିତ ଶିକ୍ଷାପଦ୍ଧତିର ପରିବର୍ତ୍ତନ ନହେବା ଯାଏ ଦେଶରେ ଏହି ପରିସ୍ଥିତି ଅକ୍ଷୁର୍ଣ୍ଣ ରହିଥିବ । ଭାରତର ସ୍ୱାଧୀନତାପ୍ରାପ୍ତି ପରେ ନାନାବିଧ ଉନ୍ନତିମୂଳକ କାର୍ଯ୍ୟମାନ ଅନୁଷ୍ଠିତ ହେଉଅଛି । କିନ୍ତୁ ଶିକ୍ଷା ସମ୍ବନ୍ଧରେ ଆମୂଳ ସଂସ୍କାର ଆବଶ୍ୟକ । ଏହି ଭାର କେବଳ ପ୍ରଦେଶବାସୀ ଶିକ୍ଷାବିତ୍‌ଙ୍କ ହସ୍ତରେ ଆବଦ୍ଧ କରି ନରଖି ସମଗ୍ର ଭାରତର ବିଶେଷଜ୍ଞ ମନୀଷୀମାନଙ୍କ ହସ୍ତରେ ଅର୍ପଣ କରିବାକୁ ହେବ ।

ପ୍ରତିବର୍ଷ ଜଣକେତେ ସବ୍‌ଡେପୁଟି ଡେପୁଟି ପଦକୁ ଉନ୍ନୀତ ହେବା ନିୟମ । ଏହା କେବଳ ଉପର ହାକିମଙ୍କ ସୁପାରିଶ ଉପରେ ନିର୍ଭର କରେ । ଜିଲ୍ଲା ହାକିମ ପ୍ରତିବର୍ଷ ଡେପୁଟି ପଦକୁ ଉନ୍ନତି ପାଇଁ ନିଜ ନିଜ ଅଧୀନସ୍ଥ ସବ୍‌ଡେପୁଟିଙ୍କୁ ମନୋନୀତ କରି ବିଭାଗୀୟ କମିଶନରଙ୍କଠାରୁ ନାମ ପଠାନ୍ତି, କମିଶନର ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ କାଟି ଦିଅନ୍ତି ଓ କେତେକ ବୋର୍ଡ ଅଫ୍ ରେଭେନ୍ୟୁକୁ ପଠାନ୍ତି । ବୋର୍ଡ ଅଫ ରେଭେନ୍ୟୁ ଦପ୍ତରରେ ପୁଣି କାଟ୍‌ଛାଣ୍ଟ ହୋଇ ଯେଉଁମାନଙ୍କ ନାମ ଯାଏ, ଚିଫ୍ ସେକ୍ରେଟେରୀଙ୍କ ଦପ୍ତରରେ ସେଥିରୁ କାଟ୍‌ଛାଣ୍ଟ ହୋଇ ଯେଉଁମାନେ ରହିଯାଆନ୍ତି ସାଧାରଣତଃ ସେମାନେ ଉନ୍ନତି ପାଆନ୍ତି । କୌଣସି ଆଇନ-ସଙ୍ଗତ ବା ନୀତିମୂଳକ ନିୟମରେ ଯେ ଏହି କାଟ୍‌ଛାଣ୍ଟ ହୁଏ ତାହା କ୍ୱଚିତ୍ ଦେଖାଯାଏ । ମୋ ନିଜ ଦୃଷ୍ଟାନ୍ତ ଏହି ଦୁର୍ନିୟମର ପ୍ରମାଣ । (କ୍ରମଶଃ)

## ପର୍ଦ୍ଦା ପଛର କଥା -୮


ଭାଗ-୨୦

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

### 'ଛୋଟ ପରଦାର ମୋହ-୫'

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଛୋଟପରଦାରେ ଏଣ୍ଟ୍ରି ପାଇଁ ସବିତା ଥିଲା ମୋ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଚଳଚ୍ଚିତ୍ରର ଗତି ଓ ପଟ୍ଟକଥା ଲେଖିବାର କୌଶଳ ଧାରାବାହିକ ମାନଙ୍କରେ ନଥାଏ । ଉଭୟଙ୍କ ଗତି, ନାଟକୀୟ ସଂଘାତ, ନାଟକୀୟ ଦ୍ୱନ୍ଦ୍ୱର ସମୟ ପରିସୀମା ଭିନ୍ନ ହେବାକୁ ବାଧ । ଯେମିତି ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ । ନାଟକ ଓ ଏକାଂକିକା ଗତିଶୀଳ । ନିର୍ଦ୍ଦିଷ୍ଟ ସମୟସୀମାରେ କାହାଣୀକୁ ଉତ୍କଣ୍ଠା ମଧ୍ୟରେ ଛାଡ଼ି ଦିଆଯାଏ ଯେପରିକି ପରିବର୍ତ୍ତୀ ଅଧ୍ୟାୟ ନିମନ୍ତେ ଦର୍ଶକୀୟ ଉତ୍କଣ୍ଠା ସୃଷ୍ଟି କରିପାରିବ ।

ଚଳଚ୍ଚିତ୍ରରେ ସୁଯୋଗର ଅଭାବ ଓ ଟେଲିଭିଜନରେ ପ୍ରସାରିତ ଧାରାବାହିକର ଦର୍ଶକୀୟ ଆଦୃତି ମୋତେ ଆଗକୁ ବଢ଼ିବାର ଯଥେଷ୍ଟ ପ୍ରେରଣା ଯୋଗାଇଥିଲା । କାହାଣୀରେ ପରୀକ୍ଷାନିରୀକ୍ଷା ଚିତ୍ରନାଟ୍ୟର କୌଶଳପୂର୍ଣ୍ଣ ପ୍ରୟୋଗ ଏସବୁ ଉପରେ ଗବେଷଣା କରିବାର ଯଥେଷ୍ଟ ସୁଯୋଗ ମୋର ଆସିଥିଲା । 'ସବିତା'ର ପ୍ରସରଣ ବନ୍ଦ ପରେ ପରେ 'କିଛି ଖଟା କିଛି ମିଠା'ର ପ୍ରସାରଣ ଆରମ୍ଭ ହୋଇଯାଇଥିଲା । ଆଧୁନିକ ସହରୀ ମଣିଷର ପାରାଭାଡ଼ିର ଜୀବନ ଯନ୍ତ୍ରଣାକୁ ନେଇ ହାସ୍ୟ ଉଦ୍ଦୀପନା ସୃଷ୍ଟି କରିବାରେ ଧାରାବାହିକଟି ଅନେକ ସଫଳତା ଲାଭ କରିଥିଲା । ପରେ ପରେ 'ପ୍ରତିଶୋଧ', 'ବାଜି' ଆଜି ଧାରାବାହିକ ସହିତ ମୁଁ ସମ୍ପୃକ୍ତ ହୋଇ ପଡ଼ିଲି । ମୁଁ ସଂଶ୍ଳିଷ୍ଟ ଥିବା ପ୍ରତ୍ୟେକ ଧାରାବାହିକରେ ଶୀର୍ଷକ ଗୀତ ଲେଖିବାର ଗୁରୁଦାୟିତ୍ୱଟି ମୋର ଥିଲା । ଶୀର୍ଷକ ଗୀତ ବା ଥିମ୍‌ସଂଗ୍ ରଚନାର କୌଶଳ ମୁଁ ବାପାଙ୍କ ଠାରୁ ଶିଖିଥିଲି । ତା'ଛଡ଼ା ନାଟକରେ ସଂଯୋଜିତ ଗୀତମାନଙ୍କ କୌଶଳ ମତେ ବେଶ୍ ସାହାସ ପ୍ରଦାନ କରିଥିଲା । ୧୨ଟି ଧାରାବାହିକରେ ଶୀର୍ଷକ ଗୀତ ରଚନା କରିଥିଲି ଯାହାକି ତତ୍‌କାଳୀନ ସମୟରେ ଏକ ରେକର୍ଡ ଥିଲା । ସବୁଠୁ ମୋର 'ମନର ମଣିଷ' ପାଇଁ ରଚିତ ଶୀର୍ଷକ ଗୀତଟି ଥିଲା ବେଶ ପପୁଲାର । ରମେଶ ମହାନନ୍ଦଙ୍କ ସ୍ୱର ସଂଯୋଜନାରେ ଏ ଗୀତଟି ମତେ ବହୁ ପ୍ରଶଂସା ଦେଇଥିଲା । 'ମନ ନୁହେଁ କେଉଁ ଲବଙ୍ଗଦୀପର ଚୋରା ଚଇତାଳି ବାଆ"ର କେତୋଟି ପଂକ୍ତି ଏବେ ବି କିଛି ଦର୍ଶକଙ୍କ ଛାତିରେ ରହିଛି । ସବୁଠୁ ଆଶ୍ଚର୍ଯ୍ୟ କଥା ଅନେକ ଧାରାବାହିକର ରଚୟିତା ଯେ ମୁଁ, ଏକଥା ଅନେକ ଏବେ ବି ବିଶ୍ୱାସ କରି ପାରନ୍ତି ନାହିଁ । ମୋର ଶେଷ ମେଗା ଧାରାବାହିକ (ଶେଷ ଏଇଥିପାଇଁ ଯେ' ତା' ପରଠାରୁ ମୁଁ ଆଉ ଲେଖିନାହିଁ) "ଦାସୀ" ପର୍ଯ୍ୟନ୍ତ ମୁଁ ଥିଲି ଦୂରଦର୍ଶନର ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ । ପ୍ରାୟ ୨୨ଗୋଟି ଧାରାବାହିକର ରଚୟିତା ଭାବରେ (କେବଳ ଭୁବନେଶ୍ୱର ଦୂରଦର୍ଶନ) ମୋର ଅଭିଜ୍ଞତା ଥିଲା । ଏପରି ଅନେକଥର ଘଟିଛି, ଯେତେବେଳେ କିଛି ଧାରାବାହିକର ଲୋକପ୍ରିୟତା ହ୍ରାସ ପାଏ । ମତେ ପ୍ରଯୋଜକ/ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି କାହାଣୀରେ କିଛି ଟୁଇଷ୍ଟ ନେଇ ଲେଖିବା ପାଇଁ । ଥରେ ପ୍ରଯୋଜକ ଗିରିଜା ପଟ୍ଟନାୟକ ମୁମ୍ବାଇରୁ ଫୋନ୍ କଲେ ତାଙ୍କ ପ୍ରଯୋଜିତ ଏକ ଲୋକପ୍ରିୟ ମେଗା ଧାରାବାହିକର ଶେଷ ୧୦ଟି ଏପିସୋଡ୍ ରଚନା କରିବା ପାଇଁ । ପ୍ରଥମରୁ ସେ ଧାରାବାହିକ ସହ ମୁଁ ସଂପୃକ୍ତ ନଥିଲି । କାହାଣୀରେ କେବଳ ଚରିତ୍ର ଓ ଚରିତ୍ର ମାନଙ୍କ ଭିଡ଼ । ଏଭଳି ପରିସ୍ଥିତିରେ କାହାଣୀରେ ଅନ୍ତ ଘଟାଇବା ମୋ ପାଇଁ ଏକ ଦୁରୁହ ବ୍ୟାପାର ଥିଲା ।

ଏସବୁ ମଧ୍ୟରେ ମୋର ଆଉ ଗୋଟିଏ ନିଶା, ମୋର ଜାଣତରେ ମୋ ଭିତରେ ଗତିଶୀଳ ଥିଲା । ପ୍ରଥମରୁ କହିଛି ପିଲାଦିନରୁ ରଂଗ ମାଖିବାର ମୋହ ମୋର ରହିଆସିଛି । ସବ୍ୟଦା' 'ଘର' ଶୀର୍ଷକରେ ଏକ ଧାରାବାହିକ ନିର୍ମାଣ କରୁଥିଲେ । ବିଜୟ ମିଶ୍ର ତା'ର ସ୍କ୍ରିପ୍ଟ ପ୍ରସ୍ତୁତ କରୁଥାନ୍ତି । ସେହି 'ଘର' ଧାରାବାହିକରେ ସବ୍ୟଦା ମତେ ପ୍ରଥମ କରି ଆକ୍ଟିଂ କରିବାର ସୁଯୋଗ ଦେଲେ । ପ୍ରଥମଥର କ୍ୟାମେରାକୁ ସାମ୍ନା କରିବାର ଉତ୍କଣ୍ଠା ଏବେବି' ମୋର ମନେ ଅଛି । ଗୋଟାଏ ଟେକ୍‌ରେ ସଟ୍‌ଟି ଓକେ ହୋଇଗଲା । ପରେ ପରେ 'ବନ୍ଦୀ ଯାଯାବର' (ଉପନ୍ୟାସ ଧାରାବାହିକ), କିଛି ଖଟା କିଛି ମିଠା, ବାଜି, ମନର ମଣିଷ, ଦାସୀ, ନଦେଖିଲା ଲୋକ ଦେଖ ପ୍ରଭୃତି ଅନେକ ଧାରାବାହିକରେ ଅଭିନୟ କଲି । ଅନେକ ଧାରାବାହିକ ସହିତ ସଂପୃକ୍ତ ନଥାଇ ମଧ୍ୟ କେବଳ ଅଭିନୟ କରିବାର ସୁଯୋଗ ମୋ ଭିତରେ ଅଭିନୟ ନିଶାକୁ ଆଗକୁ ବଢ଼ାଇ ଦେଲା । ଇ.ଟି.ଭି ରେ ପ୍ରସାରିତ ଲୋକପ୍ରିୟ ଧାରାବାହିକରେ ଏକ ନେଗେଟିଭ୍ ଓକିଲ ଭୂମିକାରେ ଅଭିନୟ କରି ମୁଁ ଢ଼େର୍ ପ୍ରଶଂସା ସାଉଁଟିଥିଲି । ପରେ ପରେ ଅନେକ ଚଳଚ୍ଚିତ୍ରରେ ମଧ୍ୟ ସ୍ୱତନ୍ତ୍ର ଭାବରେ ଚରିତ୍ରରେ ଅଭିନୟ କରିଛି ।

ତେବେ ଏ ଅଭିନୟକୁ ନେଇ ଏକ ତିକ୍ତ ଅନୁଭୂତି ମତେ ନୈତିକ ଆଘାତ ଦେଇଥିଲା । ବନ୍ଧୁ ଅଜୟଙ୍କ ନିର୍ଦ୍ଦେଶରେ ଏକ ଟେଲିଫିଲ୍ମରେ ଜଣେ ମଦ୍ୟପ, ଲମ୍ପଟ ଜଙ୍ଗଲୀ କଣ୍ଟ୍ରାକ୍ଟର ଭୂମିକାରେ ଅଭିନୟ କରିବାକୁ ପଡ଼ିଥିଲା । ବନ୍ଧୁ ଅଜୟ କାହାଣୀ ସଂପର୍କରେ ମତେ ପୂର୍ବରୁ କିଛି ଜଣାଇ ନଥିଲେ । ମୁଁ ମଧ୍ୟ ଆକ୍ଟିଂ କଲି । ମାତ୍ର ପ୍ରସାରଣ ପରେ ମତେ ବହୁତ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା । ବ୍ୟକ୍ତିଗତ ଭାବରେ ଏ ଚରିତ୍ରଟି ମୋର ବାସ୍ତବିକ ଚରିତ୍ରର ବିରୋଧୀ ଥିଲା, ତେବେ ବୁଝିପାରିଲା ଲୋକମାନେ ଅଭିନୟ ସହିତ ବ୍ୟକ୍ତିଗତ ଚରିତ୍ରକୁ ଯୋଡ଼ିଦିଅନ୍ତି କାହିଁକି । ଟେଲିଫିଲ୍ମଟି ପ୍ରସାରଣର ଢ଼େର୍ ଦିନଯାଏ ମୁଁ ଅଭିନୟ କଥା ମନରୁ ପୋଛି ଦେଇଥିଲି ।

ତେବେ ଛୋଟ ପରଦାର ସଫଳତାରେ ମୁଁ ବେଶ୍ ସନ୍ତୁଷ୍ଟ । ସବୁଠୁ ଚ୍ୟାଲେଞ୍ଜିଂ ଥିଲା ଫକୀର ମୋହନଙ୍କ କିଛି ଗଳ୍ପକୁ ଚିତ୍ରାୟିତ କରିବା । 'ରାଣ୍ଡିପୁଅ ଅନନ୍ତା' ଥିଲା ଏଥିରେ ଅନ୍ୟତମ ।

ମୋଟାମୋଟି ଭାବରେ କହିବାକୁ ଗଲେ ଛୋଟ ପରଦା ହିଁ ମତେ ଆଗକୁ ବଢ଼ିବାରେ ଯଥେଷ୍ଟ ପ୍ରେରଣା ଯୋଗାଇଛି । କାହାଣୀ ଗୁମ୍ଫନର ଶୈଳୀ, ଘଟଣାର ଘନଘଟା, ଚାରିତ୍ରିକ ବିଶ୍ଳେଷଣ କରିବାର ଯଥେଷ୍ଟ ସୁଯୋଗ ମତେ ପ୍ରଦାନ କରିଛି ଯାହାକି ପରବର୍ତ୍ତୀ କାଳରେ ମତେ ଅନୁପ୍ରେରିତ କରିଛି । (କ୍ରମଶଃ)

## କବିତା.... ଆମ ସମୟର

### ମାନସ ରଂଜନ ମହାପାତ୍ର

#### ॥ ଦେବୀ ॥



କେବେ ସରିଯିବ ଏ ରହସ୍ୟର
ଦିନସବୁ,କେବେ ?
କେଉଁ ଅଜଣା ଶତାବ୍ଦୀରେ
ଆମେସବୁ ଗପୁଥିବୁ ଅଧରାତିଯାଏଁ ଖଟିରେ
କେବେ ମୋର ଅଲିଅଳି ଝିଅ
ଉଡିବୁଲିବ ଚଢେଇଟେ ହେଇ ଆକାଶରେ

ଜାଣ, ଏବେ ସବୁଆଡେ ବନ୍ଦ
ବନ୍ଦ ଆକାଶ,ପବନ,ଅଗ୍ନି
ଜଳମଗ୍ନ ପୃଥିବୀ, ନିରବ ସବୁ ହୃଦୟ
ଆତଙ୍କିତ ଜୀବନ, ଯୌବନ
କେଉଁ ସକାଳ ଏବେ ଆସିବ
ପ୍ରତି ଝର୍କାରେ ଦେବୀ, କେବେ ?

ବାରମ୍ବାର ଭୂଲ୍ କଲି
ଚରଣେ ଶରଣ ଯିବି କହିଲି ଯେ
ତୁମେ ମତେ ଲୁଚେଇ ରଖିଲ ହୃଦୟର
ନିଭୃତ କୋଣରେ
ସବୁ ହୃଦୟ ଏବେ ଉଭାନ ଅଚାନକ
ଦେବୀ, ଏବେ ପ୍ରକଟିତ ହୁଅ
ସରିଯାଉ ରହସ୍ୟ ସମୁଦ୍ର
ଆଜି ଶୁଭ ଦିନ,
ହେଉଏକ ନୂତନ ଆରମ୍ଭ...

+ ମଧୁବନ ଷଷ୍ଠ ଗଳି
ଟିକରପଡା, ପୁରୀ-୭୫୨୦୦୨
(ମୋ)୯୮୯୧୯୪୬୧୭୮

### କମଳ କୁମାର ମହାନ୍ତି

#### ॥ ଦେବୀ ॥



ଜାଣେନା ମୁଁ
କାଲି କେଉଁ ଦିଗରୁ ପବନ ବହିବ
କେଉଁ ନଦୀର ଛାତିରୁ ଶୁଖିଯିବ ପାଣି
କେଉଁ ନିଆଁର ଧାସରେ ଧସିଯିବ ସ୍ୱପ୍ନ !

ତୋ' ପାଦତଳେ କିନ୍ତୁ ଫୁଟିବ
ଅଣିଶଅଙ୍କା ଶତଦଳ
ଗଳାରେ ଲୋଟିବ ରକ୍ତଜବା ହସ
ଆକାଶର ଉଦାସ ଛାତିରେ ତରାସିବ ଜହ୍ନ
ପାଉଁଶ ଭିତରୁ ଚେଇଁ ଉଠିବ
କଅଁଳ ଅନୁରାଗ ।

ତୋ' ଝୀନ ଅଣ୍ଟାରେ ଝୁଲୁଛି ସମୟ
ପୁଣ୍ୟ ଝଲସୁଛି ଆଖିରେ ମିଳାଇ ଆଖି
ପାପ ଯେତେ ମୋର ଲୁହର ଦୀପରେ
ତରଳି ତରଳି ତୋ' ପାଦତଳେ
ମୋକ୍ଷ ଖୋଜେ ଆଜି ।

ନର୍କବେଦୀରେ ଥୋଇ
ଯେତେ ମଣିଷର ଆର୍ତ୍ତି
ତୁ ଖୋଜୁଛୁ ମା' ପାର୍ବଣର ଆଶ୍ୱସ୍ତି
ଯାହା ଭାସିଯାଇଛି ଶ୍ରାବଣର ସୁଅରେ
କହ ତୁ କି' ସଜାଡ଼ି ପାରିଛୁ ଏ ଦେଶର
କୋଟି କଙ୍କାଳ ରୂପ
ତୁ କି' ସଞ୍ଚିପାରିଛୁ ଆଜି
ସ୍ନେହ ରଙ୍କୁଣୀ ଶିଶୁର ଭାଗ୍ୟ
ଯାହା ଲୁପ୍ତ ଆଜି କାହା ପାଶବ ଲାଳସାରେ
ତୁ କି' ଫେରାଇ ଆଣିପାରିଛୁ
ଅସହାୟା ନାରୀର ଲୁଣ୍ଠିତ ଲଜ୍ଜା
କଲ୍ୟାଣର ହାତ ପ୍ରସାରି କେବେ !

ମଣ୍ଡପରେ ତୋ'ର ବାଜୁଛି ବାଜଣା
ନବରାତ୍ରର ସ୍ତୁତିରେ ଉଚ୍ଛୁଳୁଛି
ଶରତର ସଫା ଆକାଶ
ଆଢୁଆଳରେ କିନ୍ତୁ ହସୁଛି ଅନବରତ
ମଣିଷ ବେଶୀ ଗୋଟିଏ ପିଶାଚ
ଗାଁ'ରୁ ଗାଁ, ସହରୁ ସହର
ଫୁଲସବୁ ବୋମା ହୋଇ ଫୁଟୁଛନ୍ତି ଦେଖ
ସେଇ ଫୁଲ ଆଜି କିଏ ଅର୍ପି ଦେଇପାରେ
କାଳେ ତୋ' ପାଦତଳେ ।

ତୁ ମୋ ସ୍ୱପ୍ନରେ ନାହୁଁ ହାୟ
ଛୁଇଁ ପାରିନି ବି ତୋତେ ମୁଁ
କେବେ କେଉଁ ଦୁଃସ୍ୱପ୍ନରେ
ଭେଦିପାରିନି ତୋ ରହସ୍ୟର କୁହେଳି
ଜନ୍ମଜନ୍ମର ଅର୍ଘ୍ୟ ଆଳତୀରେ ।

ତୋ' ଲାଗି ଅଛି କିନ୍ତୁ ଆକଣ୍ଠ ଆକୁଳତା
ମୋ' ଆର୍ତ୍ତିର ନଳିନୀ ବନ ଦଳିଦେ,
ମୋ' ଅହମିକାର ପାହାଡ଼ ଟାଳିଦେ'
ବଦଳରେ ମୋ' ଆଖିର
ସବୁତକ ଲୁହ ନେ' ।
ଝଝଝ

+ ଆରସା, ତିହିଡ଼ି, ଭଦ୍ରକ -୭୫୬୧୩୯
ଫୋନ୍- ୮୨୪୯୩୩୬୫୮୭

### ଧନଞ୍ଜୟ ସ୍ୱାଇଁ

#### ॥ ଦେବୀ ॥



ଅଶିଣ ଆକାଶ ମୁହଁ ଫେରାଉଛି ମେଘକୁ ମେଲାଣି ଦେଇ
କାଶଫୁଲ ଏବେ ଅଳସ ଭାଙ୍ଗୁଛି ନଇଦାଢ଼େ ନଇଁ ନଇଁ
ମାଆଙ୍କର ଧରାବତରଣ ଖୁସିରେ ପ୍ରିୟତମ ଆଡ଼େ ଚାହିଁ
ପ୍ରେମରେ ଭିଜେଇ ଦେଉଛି ଛାତିଏ ପାଣିରୁ କିଶୋରୀ କଇଁ ।

ପାତଳ ପବନ ଫୁଙ୍କିଲାଣି ଶଙ୍ଖ ଧରାକୁ ଆସୁଛି ମାଆ
ବେଗି ବେଗି ସଜା ଅଗଣାଦୁଆର ବହିଲା ଅଶିଣା ବାଆ
ସାତମୁରୁଜରେ ସଜେଇ ହେଲାଣି ଏ ଧରା ପଦ୍ମାଧାନେ
ଆମ୍ବପତରରେ ତୋରଣ ତୋଳିଛି କିଏ ସେ ଏତେ ଯତନେ ?

ମଥାନୁଆଁ ଧାନ କେଣ୍ଡା ଶରତର ଆବାହନୀ ଗୀତ ଗାଇ
ଗୋଧୂଳି ସଂଜର ନରମଛୁଆଁରେ ଦେହ ଦିଏ ଉଲୁସେଇ
ନଇଦାଢ଼େ ଯେଉଁ ଭସାମେଘ ଖଂଡେ ଭାସି ରହିଥିଲା ଲାଖି
ଘଡ଼ିଏ ଅଟକି ଗଲା ଅବା ସିଏ ଶରତର ଶୋଭା ଦେଖି ।

ଦେବୀ ଆସୁଛନ୍ତି ଉଦ୍ଧାରିବେ ଧରା ମହିଷା ଅସୁର ବଧି
ମୁଠାଏ କଅଁଳ ଆଶିଷ ତାଙ୍କର ପଣତକାନିରେ ବାନ୍ଧି ।

+ ସ୍ୱତନ୍ତ୍ର ଶାସନ ସଚିବ,
ଶକ୍ତି ବିଭାଗ, ଖାରବେଳ ଭବନ
ଭୁବନେଶ୍ୱର-୭୫୧୦୦୧
(ମୋ) ୯୪୩୭୦୦୦୬୩୬

### ହରିଶ୍ଚନ୍ଦ୍ର ବେହେରା

#### ॥ ଦେବୀ ॥



ମୋତେ ଯୁଦ୍ଧ କରିବାକୁ ହେଲା
ଜରାୟୁରୁ

ଏନ୍ତୁଡ଼ି ନିଆଁ ରେ ଚକ୍ ଚକ୍ ଦିଶୁଥିବା
'ନର୍କଦ୍ୱାର' କୁ ବନ୍ଦ କରିବାକୁ ପଡ଼ିଲା
ସ୍ୱର୍ଗ ଚମ୍ପାର ଭୁରୁ ଭୁରୁ ବାସ୍ନାରେ

ବିନା ରଂଜା ରେ ଉଧେଇ ପାରେନି ଲତା
କୋମଳ କବିତା କି ବନିତା
ଦୁର୍ବଳ କି ଅବଳା କରିବାର

ରୀତିମତ ଗୋଟେ ଷଡ଼ଯନ୍ତ୍ର
କିଏ ନଜାଣେ !

ସହନଶୀଳା ଲଜ୍ୟାଶୀଳା ଅସୂର୍ଯ୍ୟପଶ୍ୟାମ
ଏମିତି କେତେ ଭୂଷଣରେ
ସଜେଇଦେଇଛି ପୁରୁଷ
ଆଉ କେଉଁ ଅଳଂକାର ଲୋଡ଼ା ମୋର !

ଖରାବାଜି କାଳେ ଝାଉଁଳିଯିବ କି କଳା ପଡିଯିବ
ଚତୁରତାରେ କରିଦେଇଛ ଅବଗୁଣ୍ଠନାବତୀ
ଅବା ବୁର୍ଖାମତୀ
ଲାଳସାର ଆକଣ୍ଠ ଉପଭୋଗ ଲାଗି

ଅସୁର ନିଧନ ଲାଗି କିଏ ମାଗିଥିଲା ଅସ୍ତ୍ର
ସ୍ତ୍ରଇଣ ଦେବତା ମାନଙ୍କୁ
ମିଛରେ ଯାହା ନିଜର ବାହା ବାହା
ଗୋଟିଏ ରାକ୍ଷସ ମାରିବା ଲାଗି
ତେତ୍ରିଶ କୋଟି ଦେବତାଙ୍କ ଅସ୍ତ୍ର
ଲଜ୍ୟା...

ତଥାପି ନିଅଁଟ ହେଲା ଯେ
ମୋତେ ବିନ୍ଧିବାକୁ ହେଲା ଶେଷତମ ଅସ୍ତ୍ର
ଯାହା ନିର୍ବୀର୍ଯ୍ୟ କରିପାରେ ଦୁର୍ଦ୍ଦାନ୍ତ
ପୁରୁଷକାରକୁ

ମୋ ରୂପକୁ ନେଇ କେତେ ଯୁଦ୍ଧ
କେତେ ହଣାକଟା
ଇତିହାସ ସାରା

କେହି କେହି କହନ୍ତି କୁଆଡେ
ଆତ୍ମା ନାହିଁ ମୋର
ସୁନ୍ଦର ମେଢ଼ ଟିଏ ମଣ୍ଡପରେ
ଆବାହନ ଅନ୍ତେ ବିସର୍ଜନ

ଦେବତାମାନେ ବି ଧର୍ଷଣ କରନ୍ତି
ଛଦ୍ମ ବେଶରେ
ଆଦରିବାକୁ ପଡ଼େ ପଥର ଭାଗ୍ୟ

କୁହୁଡି ଢାଙ୍କି ନଦୀ ଗର୍ଭରେ ଧର୍ଷିତା ହେବା
ମତ୍ସ୍ୟଗନ୍ଧାରୁ ଯୋଜନ ଗନ୍ଧା
କି ପରମାର୍ଥ ମୋର !!

ମୋତେ ତ କଣ୍ଢେଇ କରିଦିଆ ଯାଇଛି
ଆଜନ୍ମରୁ
ସୂତ୍ରଧର ଯେମିତି ନଚାଏ ମୁଁ ନାଚେ

ଅଗ୍ନି ସ୍ନାନ ରୁ ଉତୁରି ଆସିଥିବା ଦୀର୍ଘଶ୍ୱାସରେ
ଦିନେ ତରଳି ଯିବ ବରଫ ଘେରା ଅନ୍ଧାର
ଗୋଟେ ଶିଉଳିଚରା ପଥରର ଛାତି
ଅପେକ୍ଷା କର ।

+ ସଂପାଦକ : ଅକ୍ଷାଂଶ, କଲ୍ୟାଣନଗର,
ଅଙ୍ଗାରଗଡିଆ, ବାଲେଶ୍ୱର

## ଆଲୋଚନା

# ଶକ୍ତି ଉପାସନା ପରମ୍ପରା

### ଡକ୍ଟର ମନୋରଞ୍ଜନ ବିଷୋୟୀ



"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପଣେ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ ।"

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍+ତି= ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ । ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ । ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୂକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠରେ ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧ୍ୟାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ । ଦେବତାମାନଙ୍କ କୋପାନଳରୁ ସମ୍ଭୂତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ - ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାତ୍ୟାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଲିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରୀମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
(ମୋ)୮୮୯୫୧୪୧୭୨୭

## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୭
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା
❤ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡ଼ିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ମୁଁ କ'ଣ ଗୋଟିଏ କଣ୍ଢେଇ ? ଯାଅ, ତୁମର ସେ ମନ୍ତ୍ରୀଙ୍କୁ କହିଦେବ ସେ ଏମିତି କପଟ ରାଜନୀତି କରନ୍ତୁ ନାହିଁ, ଯାହା ତାଙ୍କୁ ଭାରି ମହଙ୍ଗା ପଡିବ । ସେ କେବଳ ହୀନ ରାଜନୀତି କରି ଜାଣିଛନ୍ତି ? ରାଜନୀତିର କପଟପାସାରେ ପରିବାରର ସମ୍ପର୍କକୁ ଗୋଳିଆ କରି ଫାଇଦା ନିଅନ୍ତୁ ନାହିଁ ।" ବୁଝିଲ ଓମ୍, ଏଭଳି ରାଜନେତାମାନେ କୌଣସି ସମସ୍ୟାର ସମାଧାନ କରନ୍ତି ନାହିଁ ବରଂ ସମସ୍ୟାକୁ ଅଧିକ ଜଟିଳ କରି ସେଥିରୁ ଲାଭ ଉଠାନ୍ତି । ମୁଁ କହାରି ଦୟାର ପାତ୍ରୀ ନୁହଁ କି କାହାରି ଆଦେଶ ମାନିବାକୁ ବାଧ୍ୟ ନୁହଁ । ତା' ଛଡ଼ା ତୁମେ ବି ଜାଣି ରଖ- ମୁଁ ଗୋଟିଏ ଘରର ବୋହୂ, ଜଣଙ୍କର ସ୍ତ୍ରୀ, ଆଉ ଗୋଟିଏ ପୁଅର ମା' ବି । ଏକଥା ବି ଜାଣ ଯେ ମୋତେ ରାଜନୀତି ଜମ୍ମା ବି ଭଲ ଲାଗେନି । ପରିବାର ପାଇଁ କର୍ତ୍ତବ୍ୟ କରିବା ମୋର ଧର୍ମ । ପ୍ରଥମରୁ ମୁଁ କହିଆସିଛି ଆଜିକାଲିର କଳୁଷିତ ରାଜନୀତିରେ ମୋର ବିଶ୍ୱାସ ନାହିଁ । ଯେଉଁ ଅନ୍ଧ ନୀତିରେ କୌଣସି ବାସ୍ତବତା କି ସ୍ଥିରତା ନାହିଁ ମୁଁ ତାକୁ ଘୃଣା କରେ । ଏଠି ବିଜୟାନନ୍ଦଙ୍କ ଭଳି ଆଇନ ଭଙ୍ଗକାରୀ ନେତାମାନେ ଆଇନ ତିଆରି କରନ୍ତି । ପୁଣି ଆଇନ୍ ଆଖିରେ ଅନ୍ଧପୁଟୁଳି ବାନ୍ଧନ୍ତି । ସେଭଳି ଲୋକଙ୍କୁ ବିଶ୍ୱାସ କରିବା ଅର୍ଥ ବିଷଧର ସର୍ପ ସହ ବନ୍ଧୁତା କରିବା ସମାନ ।

ମୌସୁମୀକୁ ଦୁଇ ବାହୁରେ ଭିଡିଧରି ପାଖରେ ବସେଇଥିଲେ ଓଁକାରନାଥ । ମାତ୍ର ଉଠି ଯାଉଯାଉ ମୌସୁମୀ କହିଥିଲେ, ପ୍ରଥମରୁ ହିଁ ମୁଁ ତୁମକୁ କହିଛି ରାଜନୀତି କରୁଥିବା ଲୋକମାନେ ଆଦୌ ଭଲ ଲୋକ ନୁହଁନ୍ତି । ବିଜୟାନନ୍ଦ ସେହିଭଳି ଜଣେ ଲୋକ ଯାହାଙ୍କ ଚରିତ୍ର ସ୍ୱଭାବ କିଛି ବି ମୋତେ ଭଲ ଲାଗେ ନାହିଁ । ସେଭଳି ଲୋକକୁ ମୁଁ ପସନ୍ଦ କରେ ନାହିଁ । ପୁଣି ତାଙ୍କ ଦଳରେ ତାଙ୍କ ସହ ମିଶି ରାଜନୀତି କରିବି ? କେମିତି ତୁମେ ଭାବି ପାରୁଛ ? ତାଙ୍କ ସହ ସମ୍ପର୍କ ରଖିବା ଏବଂ ତାଙ୍କ ସହ ମିଶି କାମ କରିବା ଅର୍ଥ ବିପଦକୁ ବରଣ କରିବା ସହିତ ସମାନ । ବିଜୟାନନ୍ଦ ଆଦୌ ଭଲ ଲୋକ ନୁହଁନ୍ତି ଓମ୍ । ତାଙ୍କ ଭିତରେ ମଣିଷ କମ୍, ପଶୁ ବେଶୀ । ତୁମେ ମହାଭାରତରୁ କିଛି ଶିଖି ପାରିଲ ନାହିଁ ? ଯୋଉଠି ରାଜନୀତି ପାଇଁ ସମ୍ପର୍କ- ସମ୍ପର୍କ ଭିତରେ, ରକ୍ତ-ରକ୍ତ ମଧ୍ୟରେ ସଂଘର୍ଷ ହୋଇଥିଲା, ସେଠି ବିଜୟାନନ୍ଦଙ୍କ ଠାରୁ ତୁମେ କଣ ଆଶା କରିପାରିବ ?

ମୌସୁମୀର ଭିତରଟା ଜର୍ଜରିତ ହେଉଥିଲା ଗୋଟେ ଅବ୍ୟକ୍ତ ଦୁଃଖରେ । ଯେଉଁ ଲୋକ କୌଣସି ସମ୍ପର୍କ ବିନା ପାଦେ ପାଦେ କରି ତା' ଜୀବନ ଭିତରକୁ ପଶି ଆସିବାର ଚେଷ୍ଟା ଆରମ୍ଭ କରିସାରିଲାଣି, ସିଏ ଭବିଷ୍ୟତରେ କଣ ନକରିପାରିବାର ଯୋଜନାରେ ନଥିବ !

ଆଉ କିଛି ନକହିବାକୁ ଉଚିତ୍ ମନେ କରିଥିଲେ ଓଁକାରନାଥ । କାରଣ ସିଏ ଜାଣନ୍ତି ମୌସୁମୀର ଚରିତ୍ରକୁ, ତା'ର ଜିଦ୍‌କୁ । 'ନାଁ' ଟା 'ହଁ'ରେ ପରିବର୍ତ୍ତିତ ହେବା ବଡ ଦୂରୁହ ବ୍ୟାପାର ବରଂ ଏ କଥା ବିଜୟାନନ୍ଦଙ୍କୁ ଜଣାଇଦେବା ଉଚିତ୍ । ମୌସୁମୀକୁ ରାଜନୀତିରେ ସାମିଲ୍ କରି ତାଙ୍କ ପାଖରୁ ସବୁଦିନ କିଛି ନା କିଛି ଶୁଣିବା ଅପେକ୍ଷା ସିଏ ରାଜନୀତିକୁ ନଆସିବା ଭଲ ।

ଓଁକାରନାଥ ମୌସୁମୀର ଜିଦ୍ ଓ ଅନିଚ୍ଛା ପ୍ରସଙ୍ଗ ନେଇ ପହଞ୍ଚିଥିଲା ମନ୍ତ୍ରୀ ବିଜୟାନନ୍ଦଙ୍କ ପାଖରେ । ବିଜୟାନନ୍ଦ ବେଶ୍ ସୁନ୍ଦର ହସଟିଏ ହସିଥିଲେ । କହିଥିଲେ ରାଜନୀତିର ଅଭିଧାନରେ 'ନା' ଶବ୍ଦ ନାହିଁ ଓଁକାରନାଥ । ବରଂ ସବୁ 'ନା' କୁ 'ହଁ' ରେ ପରିବର୍ତ୍ତିତ କରିବାର ଦକ୍ଷତାକୁ ହିଁ ଜଣେ ଦକ୍ଷ ରାଜନୀତିଜ୍ଞଙ୍କର କ୍ୱାଲିଟି ବୋଲି ଧରାଯାଏ । ଆହୁରି କହିଥିଲେ- ଯଦି ଜଣେ ଦକ୍ଷ ନେତା ଗୋଟିଏ ନାରୀକୁ ନିଜ ବଶକୁ ନେଇ ନପାରିଲା ନିର୍ବାଚନ ମଣ୍ଡଳୀର ଶହ ଶହ ନାରୀଙ୍କୁ ଆୟତ୍ତରେ କିପରି ରଖିବ ? ହେଲେ ତୁମେ ଜାଣି ରଖ ଓଁକାରନାଥ, ମୁଁ ଯଦି ତୁମ ସ୍ଥାନରେ ଥାନ୍ତି ସେ କଳାକୁ ଭଲଭାବରେ ତୁମକୁ ଦେଖେଇ ଦେଇଥାନ୍ତି ।

ବିଜୟାନନ୍ଦ ଆସି ପହଞ୍ଚିଥିଲେ ଓଁକାରନାଥଙ୍କ ଘରେ ।

ବିଜୟାନନ୍ଦଙ୍କୁ ଦେଖି ଭିତରେ ଭିତରେ ଘୃଣାରେ ଶିହରି ଉଠିଥିଲା ମୌସୁମୀ । ଇଚ୍ଛା ହେଉଥିଲା ସାମ୍ନାକୁ ନଯିବା ପାଇଁ । କିନ୍ତୁ ଅସୌଜନ୍ୟ ହେବ । ତେଣୁ ହାତ ଯୋଡିଥିଲା । ତାଙ୍କ ପାଇଁ ଚା' ଜଳଖିଆର ବ୍ୟବସ୍ଥା କରିବାକୁ ତତ୍ପରତା ପ୍ରକାଶ କରିଥିଲା । କିନ୍ତୁ ପ୍ରଥମେ କଥାବାର୍ତ୍ତା ପରେ, ଚା'ପାନ, ପରେ ଆଲୋଚନା ଭିତରେ ଅଟକେଇ ଦେଇଥିଲେ ବିଜୟାନନ୍ଦ ମୌସୁମୀକୁ ।

ଏଡେଇ ଯାଉଥିଲା ମୌସୁମୀ । ଆଲୋଚନା କଣ ? ମୋର କିଛି ବି ଜ୍ଞାନ ନାହିଁ ଆପଣଙ୍କ ସହ ଆଲୋଚନା କରିବା ପାଇଁ । ଆଉ ଯଦି ମୋତେ ପ୍ରାର୍ଥୀ କରିବା ପ୍ରସଙ୍ଗରେ କଥାହେବାକୁ ଚାହାନ୍ତି ତେବେ ମୋତେ ପ୍ରଥମରୁ କ୍ଷମା କରନ୍ତୁ । ମୁଁ ପାରିବିନ ।

ହସିଲେ ବିଜୟାନନ୍ଦ । କହିଲେ, ମୌସୁମୀଦେବୀ, ପାରିବିନି କହି ନିଜ ପାରିବା ପଣିଆର ଯୋଉ ଝଲକ ଦେଖେଇଛନ୍ତି ସେଇତକ ଆମର ପୁଞ୍ଜି । ନହେଲେ ଲୋକ ତ ଅନେଇ ବସିଛନ୍ତି ପ୍ରାର୍ଥୀ ହେବାପାଇଁ । କିନ୍ତୁ ଏଥିପ୍ରତି ଅନାଗ୍ରହ ଥିବା ବ୍ୟକ୍ତିତ୍ୱ ହିଁ ସବୁଠୁ ବେଶି ପାୱାରଫୁଲ । କାରଣ ଲୋକଙ୍କର ସେବା କରିବା ପାଇଁ ଏଇମାନେ ହିଁ ସବୁଠାରୁ ଯୋଗ୍ୟ ।

ବିଜୟାନନ୍ଦ ବାବୁଙ୍କୁ ଚାହିଁ ମୌସୁମୀ କହିଥିଲା - ଲୋକଙ୍କ ସେବା କରିବା ପାଇଁ କୌଣସି ଆସନ କି କ୍ଷମତାର ଆବଶ୍ୟକତା ନାହିଁ ବରଂ ଲୋକଙ୍କର ସେବା କରିବା ପାଇଁ ମନଟିଏ ଥିବା ଦରକାର । ତେବେ ସବୁଠାରୁ ବଡକଥା ହେଲା ରାଜନୀତିରେ ମୋର ସେମିତି କୌଣସି ଆନ୍ତରିକତା କି ଆଗ୍ରହ ନାହିଁ ।

ହସିଥିଲେ ବିଜୟାନନ୍ଦ । କହିଥିଲେ ଆପଣଙ୍କ ଅନାଗ୍ରହ ଠାରୁ ଆମମାନଙ୍କର ଆଗ୍ରହ ଏତେ ବେଶି ଯେ ତାକୁ ଆପଣ ଗୁରୁତ୍ୱ ଦେବାକଥା । ମଣିଷ ନିଜ ପାଇଁ ନୁହେଁ, ଅନ୍ୟ ପାଇଁ ବଞ୍ଚିବା ହିଁ ଗୁରୁତ୍ୱପୂର୍ଣ୍ଣ । ଯଦି ମଣିଷ ନିଜ ଜୀବଦ୍ଦଶାରେ ଅନ୍ୟ ପାଇଁ କିଛି ନକଲା ତେବେ ତା' ଜନ୍ମ ବ୍ୟର୍ଥ ।

ମଣିଷ କିଛି କରିବା ମାନେ କଣ ରାଜନୀତି କରିବା ? କରିବା ତାଲିକାରେ କଣ ଆଉ କିଛି ନାହିଁ ? ମୁଁ ଗୋଟିଏ ପରିବାରର ବୋହୂ ହିସାବରେ ମୋର ଯୋଉ ଦାୟିତ୍ୱ ଅଛି ତାକୁ ପଛ କରି କି ରାଜନୀତି କରିବି ? ସ୍ତ୍ରୀ ଭାବରେ ଯୋଉ କର୍ତ୍ତବ୍ୟ ଅଛି ତାକୁ କାହାକୁ ଦେଇ ଯିବି ରାଜନୀତି କରିବାକୁ ? ଗୋଟିଏ ମା' ଭାବରେ ଯୋଉ ଦାୟିତ୍ୱ ଓ କର୍ତ୍ତବ୍ୟ ଅଛି ତାକୁ କାନ୍ଧକୁ ନେବ କିଏ ?

ଏଥର ହୋ ହୋ ହୋଇ ହସିଥିଲେ ବିଜୟାନନ୍ଦ । କହିଥିଲେ ଏଇ ଦାୟିତ୍ୱ ପାଇଁ ଆମମାନଙ୍କର ବିନମ୍ର ପ୍ରାର୍ଥନାକୁ ଏଡେଇ ଯାଉଛନ୍ତି ? ସବୁଠୁ ସହଜ ସମାଧାନ ହେଲା ଉଭୟ ପତି ଓ ପତ୍ନୀ ଯଦି ଗୋଟିଏ ବୃତ୍ତିରେ ରୁହନ୍ତି ତେବେ ସଂସାର ଡଙ୍ଗା ନିଃସନ୍ଦେହରେ ଠିକ୍‌ରେ ଚାଲିପାରେ । ଆପଣ ବେଶ୍ ଥଣ୍ଡାମୁଣ୍ଡରେ, ବେଶ୍ ନିର୍ଭୟରେ ଆସନ୍ତୁ ରାଜନୀତିକୁ । ଦେଖିବେ ଆପଣ ସବୁଠୁ ଭଲ ଭାବରେ ଲୋକଙ୍କ ପାଇଁ କାମ କରିପାରିବେ । ଜଣେ ସ୍ତ୍ରୀଲୋକ, ବିଶେଷ ଭାବରେ ଯାହାର ଗଭୀର ଆତ୍ମବିଶ୍ୱାସ ଥିବ ସେ ବେଶ୍ କଛି କରିପାରିବେ । ଆମକୁ ଆଉ ମନା କରନ୍ତୁନାହିଁ ପ୍ଲିଜ୍ ।

ଏଥର ହାତଯୋଡିଲେ ବିଜୟାନନ୍ଦ । ବିଜୟାନନ୍ଦଙ୍କୁ ଚାହିଁଲା ମୌସୁମୀ । ଆଖିରେ ଆଖି ମିଶିଗଲା ଗୋଟିଏ ମୁହୂର୍ତ୍ତ । ଝିମ୍ ଝିମ୍ ହୋଇଗଲା ତା ଭିତରଟା । ବିଜୟାନନ୍ଦଙ୍କ ଚାହାଣୀର ଅର୍ଥ ବୁଝିପାରୁଥିଲା ମୌସୁମୀ । ସେ ଉଠି ଆସୁଆସୁ ତାକୁ ଅଟକେଇ ଦେଲେ ଓଁକାରନାଥ । ଏମିତି ଉଠିଯିବାଟା ଅସୌଜନ୍ୟ ହେବ । ଜଣେ ମନ୍ତ୍ରୀଙ୍କର ଏତେ ଅନୁରୋଧର କଣ କିଛି ମୂଲ୍ୟନାହିଁ ? ଲୋକ ସୁଯୋଗ ପାଉନାହାନ୍ତି, ଆଉ ତମ ପାଖକୁ ଆସିଥିବା ସୁଯୋଗକୁ ତମେ ଗୋଡରେ ଆଡେଇ ଦେଉଛ ? ମୁଁ ଅଛି ତମ ସାଂଗରେ । ତମକୁ ଏକା କିଛି କରିବାକୁ ପଡିବନାହିଁ । ତମେ ତମ ନୀତି ଆଦର୍ଶ ଭିତରେ ରହିବ, ନୂଆ ଗୋଟେ ପରମ୍ପରା ତିଆରି କରିବ । ଖାଲି ରାଜନୀତି ଭଲ ନୁହେଁ, ରାଜନୀତି କରୁଥିବା ଲୋକ ଭଲ ନୁହଁନ୍ତି କହିଦେଲେ କଣ ଏଥିରେ ସଂସ୍କାର ଆସିଯିବ ? ବରଂ ରାଜନୀତିରେ ଭଲଲୋକ ସାମିଲ୍ ହେବା ଦରକାର । କହିଲେ ଓଁକାରନାଥ ।

ମୌସୁମୀ ଭାବି ପାରୁନଥିଲା, କେମିତି ବିଜୟାନନ୍ଦଙ୍କ ଚାହାଣୀର ଅର୍ଥ ବୁଝିପାରୁନାହାନ୍ତି ଓମ୍ ? ବୁଝି ପାରୁନାହାନ୍ତି ନା ନବୁଝିପାରିବାର ପରଳ ତାଙ୍କ ଆଖିରେ ? ରାଜନୀତି ପ୍ରତିଷ୍ଠାର ମୋହ କଣ ସୁନାମିରିଗ ପରି ତାଙ୍କୁ ମାୟାରେ ବାନ୍ଧି ସାରିଲାଣି ?

କିଛି କହିପାରିଲାନାହିଁ ମୌସୁମୀ । ସେ ଜାଣେ ମନ୍ତ୍ରୀ ତାଙ୍କ ଘରର ଅତିଥି । ତାଙ୍କ ଦୁଇଜଣଙ୍କ ଭିତରର କଳି ଯୋଗୁ ଦୁହେଁ ଅନ୍ୟ ଆଗରେ ଉପହାସିତ ହେବେ ସିନା, କିନ୍ତୁ କିଛି ନିର୍ଯ୍ୟାସ ବାହାରିବ ନାହିଁ । ବରଂ ମନ୍ତ୍ରୀ ଏଠାରୁ ବିଦାୟ ନେଇ ଯାଇ ସାରନ୍ତୁ ତା'ପରେ ତାଙ୍କ ସହ କଥାବାର୍ତ୍ତା ।

ଏମିତିକା ଆଲୋଚନାରେ ରାତି ଅନେକ ହୋଇ ଯାଇଥିଲା । ଓଁକାରନାଥ ବିଜୟାନନ୍ଦଙ୍କୁ ଅନୁରୋଧ କରିଥିଲେ ଏତେ ରାତିରେ ନଯିବା ପାଇଁ । ରାଗି ଆସୁଆସୁ ପୁଣି ନିଜକୁ ସଂଯତ କଲା ମୌସୁମୀ । ଅତିଥି ଭଗବାନ ସଦୃଶ । ତାଙ୍କୁ ଆତିଥ୍ୟ ପ୍ରଦାନରେ ହେଳା କରାଯିବା ଉଚିତ୍ ନୁହେଁ । ଯାହାହେଲେ ବି ବିଜୟାନନ୍ଦ ଜଣେ ମହାମାନ୍ୟ ମନ୍ତ୍ରୀ, ଯିଏ ତାଙ୍କ ଘରେ ରହି ନିଜ ଅସାଧାରଣତ୍ୱ ପ୍ରତିପାଦିତ କରିବାକୁ ଚାହୁଁଛନ୍ତି । ନହେଲେ ତାଙ୍କ ପାଇଁ ସରକାରୀ ସ୍ତରରେ ଅନେକ ବ୍ୟବସ୍ଥା, ଅନେକ କାଇଦା କଟକଣା । କିନ୍ତୁ ଓଁକାରନାଥଙ୍କୁ ସିଏ ବନ୍ଧୁ ବୋଲି ସ୍ୱୀକାର କରି ତାଙ୍କ ଘରେ ରହିବାକୁ ଇଚ୍ଛା କରିଛନ୍ତି । ଇଏ ଛୋଟିଆ କଥା ନୁହେଁ । ବରଂ ଯିଏ ଶୁଣିବ ସିଏ କହିବ ସୁଦାମାଙ୍କ ଘରେ ସ୍ୱୟଂ କୃଷ୍ଣ ବିଜେ କରିଛନ୍ତି !

ରାତ୍ରି ଭୋଜନ ବେଳେ ବି ସେଇ ପୂର୍ବକଥା ଦୋହରାଇଥିଲେ ବିଜୟାନନ୍ଦ । କହିଥିଲେ - ମଣିଷ ଉପରକୁ ଉଠିବା ପାଇଁ ସ୍ୱପ୍ନ ଦେଖିବା ଉଚିତ୍ । ସ୍ୱପ୍ନ ଓ ସୁଯୋଗକୁ ପଛ କରି କୋଉ ମଣିଷ ଉପରକୁ ଉଠିନାହିଁ । ଆଦର୍ଶ, ମଣିଷ ନିଜେ ତିଆରି କରେ । କେବଳ ମାତ୍ର ସମସ୍ତଙ୍କୁ ଖରାପ କହିଦେଲେ ବା ସବୁ ବ୍ୟବସ୍ଥାକୁ ଭୁଲ୍ ପ୍ରମାଣିତ କରିଦେଲେ କାହାରି ଦାୟିତ୍ୱ ସରିଯାଏନା । ସମାଜକୁ ସୁଧାରିବାର ସୁଯୋଗ ନେବା ସହ ସମାଜରେ ପ୍ରତିଷ୍ଠିତ ହେବା ପାଇଁ ସମସ୍ତେ ସଂଗ୍ରାମ କରିବା ଆବଶ୍ୟକ । ସିଏ ପୁରୁଷ ହେଉ ବା ନାରୀ, ସେଥିରେ କିଛି ଯାଏ ଆସେ ନାହିଁ । ମୁଁ ତ କହିବି ପୁରୁଷ ଠାରୁ ନାରୀଟିଏ ସମାଜ ସୁଧାରିବାରେ ବେଶି ଭୂମିକା ନିଏ ।

(କ୍ରମଶଃ)



ମୂଳହିନ୍ଦୀ - ମଧୁଦୀପ

ଅନୁବାଦ ଗଳ୍ପ

# ଲୁହା ଫାଟକ

ଅନୁସୃଜନ
ବିନୟ କୁମାର ଦାସ

ହଁ, ମୁଁ ଲୁହାଫାଟକ....ତିହାର ଜେଲର ।

ଏବେ ଏବେ ଯେଉଁ ବ୍ୟକ୍ତିଜଣକ ଅସ୍ତବ୍ୟସ୍ତ ହୋଇ ଏଠାରୁ ବାହାରିଗଲା, ତାକୁ ମୁଁ କଏଦୀ ନମ୍ବର ୫୦୬ ନାମରେ ଜାଣିଛି । ଏମିତି ତ ତା ନାମ ଦୀନେଶ ବର୍ମା । ହେଲେ ସେଇ ନାମକୁ କେହି ମନେ ରଖି ନାହାନ୍ତି । ମୋ ଭଳି ସମସ୍ତେ ତାକୁ ଜାଣନ୍ତି କଏଦୀ ନମ୍ବର ୫୦୬ । ସେଇ ନମ୍ବର ହିଁ ତାର ପରିଚୟ ।

ଆଜିକୁ ତିନି ବର୍ଷ ତଳେ ତାକୁ ଯେତେବେଳେ ଏଠାକୁ ଅଣା ଯାଇଥିଲା, ସେ ଜୋରରେ ଚିତ୍କାର କରି କହୁଥିଲା..ମୁଁ ନିର୍ଦ୍ଦୋଷ...ମୁଁ କାହାରି ବଳତ୍କାର କରିନାହିଁ । ଏଠାକୁ ଆସିବା ପୂର୍ବରୁ ସେ ଅଦାଲତରେ ଆଉ ପୋଲିସ୍ ପାଖରେ ବି ସେମିତି କଣ୍ଠ ଫଟାଇ କହିଥିବ ଯେ ସେ ଆଉ ନୀଳିମା ବିଗତ ଚାରିବର୍ଷ ଧରି " ଲିଭ୍ ଇନ୍"ରେ ରହିଆସୁଥିଲେ । ଏବେ ସେଇ ନୀଳିମା ତା ନିଜ ନାମରେ ସବୁ ସଂପତିକୁ କରାଇ ନେବା ପାଇଁ ତାକୁ ବ୍ଲାକ୍ ମେଲ୍ କରୁଛି । ପୋଲିସ୍ ତା' କଥା ଶୁଣି ନଥିଲା, ନ୍ୟାୟାଳୟରେ ବି କେହି ତା'କଥା ଶୁଣିଲେ ନାହିଁ । ତାପରେ ସେଠି ତ ଆଖିରେ ପଟି ବନ୍ଧା ହୋଇଛି । କି ନ୍ୟାୟ ପାଇବ ସେ ସେଠି ? ମୁଁ ତ ମୂକ ଲୁହା ଫାଟକଟିଏ ମାତ୍ର .. । ମୁଁ ଖାଲି ତାକୁ ଦେଖେ । କେବଳ ତାକୁ କାହିଁକି..ଏମିତି କେତେକେତେ ଦୀନେଶଙ୍କର ଏଠାରେ ପ୍ରବେଶ ପ୍ରସ୍ଥାନ ଚାଲିଛି । ସବୁ ଦେଖେ..କିଛି କହିପାରେନି କାହାକୁ । ମୁଁ ଲୁହାଫାଟକ ଟିଏ ପରା ।

ତେବେ ସୁଖର କଥା, ଦୀର୍ଘ ତିନି ବର୍ଷର ବିଚାର ପ୍ରକ୍ରିୟା ପରେ ଆଜି ଉଚ୍ଚନ୍ୟାୟାଳୟ କାନରେ ସତକଥା ପଡିଛି । ପ୍ରତିପକ୍ଷ ତାକୁ ଦୋଷୀ ସାବ୍ୟସ୍ତ କରିବାରେ ସଂପୂର୍ଣ୍ଣ ରୂପେ ବିଫଳ ହେବାରୁ, ତାକୁ ନିର୍ଦ୍ଦୋଷ ଘୋଷଣା କରାଯାଇଅଛି ।

ରାଜରାସ୍ତାକୁ ଏବେ ଏବେ ଓହ୍ଲାଇ ଆସିଛି ରାତି । ମୋ ସାମ୍ନାରେ ଥିବା ଛକରୁ ଚାରିଦିଗକୁ ଯେଉଁ ଚାରିଟି ରାସ୍ତା ଯାଇଛି, ସେଠି ଉଜ୍ୱଳ ଆଲୋକର ବନ୍ୟା ଲହଡି ଭାଙ୍ଗୁଛି । ଚାରିଆଡେ ଖାଲି ଆଲୋକ ହିଁ ଆଲୋକ । ହେଲେ ମୁଁ ଭଲ ଭାବରେ ଜାଣିଛି ସେଇ ଆଲୋକିତ ଛକ ଆଡକୁ ଆଗେଇବା ବେଳକୁ ଏ ଦୀନେଶକୁ ଅନ୍ୟ କେତେକେତେ ଦୀନେଶମାନଙ୍କ ପରି ସବୁ ଆଲୋକ କେମିତି ଘନ ଅନ୍ଧକାରରେ ହଜି ଯାଉଛି । ଏମିତି ସବୁ ଦୀନେଶମାନଙ୍କ ଅସହାୟ ଅବସ୍ଥାକୁ ଦେଖି ମୋର ପ୍ରବଳ ଇଚ୍ଛା ହେଉଛି ଖୁବ୍ ଜୋରରେ ଚିତ୍କାର କରିବାପାଇଁ । କିନ୍ତୁ ହାୟ ! ସେତକ ମୁଁ କସ୍ମିନକାଳେ କରିପାରିନି...କରି ବି ପାରିବିନି..କାରଣ ମୁଁ କେବଳ ଫାଟକଟିଏ...ଲୁହାର ॥



+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୭୫୬୦୦୧
ମୋ- ୯୮୬୧୦୧୮୩୬୯

# ଶକ୍ତିର ପ୍ରତୀକ ଦେବୀ ଦୁର୍ଗା



ଗୋପାଳ ମହାପାତ୍ର



ମନୁଷ୍ୟ ମନରେ ଦ୍ୱନ୍ଦ୍ୱ ଭରି ରହିଥାଏ। ଏହି ଦ୍ୱନ୍ଦ୍ୱ ବା ଅନ୍ତର୍ବିରୋଧ ଆଦର୍ଶ ଏବଂ ପତନର ପ୍ରେରକ ତତ୍ତ୍ୱ ଅଟେ । ଅନ୍ତର୍ବିରୋଧ ଚିନ୍ତନ ପାଇଁ ମଧ ଖୋରାକ ଯୋଗାଇଥାଏ । ନିର୍ଗୁଣ ଏବଂ ସଗୁଣ ଏହି ଭକ୍ତି-କାବ୍ୟର ଧାରା ଅଟନ୍ତି । ଏଥିପାଇଁ ଆମର କଥା ଏବଂ କାର୍ଯ୍ୟରେ ପାର୍ଥକ୍ୟ ଦେଖାଦେଇଥାଏ । ଆମ ଋଷି ମୁନିମାନେ ସେମାନଙ୍କ ଅନ୍ତଃଜ୍ଞାନରେ ଏ କଥାକୁ ଜାଣିଥିଲେ । ଏହି ଭେଦକୁ ବିଶ୍ୱର ଅନ୍ୟ ଦେଶର ସଭ୍ୟତା ମଧ ଏବେ ଜାଣିଲାଣି ଏବଂ ସେମାନେ ଭୌତିକ ପ୍ରଗତି ସହିତ ସାମାଜିକ ଓ ଆର୍ଥିକ ସମତା କଥା କହିବା ଆରମ୍ଭ କଲେଣି । ଏହି ଦ୍ୱନ୍ଦ୍ୱ ବା ଅନ୍ତଃବିରୋଧ ଦେବୀ ଦୁର୍ଗାଙ୍କର ନଅଟି ରୂପ ଅର୍ଥାତ ଆଦ୍ୟା ଶକ୍ତି ଅଟନ୍ତି । ଦୈବୀ ଶକ୍ତି ସେମାନଙ୍କୁ କୁହାଯାଏ ଯିଏ ମନୁଷ୍ୟର ଅନୁକୂଳ ଅର୍ଥାତ ଫଳଦାୟୀ ଏବଂ ଆସୁରିକ ଶକ୍ତି ସେମାନଙ୍କୁ କୁହାଯାଏ ଯିଏ ମନୁଷ୍ୟଣ ପ୍ରତିକୂଳ ବା ମନୁଷ୍ୟକୁ ହାନୀ ପହଞ୍ଚାଇଥାଏ । ନବରାତ୍ରୀର ଆୟୋଜନ ଦୁଇଟି ଋତୁର ପରିବର୍ତ୍ତନର ସମୟରେ ହୋଇଥାଏ । ଜୀବନରେ ପରିବର୍ତ୍ତନର ସ୍ୱୀକାର୍ଯ୍ୟର ଦ୍ୟୋତକ ହେଉଛି ନବରାତ୍ର । ଆଶ୍ୱିନ ମାସର ଶୁକ୍ଳପକ୍ଷରେ ନବରାତ୍ରର ଆୟୋଜନ କରାଯାଇଥାଏ । ଶୁକ୍ଳପକ୍ଷ ହେଉଛି ଅନ୍ଧକାରକୁ ବା ଅଜ୍ଞାନକୁ ଦୂର କରିବାର ପ୍ରତୀକ । ଅନ୍ୟପକ୍ଷରେ କୃଷ୍ଣପକ୍ଷ ଅନ୍ଧକାର ବା ଅଜ୍ଞାନର ବୃଦ୍ଧିର ପ୍ରତୀକ ଅଟେ । ପ୍ରତିମାସରେ ଉତ୍ସର୍ଜିତ ଏବଂ ବିଲୋପିତ ହେଉଥିବା ଏହି ଦୁଇପକ୍ଷ ଜୀବନର ସକାରାତ୍ମକ ଏବଂ ସକାରାତ୍ମକ ପକ୍ଷର ପ୍ରବୃତ୍ତି ଅଟନ୍ତି । ପ୍ରକୃତିଠାରୁ ଆରମ୍ଭ କରି ଜୀବନରେ ସବୁ ଜାଗାରେ ଅନ୍ତଃବିରୋଧ ବ୍ୟାପ୍ତ ହୋଇ ରହିଛି । ଏ ସବୁ ବିରୋଧଭାଷୀ ପକ୍ଷ ମଧ୍ୟରେ ସାମସ୍ୟ ଆଣିବାର କାର୍ଯ୍ୟ ଦୁର୍ଗା ହିଁ କରିଥାନ୍ତି ।

ମାର୍କଣ୍ଡେୟ ପୁରାଣରେ ପ୍ରକାଶ ଏବଂ ଶକ୍ତି ବାବଦରେ କୁହାଯାଇଛି ଯେ ‘ଦେବତାମାନେ ଏକ ପ୍ରକାଶ ପୁ ଦେଖିଥିଲେ ଯାହା ଏକ ବିଶାଳ ପର୍ବତ ସମାନ ପ୍ରଦୀପ୍ତ ଥିଲା । ସମ୍ପୂର୍ଣ୍ଣ ଆକାଶକୁ ଏହି ପ୍ରକାଶ ବ୍ୟାପିଯାଇଥିଲା । ପରେ ଏହି ପ୍ରକାଶ ପୁ ଏକ ପିଣ୍ଡରେ ପରିବର୍ତ୍ତିତ ହୋଇଥିଲା ଯାହା ଏକ ଶରୀର ରୂପରେ ଅସ୍ତିତ୍ୱକୁ ଆସିଥିଲା । କାଳାନ୍ତରରେ ଏହା ଏକ ସ୍ତ୍ରୀ ବା ନାରୀର ଶରୀର ଭାବେ ଆଶ୍ଚର୍ଯ୍ୟଜନକ ଢଙ୍ଗରେ ପରିବର୍ତ୍ତିତ ହୋଇଥିଲା । ଏହି ନାରୀ ଶରୀରରୁ ବାହାରୁଥିବା ଜ୍ୟୋତି ବା କିରଣ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳ ତିନିପୁରକୁ ଆଲୋକିତ କରିଥିଲା । ପ୍ରକାଶ ଏବଂ ଶକ୍ତିର ଏହି ସମନ୍ୱିତ ରୂପକୁ ଆଦି ଶକ୍ତି ବା ଆଦି ମାତା କୁହାଗଲା ।’ ଛନ୍ଦୋଗ୍ୟ ଉପନିଷଦରେ କୁହାଯାଇଛି ଯେ ‘ଅବ୍ୟକ୍ତରୁ ଉତ୍ପନ୍ନ ତିନିଟି ତତ୍ତ୍ୱ ଅଗ୍ନି, ଜଳ ଏବଂ ପୃଥିବୀର ତିନି ରଙ୍ଗ ସବୁ ବସ୍ତୁରେ ଅନ୍ତର୍ନିହିତ ହୋଇ ରହିଛି । ଏଣୁ ଏହା ସୃଷ୍ଟି ବା ଜୀବନର ମୂଳତତ୍ତ୍ୱ ଅଟେ । ପ୍ରକୃତିର ଏହି ଶକ୍ତି ଜୀବନର ଜନ୍ମ ଏବଂ ଏହାର ଗତିର ମୁଖ୍ୟ ଆଧାର ଅଟେ ।’

ଏହି ଅବଧାରଣାରେ ଯେଉଁ ଦେବୀ ପ୍ରକଟ ହୋଇଥାନ୍ତି ସେହି ଦେବୀ ମହିଷାସୁର ମର୍ଦ୍ଦିନୀ ଅଟନ୍ତି । ପୁରାଣରୂପୀ ଏହି ଅବସ୍ଥା ସତ୍ତ୍ୱ, ରଜ ଏବଂ ତମୋଗୁଣରେ ରୂପାନ୍ତରିତ ହୋଇ ସୃଷ୍ଟିକୁ ସନ୍ତୁଳିତ ରଖିବାର କାର୍ଯ୍ୟ କରିଥାଏ । ଏଇଥିପାଇଁ ଦେବୀଙ୍କୁ ଆଦ୍ୟା ବା ଅସାଧାରଣ ଶକ୍ତି ବୋଲି କୁହାଯାଏ । ବିଶ୍ୱର ଏହି ଆଦ୍ୟା ବା ଜନନୀଙ୍କ ବିନା ଶିବ ମଧ ‘ଶବ’ ମାତ୍ର ।

ଯେତେବେଳେ ବ୍ରହ୍ମାଣ୍ଡରେ ଶକ୍ତିର ବିଘଟନ ଘଟିଥାଏ ସେତେବେଳେ ଆସୁରୀ ଶକ୍ତି ପ୍ରକଟିତ ହୋଇଥାଏ । ଶକ୍ତି ଯେତେବେଳେ ଅବ୍ୟବସ୍ଥିତ ହୋଇଯାଏ ସେତେବେଳେ ଧ୍ୱଂସାତ୍ମକ ସ୍ଥିତି ଉପୁଜିଥାଏ । ଏବେ ବିଧ୍ୱଂସକାରୀ ବୈଜ୍ଞାନିକ ପ୍ରୟୋଗ କାରଣରୁ ବିଶ୍ୱରେ ଶକ୍ତିର ଧ୍ୱଂସାତ୍ମକ ରୂପ ଦେଖାଯାଉଛି । ଅରାଜକତା ଦେଖାଯାଉଛି ଓ ପରିବେଶର ନକାରାତ୍ମକ ସ୍ଥିତି ସୃଷ୍ଟି ଏପରିକି ଆସୁରିକ ଶକ୍ତି ବୃଦ୍ଧି ପାଇବାରେ ଲାଗିଛି । ଏହି ଶକ୍ତିକୁ ଅକ୍ଷୁର୍ଣ୍ଣ ରଖିବାର କାର୍ଯ୍ୟ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର କରିଥାନ୍ତି । ଦେବୀ ମହାତ୍ମ୍ୟରେ କୁହାଯାଇଛି ଯେ ଦେବତା ଏବଂ ଅସୁରମାନଙ୍କ ମଧ୍ୟରେ ଯେବେ ଯୁଦ୍ଧ ହୋଇଥିଲା ସେଇ ଯୁଦ୍ଧ ଶହେଦିନ ପର୍ଯ୍ୟନ୍ତ ଚାଲିଥିଲା । ଏହି ଯୁଦ୍ଧ ସମୟରେ ରାକ୍ଷସ ମହିଷ ଅସୁରମାନଙ୍କର ରାଜା ଥିଲା ଏବଂ ଦେବତାମାନଙ୍କର ଅଧିପତି ଥିଲେ ଇନ୍ଦ୍ର । ଯୁଦ୍ଧରେ ଅସୁରମାନେ ଦେବତାମାନଙ୍କୁ ପରାସ୍ତ କରିଥିଲେ । ଫଳରେ ରାକ୍ଷସ ମହିଷ ଦେବତାମାନଙ୍କର ରାଜା ପାଲଟିଯାଇଥିଲା । ପରାଜିତ ଦେବତାମାନେ ପ୍ରଜାପତି ବ୍ରହ୍ମାଙ୍କ ନେତୃତ୍ୱରେ ବିଷ୍ଣୁ ଓ ଶିବଙ୍କ ପାଖକୁ ଯାଇଥିଲେ ଓ ପରାଜୟର କଥା ଶୁଣାଇଥିଲେ । ଏ କଥା ଶୁଣି ବିଷ୍ଣୁ ଓ ଶିବ କ୍ରୋଧିତ ହୋଇଥିଲେ । ବିଷ୍ଣୁ ତାଙ୍କ ମୁହଁରୁ ଏକ ଅକ୍ଷୟ ଶକ୍ତିର ଉତ୍ପନ୍ନ କରିଥିଲେ । ବ୍ରହ୍ମା ଏବଂ ଶିବ ମଧ ଅକ୍ଷୟ ଶକ୍ତିର ଉତ୍ପନ୍ନ କରାଇଥିଲେ । ଇନ୍ଦ୍ର ଓ ଅନ୍ୟ ଦେବତାମାନେ ମଧ ସେମାନଙ୍କ ଶକ୍ତି ପ୍ରକଟ କରାଇଥିଲେ । ଦେବତାମାନଙ୍କର ଏହି ଶକ୍ତି ପ୍ରବାହରେ ନକାରାତ୍ମକ ଶକ୍ତି ସକାରାତ୍ମକ ଶକ୍ତିରେ ପରିବର୍ତ୍ତିତ ହୋଇଥିଲା ଓ ଦେବତାମାନଙ୍କର ଶକ୍ତି ଏକ ପର୍ବତ ଆକାର ଧାରଣ କରିଥିଲା । ଏଥିରୁ କାତ୍ୟାୟନୀ ପ୍ରକଟ ହୋଇଥିଲେ । କାତ୍ୟାୟନୀ ବା ଦୁର୍ଗାଙ୍କର ଏହି ରୂପକୁ ମହିଷାସୁର ମର୍ଦ୍ଦିନୀ ବୋଲି କୁହାଗଲା ।

ରାକ୍ଷସ ମହିଷ ଶକ୍ତିଶାଳୀ ଥିଲା । କିନ୍ତୁ ତା’ର ଆଚରଣ କ୍ରୁର ଥିଲା ଓ ତାହା ବ୍ରହ୍ମାଣ୍ଡର ଆଧାତ୍ମିକ ଆଧାରର ଅନୁକୂଳ ନଥିଲା । ଏହି କାରଣରୁ କାତ୍ୟାୟନୀ ବା ଦୁର୍ଗା ମହିଷକୁ ପଦଦଳିତ କରି ତାର ଅହଂକାରକୁ ଚୂନା କରି ଦେଇଥିଲେ । ମହିଷର ପ୍ରାଣ ନେଇଥିବା କାରଣରୁ ଦୁର୍ଗାଙ୍କୁ ମହିଷାସୁର ମର୍ଦ୍ଦିନୀ କୁହାଯାଏ । ଏଇଥିପାଇଁ ତାଙ୍କୁ ବ୍ରହ୍ମାଣ୍ଡର ଜନନୀ ବୋଲି କୁହାଯାଏ ଯାହା ପୃଥିବୀର ପ୍ରତୀକ । ବ୍ରହ୍ମାଣ୍ଡର ଅସ୍ତିତ୍ୱର ଏହା ହେଉଛି ବୀଜ । ପ୍ରକୃତିର ଏହି ରୂପକୁ ମାନବୀକରଣ କରାଯାଇ ଋକ୍‌ବେଦରେ କୁହାଯାଇଛି ଯେ ‘ଜ୍ଞାନର ସବୁ ବିଷୟ ଏବଂ କ୍ରିୟାକଳାପ ଅନ୍ତତଃ ଦେବୀଙ୍କର ରୂପ ଅଟେ ।’ ସୃଷ୍ଟିର ସର୍ଜନାଠାରୁ ଆରମ୍ଭ କରି ଏଯାବତ୍ ସମୟ ପର୍ଯ୍ୟନ୍ତ ନାରୀଙ୍କୁ ମା’ର ରୂପ ଦିଆଯାଉଛି । ନାରୀ ତାଙ୍କର ଶକ୍ତିରେ ମନୁଷ୍ୟକୁ ମନୁଷ୍ୟତ୍ୱ ପ୍ରଦାନ କରିଥାନ୍ତି । ଏଥିରୁ ସ୍ପଷ୍ଟ ଯେ ଦୁର୍ଗା ହେଉଛନ୍ତି ମୂଳ ପ୍ରକୃତିର ସେହି ରୂପ ଯେଉଁଠାରେ ସମସ୍ତ ଶକ୍ତି ମମାହିତ ହୋଇ ରହିଛି ।

+ ରାମଚନ୍ଦ୍ରପୁର, ରଣପୁର, ମୋ- (ମୋ)୯୩୪୮୪୮୫୦୯୪

## ପ୍ରେମରେ ପ୍ରେମରେ ଗୀତି ....(୨୦)



ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ମୁଁ ସପନ ବଣିକ ଟିଏ ॥

ମୁଁ ସପନ ବଣିକଟିଏ
କିଣୁଛି ସପନ ବିକୁଛି ସପନ
ନିତି ମୋ’ ବେଉସା ଇଏ ।

କିଏ ଠକି ଦେଇ ଶାମୁକା ଧରେଇ
ଯାଇଛି ମୁକୁତା ଖୋଜି,
କିଏ ପୁଣି ମୁକ୍ତା ଉଧାର ନେଇଛି
ଫେରାଇବ କହି ଆଜି,
କେହି ଫେରିନାହିଁ ବସିଛି ଅନେଇ
ଯେ ଯାହା ବାଟରେ ଯିଏ ।

ବହୁତ ପାଇଛି ପାଇ ହରେଇଛି
ଏଇ ମୋ ଜୀବନ ଗୀତି,
କିଛି ମନେ ଅଛି କିଛି ବା ଭୁଲିଛି
ସବୁ ମୋ’ ଅଭୁଲା ସ୍ମୃତି,
ମେଲିଛି ପସରା କରିଛି ଆସରା
ସପନ ସାଥିରେ ମନ କିଣିନେବ
ସେ’ ଗ୍ରାହକ ଜଣକ କିଏ ?

## ଶାରଦୀୟ ଦୁର୍ଗାପୂଜା : ମହିଷାସୁରମର୍ଦ୍ଦିନୀ ମା’...

ଡ.ଦୀପ୍ତିମୟୀ ବେହେରା



ଋତୁଚକ୍ରର ଆବର୍ତ୍ତନରେ ଋତୁ ପରେ ଋତୁ ଆସନ୍ତି ଓ ଯାଆନ୍ତି । ଯେତେବେଳେ ବର୍ଷା ଋତୁର ହୁଏ ଅନ୍ତ ସେତେବେଳେ ଆଗମନ କରେ ଶରତ ଋତୁ । ଏହି ଋତୁ ହେଉଛି ସବୁଠୁ ଖୁସି ଓ ପାର୍ବଣର ଋତୁ । ଧରାପୃଷ୍ଠରେ କାଶତଣ୍ଡୀର ସମ୍ଭାର । ପୁଷ୍ପଗୁଡ଼ିକ ଖୁବ ସୌନ୍ଦର୍ଯ୍ୟମୟୀ । ତା’ର ଖିଲିଖିଲି ହସ ଛୁଇଁଯାଏ ହୃଦୟକୁ । ନିର୍ମଳ ଆକାଶର ଭାସମାନ ବାଦଲଗୁଡ଼ିକ ମନମୋହି ନେଉଥିବାବେଳେ ନାଳିନୀଳ କୁମୁଦଗୁଡ଼ିକ ଅପଲକ ନୟନରେ ସ୍ୱାଗତ କରିବାକୁ ଚାହିଁରହିଥାନ୍ତି ମା’ଙ୍କୁ ।

ଆମ ପ୍ରାଚୀନ ସଂସ୍କୃତି ଓ ପରମ୍ପରାରେ ପାଳନ କରାଯାଏ ବାରମାସରେ ତେର ପର୍ବ । ସେଥିମଧ୍ୟରୁ ‘ଦଶହରା’ ପର୍ବ ଅନ୍ୟତମ । ପୁରାଣ ଉପାଖ୍ୟାନମାନଙ୍କରେ ମା’ ଦୁର୍ଗତିନାଶିନୀ ଦୁର୍ଗାଦେବୀଙ୍କ ବିଜୟ ଗାଥା ବର୍ଣ୍ଣିତ । ଶାକ୍ତ ପରମ୍ପରାରେ ଦୁର୍ଗାଦେବୀ ହେଉଛନ୍ତି ସକଳ ସୃଷ୍ଟିର ଆଧାର । ତେଣୁ ଦୁର୍ଗାପୂଜା ଶକ୍ତିଉପାସନାର ପର୍ବ । ଶାକ୍ତପୀଠମାନଙ୍କରେ ଷୋଡଶ ଦିବସବ୍ୟାପୀ ଷୋଡଶ ଉପଚାର ସହ ବିଧିବଦ୍ଧଭାବେ କରାଯାଏ ପୂଜାର୍ଚ୍ଚନା । ବିଶେଷକରି ନବଦିନାତ୍ମକ ପୂଜାବିଧିକୁ ‘ନବରାତ୍ର’ ବୋଲି କୁହାଯାଇଥାଏ । ପ୍ରଥମ ଦିନ ମାଆ ଶୈଳପୁତ୍ରୀ, ଦ୍ୱିତୀୟ ଦିନ ବ୍ରହ୍ମଚାରିଣୀ, ତୃତୀୟ ଦିନ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନ କୁଷ୍ମାଣ୍ଡା, ପଞ୍ଚମ ଦିନ ସ୍କନ୍ଦମାତା, ଷଷ୍ଠ ଦିନ କାତ୍ୟାୟିନୀ, ସପ୍ତମ ଦିନ କାଳରାତ୍ରି, ଅଷ୍ଟମ ଦିନ ମହାଗୌରୀ ଓ ନବମ ଦିନ ମାଆ ସିଦ୍ଧିଦାତ୍ରୀଙ୍କୁ ପୂଜା କରାଯାଇଥାଏ । ନବରାତ୍ରୀ ପାଳନ କଲେ ନବଶକ୍ତି ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ଅଛି ।

ଇତିହାସ କହେ ୧୧ଶ ଶତାବ୍ଦୀବେଳରୁ ହିଁ ଅର୍ଥାତ ଗଙ୍ଗବଂଶର ସମ୍ରାଟ ଚୋଡଗଙ୍ଗଦେବଙ୍କ ରାଜତ୍ୱ କାଳରୁ ହିଁ ଦୁର୍ଗାପୂଜା ହେବାର ଦେଖିବାକୁ ମିଳିଥିଲା । ମାର୍କଣ୍ଡେୟ ପୁରାଣରେ ବର୍ଣ୍ଣିତ ଅଛି ଯେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ମହିଷାସୁର ଦେବଗଣଙ୍କ ଉପରେ ଅତ୍ୟାଚାର ଚଳାଇଥିଲା । ଫଳରେ ଭୟଭୀତ ହୋଇ ଦେବଗଣ ଆସି ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ସ୍ୱୟଂ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ତେଜୋନଳରୁ ସୃଷ୍ଟି ହେଲେ ଏକ ଦିବ୍ୟ ସୁନ୍ଦରୀ । ଏପରି ଦିବ୍ୟ ନାରୀଙ୍କୁ ଦେଖି ଦେବତାଗଣ ସନ୍ତୋଷ ବ୍ୟକ୍ତ କଲେ ଯେ ଏଥର ମହିଷାସୁରର ନିଧନ ସୁନିଶ୍ଚିତ । ଦାନବକୁ ସଂହାର କରିବା ନିମନ୍ତେ ସମସ୍ତ ଦେବଗଣ ନିଜ ନିଜର ଦିବ୍ୟାସ୍ତ୍ରକୁ ମା’ଦୁର୍ଗା ଦେବୀଙ୍କୁ ପ୍ରଦାନ କରିଥିଲେ ବୋଲି ଏହି ପୂଜାକୁ ‘ଶକ୍ତି ପୂଜା’ ମଧ କୁହାଯାଇଥାଏ । ଭଗବାନ ବିଷ୍ଣୁ ଚକ୍ର ପ୍ରଦାନ, ବରୁଣଦେବ ଶଙ୍ଖ ପ୍ରଦାନ, ମହେଶ୍ୱର ତ୍ରିଶୂଳ ପ୍ରଦାନ, ରାଜା ଇନ୍ଦ୍ରଦେବ ବଜ୍ର ପ୍ରଦାନ, ବିଶ୍ୱକର୍ମା ଫାର୍ଶା ପ୍ରଦାନ, ଯମରାଜ ମଧ ଦେବୀଙ୍କୁ ଖଡ୍ଗ ଓ ଢାଲ ପ୍ରଦାନ ଏବଂ ହିମାଳୟ ଅର୍ପଣ କଲେ ମା’ଙ୍କୁ ଏକ ସିଂହ, ଯେଉଁଥିରେ ବସି ମାତା ଦୁର୍ଗାଦେବୀ ବାହାରିଥିଲେ ଯୁଦ୍ଧକ୍ଷେତ୍ରକୁ । ରଣାଙ୍ଗନରେ ଅନେକ ସମୟ ଧରି ଯୁଦ୍ଧ ହେବା ପରେ ଶକ୍ତିସ୍ୱରୂପା ଦେବୀ ତ୍ରିଶୂଳ ଦ୍ୱାରା ମହିଷାସୁରର ବକ୍ଷ ବିଦ୍ଧ କରି ଖଡ୍ଗ ଦ୍ୱାରା ତା’ର ଶିର ଛେଦନ କରିଥିଲେ ।

ଦୁର୍ଗାପୂଜା ଖାଲି ଓଡ଼ିଶାରେ ନୁହେଁ ବରଂ ସମଗ୍ର ଭାରତ ବର୍ଷରେ ମଧ ବହୁ ଧୁମଧାମରେ ପାଳନ କରାଯାଇଥାଏ । ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ମୃଣ୍ମୟୀ ମୂର୍ତ୍ତି । ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜେ ସ୍ୱର୍ଣ୍ଣ ଓ ଚାନ୍ଦିର ମେଢ଼ । ଜଗଜ୍ଜନନୀ ମା’ଦୁର୍ଗାଙ୍କ ପାଇଁ ପ୍ରତ୍ୟେକ ଚଳଚଞ୍ଚଳ । ଶାରଦୀୟ ପୂଜା ମଣ୍ଡପଗୁଡ଼ିକ ବେଶ ଆକର୍ଷଣୀୟ । ଗଗନ ପବନ ଉଲ୍ଲସିତ । ଆଖି ଝଲସିଲା ପରି ସୁଉଚ୍ଚ ତୋରଣ । ମନଲୋଭା ଆଲୋକସଜ୍ଜା । ବିଶେଷକରି ଷଷ୍ଠୀ ଦିନ ‘ବିଲ୍ୱ ବରଣ’, ସପ୍ତମୀରେ ‘ଚକ୍ଷୁ ଦାନ’, ଅଷ୍ଟମୀ ତିଥିରେ ‘ମହାଷ୍ଟମୀ ପୂଜା’ । ଏହିଦିନ ମଧ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ ଯାହାକି ‘ଭାଇ ଜୀଉନ୍ତିଆ’ ଓଷା ପାଳନ କରିଥାନ୍ତି । ଭାଇମାନଙ୍କର ମଙ୍ଗଳମନାସି ଭଉଣୀମାନେ ଉପବାସ ବ୍ରତ ରଖିଥାନ୍ତି । ନବମୀ ଦିନ ‘ସନ୍ଧି ପୂଜା’ ମହାସମାରୋହରେ ପାଳିତ ହୋଇ ଦଶହରା ଶେଷ ହୋଇଥାଏ ଦଶମୀ ତିଥିରେ । ଏହିଦିନ ‘ରାବଣ ପୋଡ଼ି’ ଉତ୍ସବ କରାଯାଇଥାଏ । ତା’ ପରଦିନ ଭସାଣୀ ଉତ୍ସବକୁ ଜାକଜମକରେ କରାଯାଇ ମା’ଙ୍କୁ ନଦୀରେ ବିସର୍ଜନ କରାଯାଇଥାଏ ।

ହେ ମା’ ! ସିଂହବାହିନୀ ଦୁର୍ଗତିନାଶିନୀ ଦୁର୍ଗାମାଆ । ସାମ୍ପ୍ରତିକ ସମୟ ଧରାବତରଣର ସମୟ । ଦେଖିଯାଅ ପାପରଭାରାରେ ଭାରାକ୍ରାନ୍ତ କିପରି ପୃଥିବୀ ? ଧରାପୃଷ୍ଠ ଆଜି ହିଂସାମୟ । ରୁଧିରମୁଖା ମହିଷାସୁରଙ୍କ ରାଜୁତି । ସ୍ୱେଚ୍ଛାଚାରୀ ମନୁଷ୍ୟଙ୍କ ପାଇଁ ଆଜିର ଏ ଦୁର୍ଦ୍ଦଶା । ସାଧାରଣଜୀବନ ଅସ୍ତବ୍ୟସ୍ତ । ନିରୀହ ଜନତା ଡାକୁଛି ତ୍ରାହିତ୍ରାହି । ହେ ମା ! ଓହ୍ଲାଇ ଆସ ଥରୁଟିଏ । ରକ୍ତପିପାସୁ ନର ରାକ୍ଷସଗଣଙ୍କୁ ବଧ କରି ସତ୍ୟ, ଶାନ୍ତି ମୈତ୍ରୀର ଧ୍ୱଜା ଉଡାଅ । ଦୁଷ୍ଟ ଦାନବର ସଂହାର କରି ପାପ ଉପରେ ପୂଣ୍ୟର ଜୟ କର, ଅସତ୍ୟରୁ ସତ୍ୟର ପଥ ଦେଖାଅ, ଅନ୍ଧକାରରୁ ଉଜ୍ଜ୍ୱଳ ଆଲୋକ ପ୍ରଦାନ କର ଆଉ ଅନ୍ୟାୟ ଉପରେ ନ୍ୟାୟର ବିଜୟ ପ୍ରଦାନ କରି ଦିବ୍ୟପଥକୁ ଉନ୍ମୁକ୍ତ କର ମା’... ସୁଖ, ଶାନ୍ତି ଓ ସମୃଦ୍ଧିର ସଲିଳ ବରଷି ମୁଖେ ହସ ଭରି ଦେଇଯାଅ ମା’...।

+ କୋଏଲ ନଗର, ରାଉରକେଲା




## ॥ ସେଇ ଦିନ ॥



ବିଷ୍ଣୁ ପ୍ରଭାକର
(୧୯୧୨-୨୦୦୯)

ଗୋଟେ ଗୋଟେ ଦିନ ଏମିତି ଥାଏ ଯାହା ମନେରହେ ସାରା ଜୀବନ । ଭୁଲିବାକୁ ଶତଚେଷ୍ଟା କଲେ ବି ଭୁଲି ହୁଏନାହିଁ । ଦେଶ ବିଭାଜନ ସମୟରେ ଦିଲ୍ଲୀର ଗୋଟିଏ ବସ୍ତି ଭିତରେ ଘଟିଥିବା ଘଟଣାକୁ ହିନ୍ଦୀର ବିଶିଷ୍ଟ କଥାକାର ବିଷ୍ଣୁ ପ୍ରଭାକର ଆପଣା କଲମ ମୁନରେ ସବୁଦିନ ପାଇଁ ବଞ୍ଚେଇ ରଖିବାକୁ ଚେଷ୍ଟା କରିଛନ୍ତି । ତାକୁ ଏତେବର୍ଷ ପରେ ପଢ଼ିଲେ ଆଜିବି ଥରିଉଠେ ଛାତି । ଗଳ୍ପ - ‘ସେଇ ଦିନ’ ।

ବସ୍ତି ଭିତରେ ପ୍ରବଳ ଉତ୍ତେଜନା । ଧାଁ ଦଉଡ଼, ହଣାକଟା ତଥା ପୋଡ଼ାଜଳା । ଲୋକେ ଭୟରେ ତାଟିକବାଟ କିଳି ଘର ଭିତରେ ରହିଥାନ୍ତି । ମଞ୍ଜୁ ଝରକା କବାଟ ଟିକିଏ ମେଲାକରି ବାହାରକୁ ଦେଖେ । ତାଙ୍କ ଘର ସାମ୍ନା ନାଳକଡ଼ରେ ମୁହଁମାଡ଼ି ପଡ଼ିଥାଏ ସ୍ତ୍ରୀଲୋକଟିଏ । ବେକ ଓ ପେଟ ପାଖରୁ ପ୍ରଚୁର ରକ୍ତ ବୋହି ରାସ୍ତା ଉପରେ ଜମାଟ ବାନ୍ଧିଥାଏ । ପିନ୍ଧା କପଡ଼ା ରକ୍ତରେ ଜୁଡୁବୁଡୁ । ମୁଣ୍ଡର ନୁଖୁରା ବାଳ ଉଡୁଥାଏ ପବନରେ । ପାଖରେ ଚିତ୍ ହୋଇ ପଡ଼ିଥାଏ ଛୋଟ ଛୁଆଟିଏ । ତା’ର ମଧ୍ୟ ପେଟ ଫାଟି ବାହାରି ପଡ଼ିଥାଏ ଅନ୍ତବୁଜୁଳି । ନିସ୍ପନ୍ଦ ମା’ଟି ପାଖରେ ନିସ୍ପନ୍ଦ ଶିଶୁ । ଆଉ ନା କେବେ ତାକୁ ମା’ବୋଲି ଡାକିବ ନା ଦୁଧ ପିଇବାକୁ ଅଳି କରିବ । ଚାରିଆଡ଼ ଶୁନ୍‌ଶାନ୍ । ସୂର୍ଯ୍ୟଙ୍କ ତେଜ ଆସ୍ତେ ଆସ୍ତେ ବୃଦ୍ଧି ପାଇବାରେ ଲାଗିଥାଏ । ସ୍ୱାମୀ ଆସି ତା’ କାନ୍ଧରେ ହାତରଖି ପଚାରନ୍ତି ସିଏ କ’ଣ ଦେଖୁଛି ବୋଲି । ଠାଏ କି ଚମକି ପଡ଼େ ବିଚାରୀ । ହାତଠାରି ଦେଖାଇ ଦିଏ ରାସ୍ତା ଉପରେ ପଡ଼ିଥିବା ଶବଦୁଇଟିକୁ । ତା’ର ଯେ ଦିନେ ଏମିତି ଅବସ୍ଥା ନହେବ, କିଏ କହିବ ? ସେ ଏଇମିତି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବ ନାଳ କଡ଼ରେ ଆଉ ତା’ ନୟନପିତୁଳା ପ୍ରଦୀପର ଅନ୍ତବୁଜୁଳି ....ଓଃ... ତା’ ମୁଣ୍ଡ ଝିମ୍ ଝିମ୍ ହୋଇ ଥଣ୍ଡା ଝାଳ ବୋହିଯାଏ ସମଗ୍ର ଶରୀରରୁ । ଦିନ କେଇଟା ଭିତରେ ଦେଶଟା କ’ଣ ହୋଇଗଲା ଦେଖତ ! ଆଜି ସମସ୍ତେ ରକ୍ତମୁଖା । ଯା’ର ପରିଣାମ କ’ଣ ଯେ ହେବ ? କିଛି ଭାବି ହେଉନି । ସ୍ୱାମୀ ତାକୁ ପାଖରେ ଥିବା ଚୌକିରେ ବସାଇ ବୁଝାଇବା ଢଙ୍ଗରେ କହନ୍ତି, “ପରିଣାମ ଶୁଭଙ୍କର ହେବ ମଞ୍ଜୁ । ବିନାଶ ପରେ ନିର୍ମାଣ ପ୍ରକୃତିର ନିୟମ ପରା । ଜମିକୁ ଉପାର୍ଜନକ୍ଷମ କରିବା ପାଇଁ ସେଥିରେ ନିଆଁ ଲଗାଇ ଦିଆଯାଏ । ବନ୍ୟାର ବିଭିଷିକା ପରେ ଧରିତ୍ରୀର ଶସ୍ୟ ଉତ୍ପାଦନ କ୍ଷମତା ବୃଦ୍ଧିପାଏ ।” ପୁଣି ସାମାନ୍ୟ ହସି କହନ୍ତି, “ଏମାନଙ୍କୁ ଧନ୍ୟବାଦ ଦିଅ, ନିଜକୁ ଖତ ବନାଇ ଏମାନେ ମନୁଷ୍ୟତାର ରକ୍ଷା କରୁଛନ୍ତି ।”

ବାହାରେ ଏବେ ବି କୋଉଠି କେମିତି ହୋହଲ୍ଲା ଶୁଭୁଥାଏ । ରହି ରହି ଫୁଟୁଥାଏ ଗୁଳି । ନୀଳମ୍ ଛାନିଆଁ ହୋଇ ନିଦରୁ ଉଠି ଆଖି ମଳି ମଳି ଆସି ପଚାରେ ଗୁଳି କିଏ ଫୁଟାଉଛି ବୋଲି । ମଞ୍ଜୁ ଛାନିଆଁ ହୋଇ ତାକୁ ଭୁଲେଇ ଭାଲେଇ ଭିତର ଘରକୁ ନେଇଯାଏ । ସେ ଚାହୁଁ ନଥାଏ ନୀଳମ୍ ସେଇ ଶବଗୁଡ଼ିକୁ ଦେଖୁ ବୋଲି । ଏବେକା ପରିସ୍ଥିତି ବହୁତ ଜଟିଳ । ପନିପରିବା, ତେଲ, ଚିନି, କୋଇଲା ଇତ୍ୟାଦି ପ୍ରତ୍ୟେକ ଜିନିଷର ଅକାଳ ପଡ଼ିଥାଏ । ଲୋକେ ଖଟପିଢ଼ା ଜଳାଇବାକୁ ଲାଗିଥାନ୍ତି ଖାଦ୍ୟ ପ୍ରସ୍ତୁତି ପାଇଁ । ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ବିଷୟରେ କେହି ଭାବୁ ନାହାନ୍ତି । ଛୁରା ଓ ବନ୍ଧୁକର ଚିନ୍ତା ସଭିଙ୍କୁ ଘାରିଛି । ପେଟ୍ରୋଲ ଓ କିରୋସିନ ଜମା କରୁଛନ୍ତି ଲୋକେ । ଛାତ ଉପରକୁ ଗଲେ ଠାଏ ଠାଏ ବସ୍ତି ପୋଡୁଥିବା ଦୃଷ୍ଟିଗୋଚର ହୁଏ । ସତେ ଯେମିତି ଅଗ୍ନି ଦେବତା ଅର୍ଜୁନଙ୍କ ସହାୟତାରେ ଖାଣ୍ଡବବନ ଜଳାଇବାକୁ ଆସିଛନ୍ତି । ଗାଈ ମଇଁଷିର କ୍ଷୀର ତ ସ୍ୱପ୍ନ । ପ୍ରଦୀପ ଭୋକେଇ ଥିବାରୁ ସେ ଗ୍ଲାକ୍ସୋ ଡବାରୁ ଗୁଣ୍ଡ କାଢ଼ି ଉଷୁମ ପାଣିରେ ଗୋଳି କ୍ଷୀର ବନାଇ ତାକୁ ପିଆଇବାକୁ ଲଗେ । ସେଇ ସମୟରେ ଧଇଁସଇଁ ହୋଇ ରମେଶ ଆସି କବାଟ ବାଡ଼ାଏ । ଅସ୍ତବ୍ୟସ୍ତ ପୋଷାକ, ଠାଏ ଠାଏ ରକ୍ତଛିଟା । ଆଖିରେ ଏମିତି ଭାବ ଯାହା ଦେଖିଲେ ଭୟ ଲାଗୁଥାଏ । ରାମପୁରବାଲା ମଉଳାଶୁରଙ୍କ ପୁଅ ରମେଶ । ହସି ହସି ପଚାରେ, “ଆଉ ଭାଉଜ, ସବୁକିଛି ଠିକ୍ ତ ?” ଆପଣା ପୋଷାକ ତଳେ ଲୁଚେଇଥିବା ଖଣ୍ଡାଟି କାଢ଼େ । ଲହୁ ପିଇ ଲାଲ ଦେଖାଯାଉଥାଏ ତାହା । ସେ ଦୃଶ୍ୟ ଦେଖି ମଞ୍ଜୁ ଶିହରି ଉଠେ । ରମେଶ କହେ, “ଏମିତି କ’ଣ ଦେଖୁଛ ଯେ ଭାଉଜ ! ଆଜି ଏଇ ଖଣ୍ଡାରେ ପାଞ୍ଚଟା ମ୍ଳେଚ୍ଛଙ୍କ ସଂହାର କରିଛି ପରା । ରକ୍ତପିଇ କେତେ ସୁନ୍ଦର ଦେଖାଯାଉଛି ଦେଖତ । ଜାଣୁଛି ଏସବୁ ଯୋଗୁଁ ତୁମେମାନେ ଖୁବ୍ ଆତଙ୍କିତ ଥିବ । ଦୁହେଁ ବଡ଼ ଗାନ୍ଧିବାଦୀ ବନିଛ ତ । ହେଲେ ତୁମ ଭରସାରେ ଆମେ ରହିଥିଲେ ସର୍ବନାଶ ଘଟିଥାନ୍ତା । ତାଙ୍କ ଷଡ଼ଯନ୍ତ୍ରରୁ ଗୋଟେ ବି ହିନ୍ଦୁ ରକ୍ଷା ପାଇ ନଥାନ୍ତେ । ଖୁବ୍ ବଦମାସ୍ ସେମାନେ, ହେଲେ ବାହାଦୂର ମଧ୍ୟ । ତାଙ୍କ ସ୍ତ୍ରୀ ଓ ଛୁଆମାନେ ବି ଧର୍ମ ନାଁରେ ମରିବା ଜାଣନ୍ତି । ହିନ୍ଦୁଘରର ସ୍ତ୍ରୀମାନେ ଚୁପ୍‌ଚାପ୍ ମୁସଲମାନଙ୍କ ସହ ଚାଲିଯାଉଥିବା ବେଳେ ମୁସଲମାନ ସ୍ତ୍ରୀ ପ୍ରାଣ ଦେଇପାରେ ହେଲେ ଆପଣା ଧର୍ମ ନୁହେଁ । ଜଣେ ସ୍ତ୍ରୀଲୋକକୁ କହିଲି- ତୁ ହିନ୍ଦୁ ବନିଯା, ମୁଁ ତୋତେ ଛାଡ଼ିଦେବି । ବାଘୁଣୀ ଭଳି ଗର୍ଜନ କରି ସେ କହିଲା, ମୁଁ ମାରିବି ଓ ମରିବି ପଛେ କିନ୍ତୁ କେବେ କାଫେର୍ ହେବିନି । କାଫେର୍ ନହେବୁ ତ ଶବ ହୋଇଯା’ କହି ମୁଁ ତା’ ପେଟରେ ଖଣ୍ଡା ଭୂଷିଦିଏ ।”

ଖଣ୍ଡାଟିକୁ ଭଲଭାବରେ ଧୋଇ ଘରୁ ବାହାରିଯିବା ପୂର୍ବରୁ ରମେଶ ଅଣ୍ଟିରୁ ଛୋଟ କାଗଜ ପୁଡ଼ିଆଟେ କାଢ଼ି ମଞ୍ଜୁ ହାତରେ ଦିଏ । ତହିଁରେ ଥାଏ ଗୋଟେ ସୁନା ଚେନ୍ ଓ ଲକେଟ୍ । ପରେ କେବେ ସୁବିଧା ଦେଖି ସେ ଏଇଟିକୁ ନେଇଯିବ । ମଞ୍ଜୁର ଇଚ୍ଛା ହୁଏ ପୁଡ଼ିଆଟିକୁ ଖୁବ୍ ଦୂରକୁ ଫିଙ୍ଗିଦେବା ପାଇଁ ହେଲେ ପାରେନି । ରୋଷେଇଘରେ ଯାଇ କାମ ଆରମ୍ଭ କଲାବେଳେ କେହିଜଣେ ପଡ଼ିଶାଘରେ ଗୁମୁରି ଗୁମୁରି କାନ୍ଦୁଥିବା ଭଳି ଲାଗେ ତାକୁ । ଖୁବ୍ କରୁଣ ସେ ରୋଦନ ! କୋଉ ନିକଟ ସମ୍ବନ୍ଧୀଙ୍କର ମୃତ୍ୟୁ ଘଟିଛି ବୋଧେ । ତାଙ୍କ ଘରକୁ ଯାଇ ପ୍ରକୃତ କଥା ବୁଝିଆସିବା ପାଇଁ ବାହାରିଲା ବେଳେ ପଡ଼ିଶାଘର ମହିଳା ଜଣକ ଆସେ ମଞ୍ଜୁ ପାଖକୁ । ଗୋଡ଼ ପାଖରେ ବସିପଡ଼ି ଗୁହାରି କରେ ତାକୁ ଗୋଟେ ବିରାଟ ସମସ୍ୟାରୁ ଉଦ୍ଧାର କରିବା ପାଇଁ । ମଞ୍ଜୁର ସ୍ୱାମୀ ଜଣେ କଂଗ୍ରେସ କର୍ମୀ, ଗାନ୍ଧିବାଦୀ । ସେ ଚାହିଁଲେ କାର୍ଯ୍ୟଟି ସମ୍ଭବ ହୋଇ ପାରିବ । ଡରି ଡରି କହେ ତା’ ପାଖରେ ଗୋଟେ ମୁସଲମାନ ପିଲା ଅଛି ବୋଲି । ପିଲାଟି ତା’ ବଡ଼ ଭଉଣୀର । ହେଲେ ଆଜିକାଲି ଯେଉଁ ପରିସ୍ଥିତି ସେଥିରେ ସେ ତାକୁ କେମିତି ନିଜ ପାଖରେ ରଖି ପାରିବ । ମଞ୍ଜୁ ତା’ କଥା ଶୁଣି ଆଶ୍ଚର୍ଯ୍ୟ । ମନରେ ତା’ର ପ୍ରଶ୍ନ, ଜଣେ ହିନ୍ଦୁ ମହିଳାର ପୁତୁରା ମୁସଲମାନ କେମିତି ହେଲା ବୋଲି । ପଡ଼ୋଶିନୀ, କମଳା, ତା’ପଛରେ ଏକ କରୁଣ କାହାଣୀ ଥିବାକଥା କହେ । ଗଳିରେ ତାଙ୍କ ଘର ସାମ୍ନାରେ ଯେଉଁ ସ୍ତ୍ରୀଲୋକର ଶବ ପଡ଼ିଛି ସେ ତା’ ବଡ଼ ଭଉଣୀ । ବଡ଼ପୁଅଟି ଦୁର୍ବୃତ୍ତଙ୍କ କବଳରୁ ଖସି ପଶିଆସିଛି କମଳା ଘରକୁ । କମଳା ଅତି ଧୀର ସ୍ୱରରେ ତା’ ଦୁଃଖଭରା କାହାଣୀ କହିବା ଆରମ୍ଭ କରେ ।

ବହୁଦିନ ତଳର କଥା । ଥରେ ମୁସଲମାନମାନେ ତାଙ୍କ ଗାଁ ଉପରେ ଆକ୍ରମଣ କରି କିଛି ଝିଅବୋହୂଙ୍କୁ ଉଠାଇ ନେଇଯାଆନ୍ତି ସାଙ୍ଗରେ । ତା’ ଭିତରେ ଯା’ ବଡ଼ଭଉଣୀ ବି ଥାଏ । ସେତେବେଳକୁ ସେ ଯୁବତୀ, ତା’ର ବିବାହ ସରି ସାରିଥିଲା । ପରିବାରଲୋକେ ଯେତେ ହାରି ଗୁହାରୀ କଲେ ବି ଅପହରଣକାରୀମାନେ କାହାରି କଥାକୁ କର୍ଣ୍ଣପାତ ସୁଦ୍ଧା କରନ୍ତି ନାହିଁ । ସୁନ୍ଦରୀ ଝିଅବୋହୂ ଦେଖିଲେ ତାଙ୍କ ପାଟିରୁ ଲାଳ ଗଡ଼େ ପରା । କିଛିଦିନ ପରେ କୌଶଳ କ୍ରମେ ସେମାନଙ୍କ କବଳରୁ ନାନୀ ମୁକୁଳି ସିଧା ଯାଇ ତା’ ସ୍ୱାମୀ ପାଖରେ ପହଞ୍ଚେ । ହେଲେ ପଠାଣଘରେ କିଛିଦିନ ବିତେଇଥିବା ପତ୍ନୀକୁ ତା’ ସ୍ୱାମୀ ଘରେ ପୂରେଇ ନିଜ କୁଳକୁ କଳଙ୍କିତ କରିଥାନ୍ତା କେମିତି ଯେ ? ଆମ ସମାଜ ବ୍ୟବସ୍ଥା ହିଁ ସେଇମିତି । ନାନୀର ହୃଦୟ ଖଣ୍ଡ ବିଖଣ୍ଡିତ ହୋଇଯାଏ । ସେ ଆଉ କାହାକୁ କିଛି ନକହି ସେଠାରୁ ଫେରିଯାଏ । ସେଇ ଦିନଠାରୁ ତା’ର ଆଉ ଖୋଜ ଖବର ମିଳେନି । ବିତିଯାଏ ବର୍ଷ ପରେ ବର୍ଷ । କମଳାର ବାହାଘର ହୁଏ । କାଳକ୍ରମେ ସେ ଭୁଲି ବି ଯାଏ ତା’ର ଗୋଟେ ନାନୀ ଅଛି ବୋଲି । ହେଲେ ବିପତ୍ତିର ଚକ୍ର ଅଦ୍ଭୁତ । ଦିନେ ରେଳଯାତ୍ରା ବେଳେ ଦୁଇ ଭଉଣୀଙ୍କର ଭେଟ ହୁଏ ଜନାନା ଡବାରେ । କମଳାକୁ ଦେଖି ତା’ ନାନୀ କାନ୍ଦି ପକାଏ । ସେ ଖୁସିରେ ଥିଲା, ଭୁଲି ସାରିଥିଲା ପିଛିଲା ଜୀବନକୁ । ତା’ ବେଶଭୂଷା, ରୂପରଙ୍ଗ, କଥାବର୍ତ୍ତା ସବୁଥିରେ ଯଥେଷ୍ଟ ପରିବର୍ତ୍ତନ ଆସି ସାରିଥିଲା । ଦୁଇଭଉଣୀ ଅଳ୍ପ ଟିକିଏ କଥାବାର୍ତ୍ତା ହେଉ ହେଉ ନାନୀର ଷ୍ଟେସନ୍ ଆସିଯାଏ । ତା’ ମାଲିକ୍ ଆସି କହେ, “ଉତରୋ ବେଗମ୍ ।” ଇୟେ ଚୁପି ଚୁପି କିଛି କହିବାରୁ ସେ ଯାଇ ପ୍ଲାଟଫର୍ମରୁ ଗୋଟେ ଡଜନ୍ କଦଳୀ ନେଇଆସେ । ତାକୁ କମଳା ହାତକୁ ବଢ଼ାଇଦେଇ ନାନୀ କହେ, “ତୁ ମୋ ଠୁଁ କେତେ ସାନ ଲୋ । ତୋତେ ଦେବାପାଇଁ ଏଇ ପୋଡ଼ା କପାଳି ପାଖରେ ଏତିକି ହିଁ ଅଛି ।” ଜିନିଷ ପତ୍ର ସାଉଁଟି ଶୀଘ୍ର ଓହ୍ଲାଇ ଯାଉ ଯାଉ ପଛକୁ ବୁଲିପଡ଼ି ପଚାରେ କୋଉଠି ସେ ରହୁଛି ବୋଲି । କମଳା ଠିକଣା ବତାଇ ଦିଏ । ଆଖିରେ ଲହଡ଼ି ଭାଙ୍ଗୁଥାଏ ଲୁହ । ପିଛିଲା କଥାଗୁଡ଼ିକ ମନେପଡ଼ି ଅସ୍ଥିର କରିପକାଉଥାନ୍ତି । ସେଇ ଲୁହର ଲହଡ଼ି ଭିତରେ ନାନୀର ମୂର୍ତ୍ତି ଅସ୍ତ ହୋଇଯାଏ । କମଳା ଆଖିରୁ ଲୁହ ପୋଛି ସାମାନ୍ୟ ହେବାକୁ, ସବୁକଥା ଭୁଲିଯିବାକୁ ଚେଷ୍ଟାକରେ । ନଭୁଲିଲେ ବଞ୍ଚିବ କେମିତି ? ଆଉ ଦୁଇବର୍ଷ ପରେ ସକାଳୁ ସକାଳୁ ଅଚାନକ ଏଇ ହତ୍ୟାକାଣ୍ଡ । ପିଲାଟି ଜୀବନ ବିକଳରେ ଘର ଭିତରକୁ ପଶିଆସି ପଲଙ୍କ ତଳେ ଲୁଚିଯାଏ । କିଛିକ୍ଷଣପରେ ନିଃଶ୍ୱାସ ଫେରିବାରୁ ସେ କହେ ଲୋକେ ତା ବାବା, ବାପା ଓ ଚାଚାଙ୍କୁ ମାରି ଦେଇଥିବା କଥା । ତା’ ଭଉଣୀ ଓ ଚାଚୀଙ୍କର ଚାରିଦିନ ହେଲା ଖୋଜ୍‌ଖବର ନାହିଁ । ଏମିତି ବିପରୀତ ପରିସ୍ଥିତିରେ ଅମ୍ମୀ ତାକୁ “ଚାଲ୍ ତୋ ଖାଲା ଘରକୁ ଯିବା” କହି ଲୁଚେଇ ଛପେଇ ଆଣୁଥିଲା । ହେଲେ ଏଇ ଗଳି ସାମ୍ନାରେ ହିଁ ତାକୁ ହାଣି ପକାନ୍ତି ସେମାନେ । ତା’ର ଆଠମାସର ସାନ ଭାଇଟିକୁ ବି ଛାଡ଼ନ୍ତିନି ।

ଏତକ କହୁ କହୁ କମଳା କଇଁ କଇଁ ହୋଇ କାନ୍ଦି ପକାଏ । ଛୁଆଟି ତା’ ମାଉସୀଘର ବୋଲି ପଳାଇ ଆସିଛି ସିନା ହେଲେ ତାକୁ କ’ଣ ଏଇଠି ରଖିହେବ ? ଗାନ୍ଧୀଙ୍କ ଅନୁଗାମୀ ଯେହେତୁ ଏମାନେ ହିଁ ତା’ର କିଛି ବ୍ୟବସ୍ଥା କରିପାରିବେ । ଏସବୁ ଶୁଣି ମଞ୍ଜୁ ମନରେ କରୁଣ ବିଷାଦ ଭରି ଯାଇଥାଏ । କେବଳ ବିଷାଦ କାହିଁକି, ଘୃଣା, ଦ୍ୱେଷ, କ୍ରୋଧ, କରୁଣା, ଦୟା ଏଇସବୁ ମଧ୍ୟ । ସମସ୍ତଙ୍କୁ ବଳାଇ ଶ୍ରଦ୍ଧା ଆଗକୁ ବଢ଼ିଆସେ । ସେ ପିଲାଟିକୁ ଆଣି ତାଙ୍କଘରେ ଛାଡ଼ିଦେବାପାଇଁ କହେ । କିଛିକ୍ଷଣ ପରେ ଆଠବର୍ଷର ପିଲାଟି ତା’ ମାଉସୀ ସହ ଆସେ । ତା’ ବାପା ମରି ସାରିଥାଏ । ତା’ ମା’ର ଶବ ଏବେ ବି ପଡ଼ିରହିଥାଏ ଗଳି ରାସ୍ତାର ନାଳକଡ଼େ । ସେ ସ୍ୱୟଂ ଅଧମରା ହୋଇଯାଇଥାଏ । ଆଖିରେ ଭରି ରହିଥାଏ ଭୟ, ସମଗ୍ର ମାନବ ସମାଜ ପ୍ରତି । ନା ସେ କିଛି କହି ପାରୁଥାଏ ନା ଶୁଣି ପାରୁଥାଏ । ଯେଉଁଠି ବସେଇ ଦେଲେ ସେଇଠି ବସି ଭେକଲା ହୋଇ ଶୂନ୍ୟକୁ ଚାହିଁ ରହୁଥାଏ ଖାଲି । ତାକୁ ମଞ୍ଜୁ ଜିମାରେ ଛାଡ଼ି କମଳା ଚାଲିଯାଏ । ସ୍ୱାମୀ ଆସିବାରୁ ମଞ୍ଜୁ ସବୁକଥା ଗୋଟି ଗୋଟି କରି କହେ ତାଙ୍କ ଆଗରେ । ଏଠି ରହିଲେ କେତେବେଳେ କୋଉ ଅସୁବିଧା । ଉଭୟେ ତାକୁ ଶରଣାର୍ଥୀ ଶିବିରରେ ଛାଡ଼ି ଆସିବାର ନିଷ୍ପତ୍ତି ନିଅନ୍ତି । ଏତିକି ବେଳେ ବାହାର କବାଟରେ ଖଡ଼୍ ଖଡ଼୍ ଶବ୍ଦ । ରମେଶ ଆସେ ଭିତରକୁ । ସକାଳ ପାଖରୁ ଏତେବେଳ ଯାଏ ଘର ସାମ୍ନାରେ ଲାସ୍ ଦୁଇଟି ପଡ଼ିଥିଲେ ବି ଏମାନେ ତାକୁ ଫିଙ୍ଗେଇବାର କୌଣସି ବ୍ୟବସ୍ଥା କରୁ ନଥିବାରୁ ବିରକ୍ତି ପ୍ରକାଶ କରେ । ମିଆଁଗୁଡ଼ା ଭାରି ଉତ୍ପାତ ହେଉଥିଲେ, ସାବାଡ଼୍ ହୋଇ ଯାଇଛନ୍ତି । ଅନେକ ଲୋକଙ୍କୁ ହଣା ସରିଛି । ଆଉ ସେମିତି ସାହସ କରିବେନି । ବାହାରେ ଯେଉଁ ସ୍ତ୍ରୀଲୋକର ଶବ ପଡ଼ିଛି ସେଇଟା ଗୋଟେ ଦୁଃଶ୍ଚରିତ୍ରା । ସେ କୁଆଡ଼େ ପ୍ରଥମେ ହିନ୍ଦୁ ଥିଲା । ବେ ହିନ୍ଦୁ ଥିଲୁ ତ ଶଳା ପଠାଣ ହେଲୁ କାହିଁକି ? ଗୋଟେ ଚୋଟ ବସେଇବାରୁ ବାସ୍ କାମ୍ ଖତମ୍ । ମଞ୍ଜୁ ଶିହରି ଉଠେ ତା’ କଥା ଶୁଣି । ସେ କିନ୍ତୁ କହି ଚାଲିଥାଏ, “ହଁ ଭାଉଜ, ଛୁରା ମାଡ଼ହେବାରୁ ସେ ପଡ଼ିଯାଏ ତଳେ । କ୍ଷଣକ ଭିତରେ ଉଡ଼ିଯାଏ ପ୍ରାଣବାୟୁ । ତା’ ପାପର ପ୍ରାୟଶ୍ଚିତ ବି କରିଦିଏ ଛୁରାଟି ସେଇ ଟିକି ପୁଅଟିର ପେଟ ଭିତରେ ପୂରେଇ । ଭାଉଜ, ଶଠେ ଶାଠ୍ୟମ୍ ସମାଚରେତ୍ । ଏହା ଆର୍ଯ୍ୟ ସଂସ୍କୃତିର ଆଦର୍ଶ ପରା । ଆମେ ଏଇ ଆଦର୍ଶର ପାଳନ କରି ନଥିଲେ ଆଜି ବସ୍ତିରୁ ହିନ୍ଦୁଙ୍କର ମୂଳୋଚ୍ଛେଦନ ହୋଇଯାଇଥାନ୍ତା ଆଉ ତୁମେମାନେ.... । ହେଲେ ଗୋଟେ ଦୁଃଖ ରହିଗଲା । ଏଇ ଧାଁ ଦଉଡ଼ ଭିତରେ ସେଇ ମାଇକିନାର ବଡ଼ପୁଅଟି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା ଯେ ଯେତେ ଖୋଜାଖୋଜି କଲେ ବି ଆଉ ତା’ର ପତ୍ତା ମିଳିଲାନି ଆମକୁ ।”

ଗୃହସ୍ୱାମୀ ଅଳ୍ପ ହସି କହନ୍ତି, “ସେଇ ପିଲାଟି ମୋ ପାଖରେ ଅଛି । କ’ଣ ତାକୁ ମାରିବାକୁ ଚାହୁଁ ?” ନିଜ ପତ୍ନୀଙ୍କୁ ଆଦେଶ ଦିଅନ୍ତି ପିଲାଟିକୁ ବୈଠକ ଘରକୁ ନେଇ ଆସିବା ପାଇଁ । ରମେଶର ମୁହଁ କଳା ପଡ଼ିଯାଏ । ଆଦେଶ ଦେବା ଭଙ୍ଗୀରେ ସେ କହୁଥାନ୍ତି, “ହଁ, ଶୁଣ୍ ରମେଶ । ମୁଁ ପିଲାଟିକୁ ଏବେ କେମ୍ପ୍‌କୁ ନେଇକରି ଯାଉଛି । ତୋତେ ଆମ ସାଙ୍ଗରେ ଆସିବାକୁ ପଡ଼ିବ । ବାଟରେ କାଳେ କିଛି ଅଘଟଣ ଘଟିପାରେ । ତୁ ସାଙ୍ଗରେ ଥିଲେ ଆଉ କି ଚିନ୍ତା ।” ସ୍ୱାମୀଙ୍କ ନିର୍ଦ୍ଦେଶରେ ମଞ୍ଜୁ ଛୁଆଟି ପାଇଁ କିଛି କପଡ଼ା ଓ ଖାଦ୍ୟ ସାମଗ୍ରୀ ଗୋଟେ ଗଣ୍ଠୁଲିରେ ବାନ୍ଧିଦିଏ । ବଡ଼ଭାଇ ପିଲାଟିର ହାତ ଧରି ଆଗେ ଆଗେ ଗଲାବେଳେ ତାଙ୍କ ନିର୍ଦ୍ଦେଶରେ ଗଣ୍ଠୁଲିଟିକୁ କାନ୍ଧରେ କାନ୍ଧେଇ ରମେଶ ଚାଲେ ସେମାନଙ୍କ ପଛେ ପଛେ । ବେଳ ବୁଡ଼ିବା ଉପରେ । ଝରକା ବାଟେ ବାହାରକୁ ଚାହିଁ ରହିଥାଏ ମଞ୍ଜୁ । ଶବଉପରେ ବସିଥିବା ମାଛି ଏମାନେ ପାଖଦେଇ ଗଲାବେଳେ କିଛି ସମୟ ଭିଣିଭିଣେଇ ପୁଣି ଯାଇ ସେଇ ଶବ ଉପରେ ବସି ପଡ଼ନ୍ତି । ଦୂରରୁ କେତେବେଳେ କେମିତି ଗୁଳି ଫୁଟିବାର ଶବ୍ଦ ଓ ହୋହଲ୍ଲା ଶୁଭୁଥାଏ । ପୁଣି ସବୁକିଛି ଶାନ୍ତ ହୋଇଯାଏ । ମୃତ୍ୟୁ ଭଳି ଶାନ୍ତ - ମନୁଷ୍ୟତାର ମୃତ୍ୟୁଭଳି । ସେ କହୁଥିଲେ ମନୁଷ୍ୟତାର ଏଇ ଶବରୁ ହିଁ ବାସ୍ତବିକ୍ ମନୁଷ୍ୟତାର ଜନ୍ମ ହେବ ବୋଲି । ଯେମିତି ରାଜା ବେଣଙ୍କ ଶବରୁ ମହାରାଜା ପୃଥୁଙ୍କ ଜନ୍ମ ହୋଇଥିଲା - ଯାହାଙ୍କ ପାଇଁ ଧରିତ୍ରୀର ନାଁ ପୃଥିବୀ ହୋଇଯାଇଛି । ସେ ବୋଧେ ଠିକ୍ କହୁଥିଲେ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୦ ଅକ୍ଟୋବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଆଉଜା କବାଟ (୫୦)



# ମହାତ୍ମାଙ୍କ ମାନବବାଦର ପାଠଶାଳା ଓ ଆତ୍ମନିର୍ଭର ଭାରତ


ଡ. ରାଧାରଂଜନ ପଟ୍ଟନାୟକ


ମହାତ୍ମା। ଜାତିର ଜନକ। ସ୍ୱାଧୀନତା ସଂଗ୍ରାମ ଇତିହାସର ମୁଖବନ୍ଧ। ମାନବୀୟ ଭାବ ଚେତନାର ପ୍ରକାଣ୍ଡ ବର୍ତ୍ତିକା। ଜାତୀୟବାଦୀ ଯୁଗ ଚେତନାର ସ୍ପନ୍ଦନ। ସେ ହିଁ 'ଜୀବେ ଦୟା'ର ବିଶେଷ୍ୟ ଓ ବିଶେଷଣ। ସେ ହିଁ ମୁକ୍ତିକାମୀ ମଣିଷ ପାଇଁ ସତ୍ୟ ଅହିଂସାର ସ୍ଫୁରଣ। ତାଙ୍କ ସମ୍ପର୍କରେ ଚର୍ଚ୍ଚା କରିବା ଅର୍ଥ ନିଜ ଜ୍ଞାନର ଅଯଥା ବାହୁସ୍ଫୋଟ ମାରିବା। ସମୁଦ୍ରର ଜଳବିନ୍ଦୁକୁ କେହି କ'ଣ କେବେ ଆକଳନ କରିପାରେ? ନୀଳ ଆକାଶ ନକ୍ଷତ୍ରକୁ କେହି କ'ଣ ଗଣିବାର ଦୁଃସାହସ କରିବାରେ?? ଠିକ୍ ସେହିପରି ମହାତ୍ମାଙ୍କ ଜୀବନଚର୍ଯ୍ୟା ସମ୍ପର୍କରେ ଚର୍ଚ୍ଚା କରିବା କ'ଣ ସମ୍ଭବ? ଯିଏ ବିଶାଳ ଭାବମୂର୍ତ୍ତିର ଜନନାୟକ, ଯିଏ କୋଟି ଜନତାର ହୃଦୟ ବିବେକ, ତାଙ୍କ ସମ୍ପର୍କରେ ଆଲୋଚନା କରିବା ସୂର୍ଯ୍ୟଙ୍କ ସାମ୍ନାରେ ଜଳୁଥିବା ଦୀପଟିଏ ପରି ହେବ। ତଥାପି ଏମିତି ଜଣେ ଧୀ ଓ ଧୀଷଣା ଧାରୀ ଯୁଗପୁରୁଷଙ୍କ ସମ୍ପର୍କରେ ଲେଖିବା ପାଇଁ ହିମତ୍ ଯୋଗାଡ଼ କରିଛି। ଜାଣେନା, ସୁଧୀପାଠକେ କିପରି ଏହାକୁ ଗ୍ରହଣ କରିବେ?

ଗାନ୍ଧୀଙ୍କ ନିଜ ବିଚାର ଏବଂ କାର୍ଯ୍ୟଧାରା ସମ୍ପର୍କରେ ବିଧିଧ ଆଲୋଚନା ହୋଇଥିଲେ ମଧ ମାନବବାଦୀ ମଣିଷମାନଙ୍କ ପାଇଁ ସେ ପାଲଟି ଯାଇଛନ୍ତି ମାର୍ଗଦର୍ଶକ। ସେ ହେଉଛନ୍ତି ତମାମ ବିଶ୍ୱରେ ଜଣେ ଅଗ୍ରଗାମୀ ମାନବବାଦୀ ବ୍ୟକ୍ତି ପୁରୁଷ। ସେବା ହିଁ ତାଙ୍କ ଜୀବନର ମୁଖ୍ୟ ଦର୍ଶନ। ସେବା ଗୋଟିଏ ଶବ୍ଦ ନୁହେଁ ବରଂ ମାନବବାଦ ସିଦ୍ଧ ପାଇଁ ଅନିବାର୍ଯ୍ୟ ସର୍ତ୍ତ। ସାର୍ବଭୌମିକ ଏକତାର ଅନ୍ତର୍ନିହିତ ସତ୍ୟକୁ ସ୍ୱୀକାର କରି ଦ୍ୱେଷ ଏବଂ ଅହଂକାର ବର୍ଜିତ ଭେଦଭାବ ଶୂନ୍ୟ ଜନକଲ୍ୟାଣ କରିବା ଦିଗରେ ନିଜ ଜୀବନକୁ ପଳପଳ କରି ଉତ୍ସର୍ଗ କରିଥିଲେ।

ପ୍ରାଣୀ ଜଗତର ରକ୍ଷଣ ପୋଷଣ ସହ ସମସ୍ତଙ୍କ ଭୌତିକ ଓ ଆଧ୍ୟାତ୍ମିକ କଲ୍ୟାଣ ଦୃଷ୍ଟିରେ ସେବା ହିଁ ପରମ ଧର୍ମ ବୋଲି ମହାତ୍ମାଙ୍କ ମାନବବାଦୀ ଦୃଷ୍ଟି କୋଣର ପରିଚୟ ମାତ୍ର। ଗାନ୍ଧିଜୀ ନିଜ ଜୀବନ କାଳରେ ଗ୍ରାମ୍ୟଦ୍ୟୋଗ, ଗୋ-ରକ୍ଷା, ଜନାହାର, ନାରୀପୁନଃ ଉ ାନ, ଶିକ୍ଷା, ଭାଷା, ସାମ୍ପ୍ରଦାୟିକ ଏକତା ଏବଂ ସୌହାର୍ଦ୍ଦ୍ୟ ଆଦି ନୀତି ଓ ଆଦର୍ଶ ତାଙ୍କ ଜୀବନର ଥିଲା ମୂଳମନ୍ତ୍ର। କଥାରେ ନୁହେଁ ବରଂ ବାସ୍ତବ କାର୍ଯ୍ୟରେ ପରିଣତ କରିବା ହିଁ ଥିଲା ମୁଖ୍ୟ ଆଭିମୁଖ୍ୟ।

୧୯୪୭ ପରେପରେ ମହାତ୍ମା ସମୁଦାୟ ବିଶ୍ୱ ପାଇଁ ପାଲଟି ଗଲେ ମାନବବାଦୀ ଚିନ୍ତା ଚେତନାର ମହାନୟକ। ଦୀର୍ଘ ବର୍ଷର ବ୍ରିଟିଶ୍ ରାଜର ଅନ୍ତ ଘଟାଇ 'ବୁଲେଟ ନୁହେଁ ବରଂ ବେଲେଟ' ଶାସନର ଏକ କ୍ରାନ୍ତି ସୃଷ୍ଟି କରିଥିଲେ। ଅହିଂସାର ରାସ୍ତାରେ ସ୍ୱାଧୀନତା ହାସଲ କରି ସଭିଙ୍କ ପାଇଁ ପ୍ରେରଣାର ମହାସ୍ରୋତ ପାଲଟି ଯାଇଥିଲେ। ମୁକ୍ତ ଭାରତ। ମୁକ୍ତ ଭାରତୀୟ ନିଜ ପୁରୁଷାର୍ଥ ଉପରେ ଆତ୍ମନିର୍ଭରତାର ବିଶ୍ୱାସ। ଏମିତି ଏକ ଆହ୍ୱାନ ଦେଇଥିଲେ ଆଜକୁ ଠିକ୍ ୯୨ ବର୍ଷ ପୂର୍ବରୁ। ସଭିଏଁ ନିଜ ଅଧିକାର ନେଇ ବଞ୍ଚନ୍ତୁ। ଶାନ୍ତି ଓ ଅହିଂସା ଭଳି ଉପସର୍ଗକୁ ପାଥେୟ କରି ସମସ୍ତେ ପରିଚାଳିତ ହୁଅନ୍ତୁ ଏହା ଥିଲା ତାଙ୍କ ଦେଶବାସୀଙ୍କ ପ୍ରତି ଆହ୍ୱାନ।

ମହାତ୍ମା ତାଙ୍କର ଏକ ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି - "ମୋର ଆକାଂକ୍ଷା (ଭାରତ) ସ୍ୱତନ୍ତ୍ରତା ଠାରୁ ଅଧିକ ମହୀୟାନ। ଇଂରେଜ ଦାସତ୍ୱରୁ ମୁକ୍ତି ପରେ ପଶ୍ଚିମାଙ୍କ ଭୀଷଣ ଶୋଷଣରେ ଶୋଷିତ ହେଉଥିବା ନିର୍ବଳ ଦେଶକୁ ମଧ୍ୟ ଉଦ୍ଧାର କରିବା।" (୧୨ ଜାନୁଆରୀ, ୧୯୨୮ ୟଙ୍ଗ ଇଣ୍ଡିଆ) ବାସ୍ତବରେ ମହାତ୍ମାଙ୍କ ଏତାଦୃଶ ସ୍ୱୀକାରୋକ୍ତି ସମୁଦାୟ ବିଶ୍ୱ ପାଇଁ ମାନବବାଦୀ ଦୃଷ୍ଟିକୋଣର ପରିଚୟ ବ୍ୟତୀତ ଅନ୍ୟକିଛି ନୁହେଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ, ସ୍ୱୟଂ ବିକାଶ ଏବଂ ଚିନ୍ତନ ସ୍ଥିତିର ନ୍ୟାୟ ପ୍ରତି ସୁନିଶ୍ଚିତ କରିବା ଅଭିଳାଷ ହିଁ ଥିଲା ତାଙ୍କର। ସେଇଥିପାଇଁ ସେ ଅନ୍ୟ ଏକ ପ୍ରବନ୍ଧରେ ଉଲ୍ଲେଖ କରିଥିଲେ - "ଆମ ଭିତରୁ ପ୍ରତ୍ୟେକ ନିଜ ପ୍ରତିରୂପରେ ବଢ଼ିଛୁ। ଈଶ୍ୱର ଦୃଷ୍ଟିରେ ସ୍ଥାପିତ ଅବସ୍ଥାରେ ମନୁଷ୍ୟର ସର୍ବୋଚ୍ଚ ସ୍ଥିତିକୁ ସ୍ୱୀକାର କରି ବ୍ୟକ୍ତିର ସ୍ୱାୟତ୍ତା ଏବଂ ଏହାର ସ୍ୱତନ୍ତ୍ରତା ରହିବା ଆବଶ୍ୟକ। ପ୍ରତ୍ୟେକ ସ୍ତ୍ରୀ ଅଥବା ପୁରୁଷ କାୟିକ ଦୃଷ୍ଟିରେ ଦୁର୍ଲଭ ହେଲେ ମଧ ନିଜ ନିଜର ଆତ୍ମସମ୍ମାନ ଏବଂ ସ୍ୱତନ୍ତ୍ରତାର ସଂରକ୍ଷକ।" (ହରିଜନ ପତ୍ରିକା ୨୪ ଅଗଷ୍ଟ ୧୯୪୬)

ମାନବବାଦକୁ ମହାତ୍ମାଙ୍କ ସର୍ବୋଦୟ ଦର୍ଶନ ଦ୍ୱାରା ହିଁ ବୁଝି ହୋଇଥାଏ। ସଭିଙ୍କର ଉ ାନ ପାଇଁ ସର୍ବୋଦୟ ହିଁ ମୂଳ ଆଧାର ବୋଲି ସେ ମତ ରଖିଥିଲେ। ପ୍ରତ୍ୟେକ ଜନସମୂହଙ୍କ କର୍ତ୍ତବ୍ୟ ମୁଖୀ ନୈତିକତାର ଅଧିକତମ ବିକାଶ ଦ୍ୱାରା କାର୍ଯ୍ୟ ସମ୍ପନ୍ନ କରିବା ସେ ଚାହୁଁଥିଲେ। ମହାତ୍ମାଙ୍କ କାର୍ଯ୍ୟ ବୈଧାନିକ ଏବଂ ସାମାଜିକ ନ୍ୟାୟ ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ଥିଲା। ମହାତ୍ମା ଗାନ୍ଧୀ ଯେଉଁ ଦର୍ଶନ ସମଗ୍ର ବିଶ୍ୱ ପାଇଁ କହିଯାଇଛନ୍ତି, ତା'ଠାରୁ ଅଧିକ କଥା ଶିକ୍ଷେଇବା ପାଇଁ ଏଯାବତ୍ ସେପରି କେହି ମହାନ ବ୍ୟକ୍ତି ପୁରୁଷ ଜନ୍ମ ନେଇ ନାହାନ୍ତି। ଅହିଂସା ଆତ୍ମାର ଗୁଣ, ଅହିଂସା ଅସ୍ତିତ୍ୱର ସର୍ତ୍ତ, ଅହିଂସା ଏବଂ ସତ୍ୟ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ। ପୁଣି ସତ୍ୟ ଏବଂ ଅହିଂସାର ଅଧାର ହେଉଛନ୍ତି ଈଶ୍ୱର। ଏହା ଥିଲା ଗାନ୍ଧୀଙ୍କ ବିଚାରର ଶ୍ରେଷ୍ଠତମ ଶ୍ଳୋକ।

ମହାତ୍ମାଙ୍କ ଜୀବନ ଏବଂ ତାଙ୍କର ବିଚାର ମାନବ ସମାନତାର ସ୍ୱାଧୀନତା ପାଇଁ ସମର୍ପିତ ଥିଲା। ସେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏହି ଦିଗରେ କାର୍ଯ୍ୟ କରିଥିଲେ। ନେପାଳ, ପୋଲାଣ୍ଡ, ଫିଲିଫାଇନ୍ସ, ମିଶର ଏବଂ ଭିଏତନାମ ସହ କେତେକ ଦେଶର ଜନମୁକ୍ତି ସମାନତା, ନ୍ୟାୟ ଏବଂ ଅଧିକାର ପ୍ରତି ସାଧାରଣ ମଣିଷଙ୍କ ପ୍ରୟାସ ଉପରେ ଗାନ୍ଧିଙ୍କ ପ୍ରଭାବର ଗଭୀରତା ଥିଲା। ରକ୍ତରଞ୍ଜିତ ବର୍ଗଙ୍କ ସଙ୍ଘର୍ଷର ବିପରୀତ ଏକ ଶେଷ୍ଟ, ସଭ୍ୟ ଏବଂ କଲ୍ୟାଣକାରୀ ଉପାୟ ଅହିଂସାମୂଳକ ସତ୍ୟାଗ୍ରହ ମାର୍ଗରେ ଗାନ୍ଧୀଙ୍କ ମାର୍ଗକୁ ସଭିଏଁ ଶ୍ରେଷ୍ଠ ବୋଲି ବିଚାର କରୁଥିଲେ।

"ସ୍ୱଚ୍ଛ ଭାରତ ମହାନ ଭାରତ।" ଏହି ପରିକଳ୍ପନା ହିଁ ମହାତ୍ମା ଗାନ୍ଧୀଙ୍କର ଥିଲା ଏକ ସ୍ୱପ୍ନ। ଗଣତାନ୍ତ୍ରିକ ରାମରାଜ୍ୟ ପ୍ରତିଷ୍ଠା ପାଇଁ ସେ ଦେଶବାସୀଙ୍କୁ କରୁଥିଲେ ଆହ୍ୱାନ। ଦେଶର ଆର୍ଥନୀତିକ ବିକାଶ, ବଜାରବାଦର ସମାନତା କେବଳ ଆତ୍ମନିର୍ଭର ହୋଇପାରିଲେ ସମ୍ଭବ ହୋଇପାରିବ ବୋଲି ସେଦିନ ଗାନ୍ଧୀଜୀ ଭାରତୀୟମାନଙ୍କ ପରାମର୍ଶ ଦେଉଥିଲେ। ସେ ଏମିତି ଏକ ସ୍ୱାବଲମ୍ବନ ଗାଁର ସ୍ୱପ୍ନ ଦେଖୁଥିଲେ ଯେଉଁଠି ରହିବା ପାଇଁ ଘର, ପିନ୍ଧିବା ପାଇଁ ବସ୍ତ୍ର, ନୈତିକ ବିକାଶ ପାଇଁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ା ଆଦି ଉପରେ ଆତ୍ମ ନିର୍ଭର ହୋଇପାରିବ। ମହାତ୍ମା। ଏକ ବିସ୍ମୟ କଳା ଭଳି ନାଁ। ପାଶ୍ଚାତ୍ୟ ଅଭିଜାତରୁ ମୁକ୍ତ ହୋଇ ନିଜ ମାଟି, ପାଣି, ଫୁଲ, ପବନରେ ଜୀବନକୁ ଗଢ଼ିବାର ଯେଉଁ ପ୍ରେରଣା ଦେଉଥିଲେ, ତାହା ଆଜିବି ସତ୍ୟତାରେ ପରିଣତ ହୋଇଛି। ଗାନ୍ଧୀଙ୍କ ଆତ୍ମନିର୍ଭର ଭାରତ ଏବଂ ମାନବବାଦ ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ପାଲଟିଛି। ଆତ୍ମନିର୍ଭରଶୀଳ ହୋଇ ଶିଳ୍ପ, ବାଣିଜ୍ୟ ଏବଂ ବିଜ୍ଞାନର ବି ଘୋଷଯାତ୍ରା କରିହେବ। ପ୍ରତିରକ୍ଷା କ୍ଷେତ୍ରରେ ବି ଶକ୍ତିଶାଳୀ ହୋଇପାରିବ ବୋଲି ସେ ସଭିଙ୍କୁ ପରାମର୍ଶ ଦେଉଥିଲେ। ଆତ୍ମନିର୍ଭରତା ବ୍ୟକ୍ତିତ୍ୱର ଚତୁର୍ମୁଖୀ ବିକାଶ ଅନ୍ତତଃ ଶିକ୍ଷାର ମୂଳ ଭାବନା ବୋଲି ସ୍ୱୀକାର କରୁଥିଲେ ଗାନ୍ଧୀ। କେବଳ ଜ୍ଞାନ ଅର୍ଜନ ବା ନିର୍ଦ୍ଧାରିତ ଅନୁସାରେ ପାଠଶାଳା, ବିଦ୍ୟାଳୟ, ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ପ୍ରଶିକ୍ଷଣ ପ୍ରାପ୍ତ କରିବା ଏବଂ ଏକ ପ୍ରମାଣପତ୍ର ଅଥବା ଉପାଧିପତ୍ର ପ୍ରାପ୍ତ କରିବା ଶିକ୍ଷାର ସାରାଂଶ ନୁହେଁ। ଏହା ବି ଶିକ୍ଷାର ଶେଷକଥା ନୁହେଁ। ଏଇ ଶିକ୍ଷା ପ୍ରକ୍ରିୟା କେବଳ ଗୋଟିଏ ଭାଗ ମାତ୍ର। ସଭିଏଁ ସାକ୍ଷର ହୁଅନ୍ତୁ ଏହା ଥିଲା ବାପୁଙ୍କୁ ଅନ୍ତର୍ନିହିତ ଇଚ୍ଛା। ତାଙ୍କ ମତରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଶିକ୍ଷାପ୍ରାପ୍ତିର ଏକ ଶ୍ରେଷ୍ଠ ପୁରୁଷାର୍ଥ। ତେଣୁ ପ୍ରତ୍ୟେକ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାକୁ ହେଲେ ଶିକ୍ଷା ଅର୍ଜନର ଆବଶ୍ୟକତା ଅଛି ବୋଲି ସେ ଅନୁଭବ କରିଥିଲେ।

ସ୍ୱାଧୀନତା ପରର ଭାରତବର୍ଷ। ବାହ୍ୟ ଜଗତରୁ ମିଳିଲା ମୁକ୍ତି। ଅନ୍ତର୍ଜଗତର ଭୋକିଲା ପେଟ କଲା ଆର୍ତ୍ତନାଦ। ଖାଦ୍ୟ ଶସ୍ୟ ପାଇଁ ପର ଉପରେ ନିର୍ଭର ହେବାକୁ ପଡ଼ିଲା। ଆର୍ଥିକ ଦିଗ ବି ଉଧେଇ ପାରିଲା ନାହିଁ। ବିଚଳିତ ହେଲେ ମହାତ୍ମା। କାନ୍ଦି ଉଠିଲା ଅନ୍ତଃଆତ୍ମା। ତାଙ୍କ ହୃଦୟରୁ ସ୍ୱତଃସ୍ଫୂର୍ତ ଭାବେ ଏକ ଆହ୍ୱାନ ଆସିଲା। 'କୁଟି ଖାଅ କାଟି ପିନ୍ଧ'। ଏହାର ଅର୍ଥ ଖାଦ୍ୟ ବସ୍ତ୍ର ଭଳି ଅତ୍ୟାବଶ୍ୟକୀୟ ଦ୍ରବ୍ୟ ପାଇଁ ଅନ୍ୟ କାହାରି ଉପରେ ନିର୍ଭର ହେବାକୁ ପଡ଼ିବ ନାହିଁ। ସେ ହେବ ସ୍ୱାବଲମ୍ବୀ। ସେ ହେବ ବାସ୍ତବରେ ସ୍ୱାଧୀନ। ପ୍ରାଚୀନ ଭାରତରେ ଗାଁ ଥିଲା ସ୍ୱୟଂସିଦ୍ଧ। ଯେଉଁଥିପାଇଁ ଅନେକ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ମଧ ଏବେ ବି ଭାରତ ବଞ୍ଚିଛି। ଏଇ କଥାକୁ ହୃଦୟଙ୍ଗମ କରିପାରିଥିଲେ ଗାନ୍ଧୀଜୀ। ସେ ସ୍ୱରାଜ୍ୟର ଭିତ୍ତିଭୂମି ଉପରେ ଗ୍ରାମକୁ ଗଢ଼ିତୋଳିବାର ସ୍ୱପ୍ନରେ ବିଭୋର ହେଉଥିଲେ।

ମହାତ୍ମାଙ୍କ ପାଠଶାଳା ଆଜି ବି ମାନବବାଦ ଓ ଆତ୍ମନିର୍ଭରଶୀଳତାର ପାଠ ପଢ଼ାଉଛି। ଆମେ ବିକାଶର ଗଣିତ କଷୁଛୁ। ଏ ଦିଗରେ ଆମେ କେତେ ଦୂର ଆଗେଇଛୁ ତାହା ସମୟ କହିବ। ଆଜି ମହାତ୍ମା ନାହାନ୍ତି। ଜାନୁଆରୀ ୩୦, ୧୯୪୮ ସମଗ୍ର ଭାରତ ପାଇଁ ଥିଲା ଏକ ଅଶୁଭ ମୁହୂର୍ତ୍ତ। ସଞ୍ଜର କଡ଼ଲେଉଟା ବେଳ। ସରିନାହିଁ ପ୍ରାର୍ଥନା। ଅଧା ରହିଛି ରାମଧୁନ୍। ଟଳି ପଡ଼ିଲେ ମହାତ୍ମା। ରକ୍ତରେ ଭିଜିଲା ମାଟି। ଆର୍ଯ୍ୟଭୂଇଁରୁ ବିଶ୍ୱ ପର୍ଯ୍ୟନ୍ତ ଖେଳିଗଲା ବିଷାଦର ଛାଇ। କେବଳ ମଣିଷଙ୍କ ହୃଦୟରେ ପ୍ରତିବିମ୍ବିତ ହୋଇ ଉଠିଲା ଗାନ୍ଧୀ ମଣିଷର ରୂପଚିତ୍ର। ଗାନ୍ଧୀଙ୍କ ପାଠଶାଳାର ସ୍ୱାଧୀନ ଭାରତର ଛାତ୍ର ଆମେ। ସତରେ ତାଙ୍କର ଆଦର୍ଶ, ନୀତି ଏବଂ ଦର୍ଶନକୁ କ'ଣ ଆମେ ମାନି ଚାଲିଛୁ। ଏ ପ୍ରଶ୍ନ ମୋର! ଏ ପ୍ରଶ୍ନ ବି କୋଟିକୋଟି ଜନତାର।


କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨


## ସ୍ମୃତି ଶତଦଳ ୨୧୩



# ଦେହି ପଦପଲ୍ଲବ ମୁଦାରଂ-୨


ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭


(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମେରିକାରେ ଥିବା ଓଡିଆମାନେ ଖୁବ୍ ନିଷ୍ଠାର ସହ ପର୍ବପର୍ବାଣି ପାଳନ କରିଥାନ୍ତି। ବିଦେଶରେ ରହିଲେ ମଧ୍ୟ ଓଡିଆ ଭାଷା ଭାଷୀ ମାନେ ପ୍ରାୟ ୱିକ୍ ଏଣ୍ଡ୍ ରେ ଏକାଠି ହୁଅନ୍ତି। ଆଳାପ ମାଧ୍ୟମରେ ଆମେ ମଧ୍ୟ ପରିଚିତ ହୋଇଯାଇଥିଲୁ ଭୁବନେଶ୍ୱର ନିବାସୀ ଶ୍ରୀଯୁକ୍ତ ବିଭୂତି ଷଡ଼ଙ୍ଗୀଙ୍କ ସହ। କଥାରେ କଥାରେ ପ୍ରଭୁ ଜଗନ୍ନାଥଙ୍କର ନବକଳେବର ବେଶ ଏବଂ ତା' ପୂର୍ବରୁ ବହିଃ ଦାରୁ ଅନ୍ୱେଷଣ,ଦାରୁ ଚଉପଟ , ଦାରୁ ସଂଗ୍ରହ ଓ ଦାରୁ ଶଗଡି ଯାତ୍ରା କଥା କହିବାର ଅବକାଶ ପାଇ ନିଜକୁ ଧନ୍ୟ ମନେ କଲି। ସେତିକି ବେଳେ ସମସ୍ତେ କହିଲେ ଓଡିଶାର ଗାଁ ଗହଳି ଭଳି କଂଟ୍ରିସାଇଡରେ ଆଲାଚୁଆ ସହର ଅଛି ଏବଂ ସେଇ ସ୍ଥାନରେ ଇସକନ ମନ୍ଦିରରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପୂଜା ପାଉଛନ୍ତି। ମନ କଥା ମନରେ ଥାଏ କିନ୍ତୁ ସେ ସୁଯୋଗ ଆସି ନ ଥିଲା। ଆମେ ଇଣ୍ଡିଆକୁ ଫେରି ଆସିବାର ପ୍ରାୟ ୧ ସପ୍ତାହ ପୂର୍ବରୁ ଜୁନ୍ ୨୦ ତାରିଖ ଦିନ ପୁଅ ସିଦ୍ଧାର୍ଥକୁ ମନ୍ଦିର ଯିବା କଥା ଜଣାଇଲି ଏବଂ ସେ ସଂଗେ ସଂଗେ ରାଜି ହେଇଗଲା ଆମକୁ ଗାଡିରେ ନେଇ ଯିବା ପାଇଁ। ଖାଇବା ପରେ ପ୍ରାୟ ସାଢେ ତିନିଟା ବେଳେକୁ ଆମେ ଇସକନ ମନ୍ଦିର ବାହାରିଲୁ। ରାସ୍ତାରେ ଗପ କରି ଯାଉ ଯାଉ ପ୍ରାୟ ଦେଢ ଘଂଟାର ରାସ୍ତା କେମିତି କଟିଗଲା ଜଣାପଡିଲା ନାହିଁ। ଡ୍ରାଇଭିଂ କରୁ କରୁ ଆମେ ଆମେରିକାର କଂଟ୍ରିସାଇଡ ଅତିକ୍ରମ କରିଗଲୁ କିନ୍ତୁ ତାହା ଓଡିଶାର ଗାଁ ଗହଳି ଭଳି ନୁହେଁ। ମୁକୁଳା ଅରଣ୍ୟର ସବୁଜିମା ଓ ସୌନ୍ଦର୍ଯ୍ୟରେ ଭରପୁର ଆମେରିକା। ଏମିତିକି ଆମେରିକାର ରାଜଧାନୀ ୱାଶିଂଟନ୍ ଡି.ସି.ରେ ମଧ୍ୟ ଘର ଚାରିପାଖରେ ପ୍ରାୟ ବଡବଡ ଗଛ ଭର୍ତ୍ତି ହୋଇଥାଏ। ଅରଣ୍ୟ ମଝିରେ ଛୋଟ ଘରଟିଏ, ଶ୍ୟାମଳ ଅରଣ୍ୟ ମଧ୍ୟରେ କୁନି କୁଡିଆଟିଏ ଭଳି ଦିଶୁଥାଏ। ସେଠି ଘର ତିଆରି କରିବାକୁ ହେଲେ ଆଗ ପ୍ଲାଣ୍ଟେଶନ୍‌ସନ୍ର ପ୍ଲାନ କରିବାକୁ ପଡିଥାଏ, ଏବଂ ଗଛ ଲଗାଇବାକୁ ପଡିଥାଏ। ଜଙ୍ଗଲ ପାଖରେ ବଙ୍ଗଳା ଟାଇପର ଘର, ଯେଉଁଠି ବଣ , ଜଙ୍ଗଲ ଓ ଝରଣାର ନୃତ୍ୟ ଅତ୍ୟନ୍ତ ମନୋମୁଗ୍‌ଧକର ହୋଇଥାଏ। ଝିଅଟିଏ ଖୁବ୍ ସୁନ୍ଦର ଭାବରେ ଟ୍ରାକ୍ଟର ଚଳାଇବାର ଦୃଶ୍ୟ ଦେଖିଲୁ। ଏ ସବୁ ଦୃଶ୍ୟ ଦେଖିଲେ ମନେ ହୁଏ ଆମ ଦେଶରେ ନାରୀମାନେ ମଧ୍ୟ ନିଜର ଆତ୍ମବିଶ୍ୱାସ ରଖିବା ଖୁବ୍ ଜରୁରୀ। ଅବଶ୍ୟ ଆମ ଦେଶର ମହିଳାମାନେ ମଧ ଖୁବ୍ ପରିଶ୍ରମୀ ଏବଂ ନିଜେ ସଂପୂର୍ଣ୍ଣଘର ଚଳାଇବାର କ୍ଷମତା ରଖିଥାନ୍ତି।

ଶେଷରେ ଦିଶିଲା ସେଇ ପ୍ରତିକ୍ଷୀତ ରାଧାକୃଷ୍ଣ ମନ୍ଦିରର ଧ୍ୱଜା, ଶୁଭିଗଲା ଶଂଙ୍ଖଧ୍ୱନି , ଘଣ୍ଟଣ୍ଟଧ୍ୱନି ଓ ଆଳତିର ସ୍ୱର । ମୃଦମୃଦୁ ମଳୟରେ ପବନରେ ଦୋହଲିଗଲା, ବାୟୁମଣ୍ଡଳ ଏବଂ କାନରେ ଶୁଣାଗଲା ଭକ୍ତଙ୍କର "ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣକୃଷ୍ଣ ହରେହରେ" ର ଭଜନ। ରୋମାଂଚିତ ହୋଇଉଠିଲା ହୃଦୟ ,ପୁଲକିତ ହୋଇଗଲା ପ୍ରାଣ, ପ୍ରତିଟି ଲୋମ କୂପରେ ଭରିଗଲା କମ୍ପନ। ଶରୀରର ସବୁତକ ସୂକ୍ଷ୍ମଅଂଶ ସଂଜୀବିତ ହୋଇଉଠିଲେ ଏବଂ ଆଖିବୁଜି ଧ୍ୟାନକଲେ ଆନନ୍ଦରେ 'ରାଧାକୃଷ୍ଣ' 'ରାଧାକୃଷ୍ଣ'।

ରବିବାର ଦିନ ବହୁ ଭକ୍ତଙ୍କର ସମାଗମ ହୋଇଥାଏ। ଆଲାଚୁଆର ଆଖପାଖରୁ ପ୍ରାୟ ୫୦୦ ଭକ୍ତ ଏକତ୍ର ହୋଇଥାନ୍ତି ଦର୍ଶନ ପାଇଁ। ଆମେ ପହଁଚିଲା ବେଳକୁ ସନ୍ଧ୍ୟା ବେଳ ଏବଂ ଆଳତି ଆରମ୍ଭ ହେବାର ମୁହୂର୍ତ୍ତ ଆଗତ ପ୍ରାୟ। ମନ୍ଦିରରେ ପ୍ରବେଶ କଲା ମାତ୍ରେ ଦୃଷ୍ଟି ପଥାରଢ଼ ହେଲେ ,ତିନୋଟି ମଣ୍ଡପରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି। ଭାରତୀୟ ଶିଳ୍ପୀ ଅପୂର୍ବ କଳାଶୈଳୀରେ ମାର୍ବଲ ପଥରରେ ଗଢିଛନ୍ତି ଏସବୁ ପ୍ରତିମୂର୍ତ୍ତି ଗୁଡିକ। ଘନନୀଳ ରଙ୍ଗରେ, ଘନ ରହସ୍ୟାବୃତ୍ତର ଭିତରେ ଚିରକାଳ ବନ୍ଦୀ କୃଷ୍ଣ, ସେହି ରହସ୍ୟମୟ ରଙ୍ଗାଅଧରର ଧାରେ ମୃଦୁ ହସ। କୃଷ୍ଣଙ୍କ ମଥାରେ ଥିଲା ମୟୂରଚୂଳ, ହାତରେ ବଂଶୀ ଓ ପାର୍ଶ୍ୱଦେଶରେ ରାଧାଙ୍କର ମାର୍ବଲ ପ୍ରତିମା। ପଛରେ ଶ୍ରୀ ପ୍ରଭୁପାଦଙ୍କର ପଦ୍ମାସନରେ ଯୋଡଦସ୍ତରେ ଯୋଗମଗ୍ନ ମୂର୍ତ୍ତି, ଯିଏ ଚିରକାଳ ରାଧାକୃଷ୍ଣଙ୍କ ପାଦତଳେ ନତମସ୍ତକ ହୋଇ ଧ୍ୟାନମୁଦ୍ରା ରେ ବସିଥାନ୍ତି। ରାଧାକୃଷ୍ଣଙ୍କ ମନ୍ଦିରର ପ୍ରାର୍ଥନା ଗୃହରେ ପ୍ରାୟ ତିନିଚତୁର୍ଥାଂଶ ଥିଲେ ବିଦେଶୀ ଭକ୍ତ। ଏହା ଭିତରେ ପ୍ରଭୁଙ୍କର ସଂଧ୍ୟାଧୂପ ଓ ଆଳତି ସରିଲାଣି। ଏ ସଂଧ୍ୟା ଆଳତି ଅତି ନିବିଷ୍ଟ ଚିତ୍ତରେ କରୁଥିଲେ । ଜଣେ ଭାରତୀୟ ।ମହିଳା ଭକ୍ତ ଯିଏ ଶାଢ଼ୀ ପିନ୍ଧି ଆଳତି କରୁଥିଲେ। ଆଷ୍ଚର୍ଯ୍ୟର କଥା ଭାରତୀୟ ଭକ୍ତଙ୍କ ଅପେକ୍ଷା ବିଦେଶୀ ଓ ବିଦେଶିନୀମାନେ ବହୁ ମାତ୍ରାରେ ସେଠି ଜପତପ ଓ ପୂଜା କରୁଥିଲେ ,ଶ୍ଳୋକ ଓ ଭଜନ ଗାଉଥିଲେ, ମନ୍ତ୍ର ପାଠ କରୁଥିଲେ ଏବଂ ଆନନ୍ଦରେ ଦୁଇ ହାତ ଶୂନ୍ୟକୁ ଟେକି ନୃତ୍ୟ ମଧ୍ୟ କରୁଥିଲେ ଯେମିତି ରାଧାକୃଷ୍ଣଙ୍କ ପ୍ରେମଓ ଭକ୍ତିରେ ସେମାନେ ବିହ୍ୱଳହୋଇ ନୃତ୍ୟ କରୁଥିଲେ । ବେଶ କିଛି ସମୟ ଧରି ମନ୍ତ୍ର ଗାନ, ବଚନ , କୀର୍ତ୍ତନ, ଗାୟନ ଓ ନର୍ତ୍ତନ ପରେ ଆମେ ମନ୍ଦିର ଗର୍ଭଗୃହରୁ ବାହାରକୁ ଆସିଲୁ।

ମନ୍ଦିର ପରିସରରେ ଛୋଟ ଏକ ବେଢା, ସେଠି ମିଳୁଥିଲା ପ୍ରଭୁଙ୍କ ପ୍ରସାଦ। ଆମେ ଖେଚୁଡି, ଖିରି, ଭଜା, ତରକାରୀ, ସିଂଙ୍ଗଡା ଆଦି ସେବନ କଲୁ। ସୁଦୂର ଆମେରିକାରେ ଏଗୁଡ଼ିକ ଖୁବ ହାଇଜିନିକାଲି(ଶୁଦ୍ଧ ଭାବରେ) ପ୍ରସ୍ତୁତ ହୋଇଥାଏ। ଏଗୁଡ଼ିକ ଜରି ଦ୍ୱାରା ଢ଼ାଙ୍କି, ହାତରେ ଗ୍ଲୋଭସ୍ ପରିଧାନ କରି ଟିସୁପେପର ସହ ପୂଜକମାନେ ବାଣ୍ଟୁ ଥିଲେ। ପ୍ରଭୁଙ୍କ ସେବକ ଥିଲେ ଜଣେ ଓଡିଆ, ତାଙ୍କ ଘର ଓଡିଶାର କେନ୍ଦୁଝରର ଆନନ୍ଦପୁର। ତାଙ୍କ ନାଁ ସାକ୍ଷୀ ଗୋପାଳ ଦାଶ, ବିବାହ କରିଛନ୍ତି ମରିସସ୍‌ର ଶାରଳାଙ୍କୁ। ଦୁଇଟି ସନ୍ତାନ, ଶାରଳା ନିଜେ ରାନ୍ଧି ପ୍ରସାଦ ବଂଟନ କରନ୍ତି । ମନ୍ଦିର ଟ୍ରଷ୍ଟି ପକ୍ଷରୁ ଏକ କ୍ୱାଟର୍ସ ମିଳିଛି ତାଙ୍କୁ,ଯାହାକି ଉଠାଘର। ଆମେରିକାରେ ଏମିତି ଉଠାଘର ମିଳେ ଯେଉଁଥିରେ ଶୋଇବାରୁମ, ଡାଇନିଂ, କୁକିଂ, ବାଥରୁମ ସହ ଥାଏ ଏବଂ ଏହାକୁ ଉଠାଇ ନେଇ ଆଉ ଗୋଟିଏ ଜାଗାରେ ସ୍ଥାପନ କରହୁଏ। ସାକ୍ଷୀଗୋପାଳଙ୍କୁ ପଚାରିବାରୁ , ସେ କହିଲେ ଯେ ପ୍ରାୟ ୧୮ ବର୍ଷ ହେବ ଇସକନ ମନ୍ଦିର ନିର୍ମାଣ ହେଲାଣି। କେବଳ ଭାରତୀୟ ନୁହେଁ, ଅନେକ ବିଦେଶୀ, ବିଦେଶିନୀ ଭକ୍ତ କୃଷ୍ଣ ଭକ୍ତିରେ ଦୀକ୍ଷିତ ହୋଇ ତାଙ୍କର ବାଣୀ ଚାରିଆଡେ ପ୍ରଚାର ଓ ପ୍ରସାର କରୁଛନ୍ତି, ସାନ ସାନ ପିଲାମାନଙ୍କୁ ସତ୍ ଶିକ୍ଷା ଦେଉଛନ୍ତି ଏବଂ ବିଭିନ୍ନ ଚାରିଟି ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନ ଖୋଲି ଶିକ୍ଷା ଦାନ ସହଅନେକ ପ୍ରକାର ସାହାଯ୍ୟ କରୁଛନ୍ତି। ଇସକନ୍ ତରଫରୁ ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ମଧ୍ୟ ଫ୍ଲୋରିଡା ଓ ଆଖପାଖ ଅଂଚଳରେ ହେଉଛି।

ଆଟ୍‌ଲାଣ୍ଟିକ୍ ମହାସାଗର କୂଳରେ, ବାଲିଉପରେ ସେମାନେ ରଥକୁ ଟାଣି ଟାଣି ନିଅନ୍ତି ଏବଂ ଏଥିରେ ବହୁତ ଜନସମାଗମ ହୋଇଥାଏ। ଇସକନ୍ ମନ୍ଦିର ଚାରି ପାର୍ଶ୍ୱରେ ସୁନ୍ଦର ଫୁଲ ବଗିଚା ଓ ତୁଳସୀ ବଣ ତଥା ଯାତ୍ରୀ ନିବାସ ଆଦି ରହିଛି। ମୋଟ ଉପରେ ସଂପୂର୍ଣ୍ଣ ଏକ ଆଧ୍ୟାତ୍ମିକ ପରିବେଶରେ ଶ୍ରୀ ରାଧା କୃଷ୍ଣଙ୍କ ଦର୍ଶନ ଓ ନାମ କୀର୍ତ୍ତନ ଆମ ମନରେ ଏକ ଭାବାନ୍ତର ସୃଷ୍ଟିକରିଥିଲା। ପୂଜା ଫୁଲ, ଧୂପ ,ଦୀପ, ନୈବେଦ୍ୟ, ଶଙ୍ଖ,ଘଣ୍ଟାଣ୍ଟ ଧ୍ୱନି ଏକ ଅପୂର୍ବ ଭକ୍ତିମୟ ପରିବେଶରେ ଆମ ସମସ୍ତଙ୍କ ମନକୁ ସେଦିନ ସୁରଭିତ କରିଦେଇଥିଲା।

କାଳକାଳ ଧରି ଭଗବାନ ଓ ଭକ୍ତ ଏକ ଦିବ୍ୟ ସଂପର୍କରେ ଆଚ୍ଛନ୍ନ, କ୍ଷୀର ନୀର ଭଳି, ଫୁଲ ଓ ସୁରଭି ଭଳି ଦୁହେଁ ଅଭିନ୍ନ। ଏମାନଙ୍କର ସଂପର୍କ ଜୀବ ଓ ପରମର ସଂପର୍କ। ଏ ପିଣ୍ଡ, ଏ ଶ୍ୱାସ , ଏ ପ୍ରଶ୍ୱାସ , ଏ ପିଣ୍ଡରେ ବହମାନ, କୂଳକୁଣ୍ଡଳିନୀ ଶକ୍ତିଧାରା ସମସ୍ତେ ଏକୀଭୂତ ହୋଇଗଲେ ସେଇ ଶୂନ୍ୟଗର୍ଭା ,ଅନନ୍ତ ଆକାଶର ସ୍ନିଗ୍ଧ ଘନନୀଳ ସତ୍ତାରେ ଯେଉଁ ସତ୍ତା ହିଁ ଜୀବନ୍ତ ହୋଇ ରୁପନିଏ ଶ୍ରୀ କୃଷ୍ଣ ରୂପରେ। ହେଉପଛେ ସେ, ସାତ ସମୁଦ୍ର ତେର ନଈଠାରୁ ଆହୁରି ଦୂର କିନ୍ତୁ ଭକ୍ତିର ନିଆରା ଭାବ ସବୁଠି ଏକ। ଭକ୍ତ ସବୁଠି ଏକ। ଭାବ, ଜ୍ଞାନ, ବ୍ରହ୍ମ ଓ ତତ୍ତ୍ୱର ଅପୂର୍ବ ସମାବେଶରେ ବିଦେଶର ସେ ରାଧାକୃଷ୍ଣଙ୍କ ମନ୍ଦିର ମତେ ବିମୁଗ୍ଧ କରି ରଖିଥିବ ଆଜୀବନ।(କ୍ରମଶଃ)

## ଚେତନାର ଚଉହଦୀ : ନକୁଳ ଚନ୍ଦ୍ର ସାହୁ

# ସାହିତ୍ୟର ଆଦିତତ୍ତ୍ୱ ୪



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦେହର ଦର୍ପଣରେ ଜୀବ ଦେଖିଥାଏ ପରମାତ୍ମାଙ୍କ ମୁହଁ। ଜୀବ ଜନ୍ମର ଉଦ୍ଦେଶ୍ୟ, ସଂସାର ଚକ୍ରରେ ଦେହ ଜନ୍ମର ଆଭିମୁଖ୍ୟ, ଦେହର ଦର୍ପଣରେ ଦେହ ସହିତ ଥିବା ଚୈତ୍ୟପୁରୁଷ ପରମ ପୁରୁଷଙ୍କୁ କରିବ ଦର୍ଶନ! ନୀଳଜ୍ୟୋତି ଜ୍ୟୋତିର୍ମୟ ନୀଳିମାରେ ହେବ ବିଲୀନ! ଯେତେବେଳେ ପର୍ଯ୍ୟନ୍ତ ପରମ ସତ୍ୟଟିକୁ ଆବିଷ୍କାର କରି ନ ପାରିଛି ପ୍ରାଣୀ, ଭବ ବନ୍ଧନରୁ ବା ଜନ୍ମ ଚକ୍ରରୁ ନାହିଁ ତାହାର ନିସ୍ତାର! ଆତ୍ମା ସହିତ ଦେହଟିଏ ଜନ୍ମ ନେଉଥିବ, ପାହାଚ ପରେ ପାହାଚ ଆରୋହଣ କରୁଥିବ ତା ଚେତନାର ପାଦ! ଚାଲିଥିବ ସାହିତ୍ୟ ସର୍ଜନା! ସୃଷ୍ଟିର ସତ୍ୟକୁ ବିଶ୍ଳେଷଣ କରୁଥିବେ ସ୍ରଷ୍ଟା! ବୌଦ୍ଧିକ ବିକାଶର ପୁଲକ ତଲ୍ଲୀନ କରି ରଖୁଥିବ ଏବଂ ପାର୍ଥିବ ସମ୍ପଦର ଅଧିକୃତ ସୁଖ ଆନନ୍ଦ ପ୍ରଦାନ ପରି ଚାଲିଥିବ, ଯାହା ନୁହେଁ (ସାହିତ୍ୟ) ଦେହ ସହିତ ଜୀବନର ଜନ୍ମ ଉଦ୍ଦେଶ୍ୟ!

ଶ୍ରୀମଦ୍ ଭାଗବତ (୧୧/୨୯/୨୨) କରିଛନ୍ତି ବର୍ଣ୍ଣିତ, ଏଷା ବୁଦ୍ଧିମତାଂ ବୁଦ୍ଧିର୍ମନୀଷା ଚ ମନୀଷିଣାମ୍ / ଯତ୍ ସତ୍ୟମନ୍ତି ତୁନେହ ମର୍ତ୍ତ୍ୟେନାପ୍ନୋତି ମାଽମୃତମ୍। ଅର୍ଥାତ୍ ଏହି ମିଥ୍ୟା ଓ ମୃତ୍ୟୁଶୀଳ ମାନବ ଶରୀରରେ ଏହି ଜନ୍ମ ଠାରୁ ଏବଂ ଏହି ଜନ୍ମରେ ମତେ ସତ୍ୟ ଓ ଅବିନାଶୀ ତତ୍ତ୍ୱ ପ୍ରାପ୍ତି ହେବା ବୁଦ୍ଧିମାନର ହିଁ ବୁଦ୍ଧି ଚାତୁର୍ଯ୍ୟ, ତଥା ବିବେକୀ ପୁରୁଷର ବିବେକ ଅଟେ ଏହା!

ଜଗତର ମୂଳ କାରଣ 'ଶବ୍ଦ' ଭଗବାନଙ୍କ ନାମ! ଜଗତ୍ ପଞ୍ଚ ଭୌତିକ ଏବଂ ପ୍ରକୃତି ତ୍ରିଗୁଣାତ୍ମକ। ପ୍ରକୃତି ପରି ଶବ୍ଦ ନୁହେଁ ଜଡ, ଶବ୍ଦ ଚିନ୍ମୟ ଓ ଚେତନା। ଜଗତ ଜଡ। ଶବ୍ଦ ଉଚ୍ଚାରିତ ହେଲେ ହୁଏ ତ୍ରିଗୁଣାତ୍ମକ। ସତ୍ତ୍ୱ, ରଜ ଓ ତମଃ ଗୁଣ ଅନୁଯାୟୀ ଶବ୍ଦ ବିସ୍ତାର କରିଥାଏ ତାହାର ପ୍ରଭାବ। କିନ୍ତୁ ଯିଏ ଭଗବାନଙ୍କ ଯେ କୌଣସି ନାମରେ ଗୋଟିଏ କରିଥାଏ ସ୍ମରଣ, ସିଏ ହୋଇଥାଏ 'ସାଲୋକ୍ୟ ମୁକ୍ତି ମାପ୍ନୋତି'। ଭବଲୋକ ଜନ୍ମ ଯନ୍ତ୍ରଣାରୁ ଲଭିଥାଏ ମୁକ୍ତି।

ସାହିତ୍ୟ ଜଣେ ଦୋକାନୀର ଡାଲାରେ ବାଇଗଣ ବା ଫୁଲକୋବି ସଜାଇବା ପରି ଶୁଷ୍କ ମୂଲ୍ୟହୀନ ଶବ୍ଦ ସଜାଇବା ନୁହେଁ, ସାହିତ୍ୟ ମଣିଷର ଅମୃତ ତୃଷା। ସାହିତ୍ୟ ପ୍ରାଣୀର ଆତ୍ମା, ଶରୀର ସହିତ ଥିବା ପରମାତ୍ମା, ଗୋଟିଏ ଅନ୍ତଃସଲିଳା ଶାଶ୍ୱତ ଫଲ୍‌ଗୁ ପ୍ରବାହର ପ୍ରକଟ ହେବାର ଇଚ୍ଛା!

॥ ଚାରି ॥

'ଦି ଥିଓରୀ ଅଫ୍ ଲିଟିରେଚର୍'ରେ କୁହାଯାଇଛି, Writing is making an attempt to say something in a beautiful and pleasing manner. ଏହା ସାହିତ୍ୟର ଆଙ୍ଗିକ ଗଢଣ। ସେହିପରି କୁହାଯାଇଛି, ତାହା ସାହିତ୍ୟ, ଯାହା ଅନ୍ୟ ଶବ୍ଦ ଓ ଭାବରେ 'Practising the art of letters' , ଅକ୍ଷର ଶିଳ୍ପ ବା ଶବ୍ଦ ଶିଳ୍ପର ବିରାଟ ଓ ବ୍ୟାପକ ପୃଥିବୀର ନାମ ସାହିତ୍ୟ, ଏହା ନିଶ୍ଚିତ। ସେହି ଦିଗ୍‌ବଳୟକୁ ନିଜ ପ୍ରବନ୍ଧରେ ଦେଖାଇବାକୁ ଉଦ୍ୟମ କରିଛନ୍ତି ପ୍ରଫେସର୍ ବି.ଆର୍.ମଲ୍ଲିକ୍, Literature, as Matthew Arnold defined it in his essays on criti cism, it the record of "best that is known and thought in the world". (Literature, Vol.1,Page 1, S.chand & co 1965) ପୁନଶ୍ଚ ଜି.ଏମ୍.ହପ୍‌କିନ୍ସଙ୍କ କବିତା ଆଲୋଚନାର ନିଷ୍କର୍ଷରେ କରିଛନ୍ତି ପ୍ରତିବାଦିତ, Literaturethus may be an instrument of self-discovery, or a mode of self-fulfilment. ଭାରତୀୟ ନାନ୍ଦନିକ ଦୃଷ୍ଟିରୁ ପାଖାପାଖି ସାହିତ୍ୟର ଏହି ସଂଜ୍ଞା! ଓସ୍କାର ୱାଇଲଡ୍ ମଧ ନିର୍ଣ୍ଣୟ କରିଛନ୍ତି , The meaning of any beautiful created thing is as much in the soul of him who liiks, at it as it was his soul who wrought it. ସ୍ରଷ୍ଟା କିଏ? ଯିଏ 'ବେଦବିତ୍‌କବି' ବୋଲି ବ୍ୟାସ କରିଛନ୍ତି 'ବିଷ୍ଣୁ ସହସ୍ର' ନାମ'ରେ ଉଲ୍ଲେଖ। 'ବେଦ' ଆତ୍ମଜ୍ଞାନ, Self-discovery! ଯାହା 'ସତ୍‌କୃତଃ' ଏବଂ ତାହାର ସ୍ରଷ୍ଟା 'ସତ୍‌କର୍ତ୍ତା'। ରୁଚିଶୀଳ ଭାଷାରେ ଅଭିବ୍ୟକ୍ତ ଏବଂ ଭାଷା ହିଁ ସାହିତ୍ୟର ବାହକ! ଯେମିତି ଅରୂପ ରୂପଟିଏ ଲାଭ ନକଲେ ତାହା ବୈଶିଷ୍ଟ୍ୟ ନିରର୍ଥକ! ଶୂନ୍ୟ ଯେତେ ଅର୍ଥ ବୋଧକ ହେଲେ ବି ଅନଭିବ୍ୟକ୍ତ ସ୍ଥିତି ପ୍ରାଣରେ ସଂଚାର କରି ନଥାଏ ରସଭାବ!

ସାହିତ୍ୟ ରସର ଭବ, ଯେଉଁ ରସ (ଆତ୍ମରସ) ନିଜେ ଚିନ୍ମୟ, ସତ୍ୟ ଓ ଆନନ୍ଦଙ୍କ ସ୍ୱରୂପର ପ୍ରକାଶ। ପାଶ୍ଚତ୍ୟ ଧାର୍ମିକ ସାହିତ୍ୟ ଠାରୁ ମଧ ଶ୍ରବଣ କରିବାକୁ ମିଳିଛି, The kingdom of heaven is within you. ସେହି ସ୍ୱର୍ଗ ସାମ୍ରାଜ୍ୟ ପ୍ରତୀକଟିର ଭାବ ଖୁବ୍ ବ୍ୟାପକ। ତାହା ମାନବାତ୍ମା ହୋଇପାରେ, ତାହା ମାନବର ଭାଷା ହୋଇ ପାରେ, ତାହା ରସ ହୋଇପାରେ ଏବଂ ହୋଇପାରେ ମଧ ସଜଡା ଶବ୍ଦବ୍ରହ୍ମ।

ସାହିତ୍ୟର ଆଦ୍ୟବର୍ଣ୍ଣ 'ସ', ବତ୍ରିଂଶତମ୍ ବ୍ୟଂଜନ ବର୍ଣ୍ଣ, ଜିହ୍ୱାର ଅଗ୍ର ଓ ଛାମୁଦାନ୍ତ ସାହାଯ୍ୟରେ ହୁଏ ଉଚ୍ଚାରିତ। ଭାଷାରେ ଏହାକୁ ଉଚ୍ଚାରଣ କଲାବେଳେ ଜିଭ ତାଳୁ ଓ ମୂର୍ଦ୍ଧା ଦିଗକୁ କରେ ଗତି। 'ସ' 'ସହିତ'କୁ ବୁଝାଏ, ଯେମିତି 'ସସ୍ତ୍ରୀକ' 'ସସଙ୍ଗ' ଓ 'ସଶସ୍ତ୍ର ପ୍ରଭୃତି। ପୁନଶ୍ଚ ଅନ୍ୟ ପକ୍ଷରେ 'ସ' ଗୋଟିଏ ଏକାକ୍ଷର ଶବ୍ଦ। ଏହାର ରହିଛି ଅନେକ ଅର୍ଥ। ବିଷ୍ଣୁ, ଶିବ, ଚନ୍ଦ୍ର, ବାୟୁ, ଜୀବାତ୍ମା, ଶୁକ୍ରାଚାର୍ଯ୍ୟ, ଚିନ୍ତା, ସର୍ପ ଓ ଦୀପ୍ତ ପ୍ରଭୃତି ଅର୍ଥରେ 'ସ' ଶବ୍ଦଟି ସାହିତ୍ୟରେ ବ୍ୟବହୃତ ହୋଇଅଛି। ଆଦ୍ୟରେ 'ସ' ଅନୁପ୍ରାସ, 'ସୁଭଦ୍ରା ପରିଣୟ' କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପୁସ୍ତକ, 'ସ' ଶବ୍ଦ ବ୍ୟବହାରର ଗୋଟିଏ ଭଲ ଦୃଷ୍ଟାନ୍ତ!

'ସ'ରେ ଆକାର ଯୁକ୍ତ ହୋଇ ହୁଏ 'ସା', 'ସା' ଭାରତୀୟ ସଙ୍ଗୀତ ସପ୍ତସ୍ୱର (ଷଡଜ)ର ପ୍ରଥମ ସ୍ୱର, ମୟୂର ସ୍ୱନ। ଭରତ ନାଟ୍ୟ ଶାସ୍ତ୍ରରେ ଲେଖିଛନ୍ତି, କ୍ରମଯୁକ୍ତାଃ ସ୍ୱରାଃ ସପ୍ତ ମୂର୍ଚ୍ଛନା ପରିକୀର୍ତ୍ତିତା। ସାହିତ୍ୟ କଳାର ଶୈଶବ ସଂଗୀତ (ଗାୟନ)ରୁ , ବୈଦିକ ସ୍ତବର ଘଟିଅଛି କ୍ରମବିକାଶ। 'ସା' ଏକାକ୍ଷର ଶବ୍ଦର ମଧ ରହିଛି ଗୁଡିଏ ଅଭିଧାନିକ ଅର୍ଥ। ସେଗୁଡିକ ହେଲା- ଶାନ୍ତି, ଶୋଭା, ପାର୍ବତ୍ୟ ଓ ଗୌରୀ ପ୍ରଭୃତି। 'ହିତ୍ୟ', ଯାହୁ ହିତକର! 'ହିତ' ଅର୍ଥ ସାଧାରଣତଃ ମଙ୍ଗଳ, ଯାହା ଶୁଭକର, ସାମୂହିକ ହିତକର। ନୁହେଁ ବ୍ୟକ୍ତିଗତ ଅହଂକାର! ଅହଂ ଅବକ୍ଷୟ ଆଡକୁ କଢାଇନିଏ ବାଟ! ସାହିତ୍ୟ ଏବେ ସେହି ଅବକ୍ଷୟର ଫଟୋ। ଲେଖକ ନିଜ Private World କୁ Public world ର ପଟ୍ଟଚିତ୍ରରେ ବଦଳି ପାଠକ / ପାଠିକାଙ୍କୁ ଦେଖାଉ ଅଛନ୍ତି ବିସ୍ମୟ ଓ ବିଶ୍ୱାସ! ଜୁନ୍ ସଂଧ୍ୟାର ଲେମ୍ବୁ ଗଛର ବାସ୍ନା ପାଠକଙ୍କୁ କ୍ରେଜି କରୁନାହିଁ। ରାସ୍ତା କଡରେ ଝୁଲୁଥିବା ରେଡିମେଡ୍ ଶସ୍ତା ଜିନ୍‌ସ୍ପ୍ୟାଣ୍ଟପରି ଦିଶୁଛି ସାହିତ୍ୟ! କୁଆଡେ ଗଲା ସାହିତ୍ୟର ସେହି ମୂଳ ଲକ୍ଷ? ଅମୃତମୟ ଭାବ ଓ ଭାବନାର ପବିତ୍ର ନିର୍ମୋକ!!(ସମାପ୍ତ)


+ ଶବ୍ଦଘର, ଗୋଡିସାହି, କଟକ
ମୋ:୯୪୩୭୭୪୦୨୬୪

# ଭାରତୀୟ ଜନତା ପାର୍ଟିର ସେବା ଓ ସମର୍ପଣ ଅଭିଯାନ




ଉଦଳା,୦୯/୦୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ଉଦଳା ଶାଖା ତରଫରୁ ଚଳିତ ଅକ୍ଟୋବର ୮ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ସେବା ଓ ସମର୍ପଣ ଅଭିଯାନ ପବର୍ବ ଅନୁଷ୍ଠିତ ହୋଇ ଯାଇଛି । ଦିବସ ବ୍ୟାପି ଚାଲିଥିବା ଏହି ପର୍ବରେ ଉଦଳା ଅଞ୍ଚଳରେ କାର୍ଯ୍ୟରତ ଗଣ ମାଧମର ପ୍ରତିନିଧି, ସେବା ନିବୃତ୍ତ ସୈନିକ ଓ କୃଷକ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପ୍ରାରମ୍ଭରେ ସମସ୍ତ ଅତିଥି ଅଖଣ୍ଡ ଭାରତ ମାନଚିତ୍ରରେ ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ 'ବନ୍ଦେ ମା ତରଂ... ସଙ୍ଗୀତ ଗାନ କରିଥିଲେ । ପରେ ବିଧାୟକ ଭାସ୍କର ମଢ଼େଇଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ନିହାର ରଂଜନ ମୋଦି ଓ ସଦସ୍ୟା ପ୍ରମିଳା ପଣ୍ଡା ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମ ଗ୍ରହଣ କରିଥିଲେ । ତେଣୁ ଉକ୍ତ ମାସଟିକୁ ଭାରତିୟ ଜନତା ପାର୍ଟି ତରଫରୁ ସେବା ଓ ସମର୍ପଣ ଦିବସ ରୂପେ ସମଗ୍ର ଭାରତ ବର୍ଷରେ ପାଳନ କରାଯାଉଛି ବୋଲି ଅବଗତ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଶରତ ଚନ୍ଦ୍ର ଦାସ, ଉଦଳା ନଗର ମଣ୍ଡଳ ସଭାପତି ଧିରେନ୍ଦ୍ର ଖଣ୍ଡେଲୱାଲ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ନଗର ପାଳ ସୌଭାଗ୍ୟ କୁମାର ସାହୁ, ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ପୂର୍ବତନ କାଉନସିଲର ମମତା ସାହୁ ଓ ପ୍ରଭାତ ପରିଡ଼ା ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗୁଁ ଆଜି ସମଗ୍ର ପୃଥିବୀରେ ଭାରତ ତାର ଏକ ସ୍ୱତନ୍ତ ପରିଚୟ କିପରି ସୃଷ୍ଟି କରିପାରିଛି ବୋଲି ବ୍ୟକ୍ତ କରିବା ସହିତ ଚଳିତ ଅକ୍ଟୋବର ମାସ ତମାମ ଉଦଳାରେ ନିୟନ୍ତ୍ରୀତ ବଜାର କମିଟି ଅଧିନରେ ଥିବା କୃଷକ ବଜାରରେ ସଫେଇ, ଡ଼ାକ୍ତରଖାନାରେ ରୋଗୀ ମାନଙ୍କୁ ଫଳ ବିସ୍କୁଟ ବଣ୍ଟନ, ସଫେଇ କର୍ମଚାରୀ, ଟ୍ରଲି ଓ ରିକ୍ସା ଚାଳକ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ, ସହର ମଧରେ ସ୍ଥାପନ କରାଯାଇଥିବା ମହାତ୍ମା ମାନଙ୍କର ପ୍ରତିମୂର୍ତ୍ତି ଗୁଡ଼ିକର ଉନ୍ନତି କରଣ ଇତ୍ୟାଦି କାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଥିବାର ଜଣାଇଥିଲେ । ସେହିପରି ଆଗକୁ ମଧ ଆହୁରୀ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ପ୍ରଦାନ କରିଥିଲେ । ଶେଷରେ ବିଧାୟକ ଶ୍ରୀଯୁକ୍ତ ମଢ଼େଇ ଉପସ୍ଥିତ ଥିବା ସମସ୍ତ ଗଣମାଧମର ପ୍ରତିନିଧି, ସେବା ନିବୃତ୍ତ ସୈନିକ ଓ କୃଷକ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ ଜାତୀୟ ସଂଗୀତ ଗାନ କରିବବା ପରେ କାର୍ଯ୍ୟ କ୍ରମର ଯବନିକା ପଡ଼ିଥିଲା ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତ୍ତର ଓଡିଶା ଜୋନ କାର୍ଯ୍ୟାଳୟରେ ଛୁଟି ଦିନରେ ପ୍ରଦାନ କରାଯିବ ଯୁକ୍ତଦୁଇ ସାର୍ଟିଫିକେଟ

ବାରିପଦା,୦୯/୦୯(ନି.ପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତର ଓଡିଶା ଜୋନ ଅଧିନସ୍ଥ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଏବଂ ଭଦ୍ରକ ଜିଲାର ସମସ୍ତ କଲେଜର ଯୁକ୍ତ ଦୁଇ ପରୀକ୍ଷା ଦେଇଥିବା ଛାତ୍ର ଛାତ୍ରୀ ମାନଙ୍କର ସାଟିଫିକେଟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତର ଓଡିଶା ଜୋନ ବାରିପଦାସ୍ଥିତ କାର୍ଯ୍ୟାଳୟଠାରେ ଉପଲବ୍ଧ ଅଛି । ଆସନ୍ତାକାଲି ଶନିବାର ଏବଂ ରବିବାର ଛୁଟିଦିନ ଥିଲେ ମଧ୍ୟ ଏହି କାର୍ଯ୍ୟାଳୟ ଖୋଲାରହିବ । ତେଣୁ ଏହି ଦିନମାନଙ୍କରେ ସମସ୍ତ କଲେଜର ଅଧ୍ୟକ୍ଷମାନେ କାର୍ଯ୍ୟାଳୟକୁ ଆସି ନିଜ ନିଜ କଲେଜର ପରୀକ୍ଷା ଦେଇଥିବା ଛାତ୍ର ଛାତ୍ରୀ ମାନଙ୍କର ସାଟିଫିକେଟ ସଂଗ୍ରହ କରିନେବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉତର ଓଡିଶା ଜୋନର ଉପସଚିବ ଜୟଦେବ ପାରମାଣିକ ଅନୁରୋଧ କରିଛନ୍ତି ।

## ଉତ୍କଳମଣିଙ୍କ ଜିଲ୍ଲାସ୍ତରୀୟ ଜୟନ୍ତୀ ପାଳିତ

ପୁରୀ,୦୯/୦୯ (ନି.ପ୍ର): ଗୋପବନ୍ଧୁଙ୍କ ତ୍ୟାଗ ଓ ବଳିଦାନର ପଟାନ୍ତର ନାହିଁ। ତାଙ୍କର ତ୍ୟାଗ ଓ ନିଷ୍ଠା ନିମନ୍ତେ ଉତ୍କଳମଣି ଉତ୍କଳବାସୀଙ୍କ ପ୍ରାତଃସ୍ମରଣୀୟ ହୋଇ ରହିବେ ବୋଲି ଜିଲ୍ଲା ସ୍ତରୀୟ ଜୟନ୍ତୀ ଉତ୍ସବରେ ବିଶିଷ୍ଟବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୪ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏଥିରେ ମୁଖ୍ୟଅତିଥି ଓ ଉପ ଜିଲ୍ଲାପାଳ ଭବତାରଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ସିଂହଦ୍ୱାରସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଉତ୍କଳମଣି ଗୋପବନ୍ଧୁଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ସଂସଦର ଶରତ ଚନ୍ଦ୍ର ଜୟସିଂ,ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ,ସୌମେନ୍ଦ୍ର ଦାସ,ଗୋବିନ୍ଦ ଚନ୍ଦ୍ର ମହାନ୍ତି,ଉମା ବଲ୍ଲଭ ମହାପାତ୍ର ଓ ଶିବପ୍ରସାଦ ମହାପାତ୍ର ପ୍ରମୁଖ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ କରୋନା ଯୋଦ୍ଧା ସାମ୍ବାଦିକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଧର୍ମପତ୍ନୀ ପ୍ରିୟବାସିନୀ କରଙ୍କୁ ରାଜ୍ୟ ସରକାରଙ୍କ ସହାୟତା ମୂଳକ ରାଶି ବାବଦ ୧୫ ଲକ୍ଷଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା।ପରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ନାଥ ଶର୍ମା ସାକ୍ଷିଗୋପାଳ ବସ୍ଷ୍ଟାଣ୍ଡ ସ୍ଥିତ ପଞ୍ଚଶଖା ପୀଠ, ବକୁଳ ବନ, ସମାଧୀପୀଠ, ସତ୍ୟବାଦୀ ହାଇସ୍କୁଲ ଓ ସୁଆଣ୍ଡସ୍ଥିତ ଗୋପବନ୍ଧୁଙ୍କ ଷଠିଘରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ....

ନେଇପାରିବେ ଏବଂ ଅନ୍ୟାନ୍ୟ ଆର୍ଥିକ ସୁବିଧା ପାଇପାରିବେ, ଯଦ୍ୱାରା ସେମାନଙ୍କ ମଧ୍ୟରେ ସମ୍ପନ୍ନତା ଆସିବ । ଦ୍ୱିତୀୟତଃ ସମ୍ପତି ଟିକସ ନିର୍ଦ୍ଧାରଣ ଦ୍ୱାରା ରାଜ୍ୟକୋଷକୁ ଲାଭ ହେବ। ତୃତୀୟତଃ ଏହି ଯୋଜନା ଦ୍ୱାରା ଗ୍ରାମାଂଚଳର ବିକାଶ ପାଇଁ ଜମିର ସଠିକ୍ ତଥ୍ୟ ରହିବ ଏବଂ ସମ୍ପତି ଜନିତ ବିବାଦ ମଧ ହ୍ରାସ ହେବ। ଚତୁର୍ଥତଃ ବନ୍ୟା ଏବଂ ବାତ୍ୟା ଦ୍ୱାରା ପ୍ରଭାବିତ ହେଉଥିବା ଓଡ଼ିଶା ଭଳି ରାଜ୍ୟରେ ସର୍ଭେ ପାଇଁ ଭିତିଭୂମି ସୃଷ୍ଟି ହେବ ଏବଂ ଜିଆଇଏସ ମ୍ୟାପ୍ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ସାହାଯ୍ୟ କରିବ। ଏହାବ୍ୟତିତ ଜିଆଇଏସ୍ ମ୍ୟାପ୍ ବ୍ୟବହାର ଦ୍ୱାରା ଗ୍ରାମ ପଂଚାୟତର ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କରିହେବ । ଯାହା ଦ୍ୱାରା ଗାଁ ସ୍ତରରେ ବିସ୍ତୃତ ଭାବେ ହୋଇଥିବା ଗ୍ରାମ୍ୟ ଯୋଜନାକୁ ହାସଲ କରିହେବ। ସୂଚନାକ୍ରମେ ଚଳିତବର୍ଷ ଫେବୃୟାରୀରେ ଓଡ଼ିଶା ସରକାର ସର୍ଭେ ଅଫ୍ ଇଣ୍ଡିଆ ସହ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷର କରିଛନ୍ତି ଏବଂ ରାୟଗଡ଼ାରେ ଏହାକୁ ପାଇଲଟ୍ ଭିତିରେ କାର୍ଯ୍ୟ କରାଯାଉଛି। ମାତ୍ର ରାଜ୍ୟ ରାଜସ୍ୱ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହା ଉପରେ ଯେଉଁ ଗତିରେ କାର୍ଯ୍ୟ କରୁଛନ୍ତି, ଏହା ଦ୍ୱାରା ଏହି ଯୋଜନା ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ କରିବା କଷ୍ଟକର । ତେଣୁ ଏହି ଯୋଜନା ସହ ଜଡ଼ିତ ଅନେକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ଏବଂ ସର୍ଭେକୁ ସାହାଯ୍ୟ କରିବା ପାଇଁ ରାଜ୍ୟକୁ କଂଟିନିୟସ ଅପରେଟିଂ ରେଫରେନ୍ସ ଷ୍ଟେସନ(ସିଓଆରଏସ)କୁ ଯଥାଶୀଘ୍ର ଅନୁମତି ଦେବାକୁ ପଡ଼ିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଦର୍ଶାଇଛନ୍ତି । ଯୋଜନାର ଲାଭକୁ ଦୃଷ୍ଟିରେ ରଖି ତଥା ଓଡିଆ ନାଗରିକଙ୍କ ସ୍ୱାର୍ଥ, ଦାରିଦ୍ର୍ୟକୁ ଲଢିବା, ଗରିବଙ୍କ ସମ୍ମାନକୁ ସୁନିଶ୍ଚିତ କରିବା, ଆତ୍ମନିର୍ଭର ଭାରତ ଏବଂ ଗ୍ରାମ୍ୟ ସ୍ୱରାଜକୁ ସାକାର କରିବା ପାଇଁ ପିଏମ ସ୍ୱାମୀତ୍ୱ ଯୋଜନା କାର୍ଯ୍ୟକୁ ଓଡ଼ିଶାରେ ତ୍ୱରାନ୍ୱିତ କରିବା ପାଇଁ ଅନୁମତି ଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ବ୍ୟକ୍ତିଗତ ହସ୍ତକ୍ଷେପ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ କହିଛନ୍ତି ଯେ ୨୦୨୧ ରୁ ୨୦୨୫ ମଧ୍ୟରେ ପିଏମ ସ୍ୱାମୀତ୍ୱ ଯୋଜନା ଅଧୀନରେ ସମଗ୍ର ଭାରତବର୍ଷରେ ୬.୬୨ ଲକ୍ଷ ଗାଁକୁ ଅନ୍ତର୍ଭୁକ୍ତ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି । ଏବେ ସୁଦ୍ଧା ମହାରାଷ୍ଟ୍ର, ହରିୟାଣା, କର୍ଣ୍ଣାଟକ, ଉତରପ୍ରଦେଶ, ଉତରାଖଣ୍ଡ, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଗୁଜୁରାଟ୍, ଗୋଆ, ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ୭୫୬୫ ଗାଁରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇସାରିଛି। ଏହି ଯୋଜନା ଅନ୍ତର୍ଭୁକ୍ତ ବର୍ତମାନ ସୁଦ୍ଧା ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଇ-ପ୍ରପୋର୍ଟି କାର୍ଡ୍ ପ୍ରସ୍ତୁତ କରାଯାଇଛି।

## ରାଜ୍ୟସ୍ତରୀୟ ଗୋପବନ୍ଧୁ ଜୟନ୍ତୀ....

ସ୍ୱତନ୍ତ୍ର ଅତିଥି ଭାବେ ଶ୍ରୀ ସୁରେଶ ଚନ୍ଦ୍ର ମନ୍ତ୍ରୀ, ବରିଷ୍ଠ ପ୍ରଶାସକ ତଥା ମୁଖ୍ୟ ସଂଯୋଜକ, ସମାଜ, ସଭାପତି ଶ୍ରୀ ପ୍ରଦୋଷ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରମୁଖ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତ ବେହେରାଙ୍କୁ ରାଜ୍ୟସ୍ତରୀୟ ଗୋପବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନେ ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପଞ୍ଚାୟତ ନିର୍ବାଚନ ସଂରକ୍ଷଣ....

ଆପତି ଅଭିଯୋଗର ଶୁଣାଣି କରିବେ । ୨୬ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ । ସେହିପରି ଜିଲ୍ଲା ପରିଷଦ ସଦସ୍ୟ ସଂରକ୍ଷଣ ପାଇଁ ଆପତି ଥିଲେ ୧୮ ତାରିଖ ସୁଦ୍ଧା ଅଭିଯୋଗ କରିପାରିବେ । ୨୨ ତାରିଖରେ ଶୁଣାଣି କରାଯାଇ ଜିଲ୍ଲାପାଳଙ୍କ ଦ୍ୱାରା ସମାଧାନ କରାଯିବ । ୨୯ ତାରିଖରେ ସରକାରଙ୍କ ଅନୁମୋଦନ ନିଆଯାଇ ୩୦ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ ।

## ୬ ଦିନ ପରେ ମନ୍ତ୍ରୀଙ୍କ ପୁଅକୁ ....

ସଂଗଠନ । ଅକ୍ଟୋବର ୨୬ ଲକ୍ଷ୍ନୌରେ ହେବ ମହାପଞ୍ଚାୟତ । ଏହା ପୂର୍ବରୁ ୧୨ ତାରିଖରେ କ୍ୟାଣ୍ଡେଲ ରାଲି କରାଯିବ । ଏଥିପାଇଁ ଲଖୀମପୁର ଆସିବାକୁ ଚାଷୀଙ୍କୁ ଆହ୍ୱାନ କରାଯାଇଛି । ଘଟଣାକୁ ନେଇ କେନ୍ଦ୍ର ଗୃହ ରାଜ୍ୟମନ୍ତ୍ରୀ ଅଜୟ ମିଶ୍ରଙ୍କୁ ଗିରଫ କରିବାକୁ ଦାବି କରିଛି ଚାଷୀ ସଂଗଠନ । ଲଖୀମପୁର ହିଂସାକାଣ୍ଡ ଘଟଣାରେ ନିଜ ଆଡୁ ମାମଲା ରୁଜୁ କରି ଶୁଣାଣି କରିଥିବା ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ସରକାର ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ । ସରକାରଙ୍କ କାର୍ଯ୍ୟକଳାପ ସନ୍ତୋଷଜନକ ନୁହଁ ବୋଲି କହିଥିଲେ ସର୍ବୋଚ୍ଚ ନ୍ୟାୟାଳୟ । ଗତ ରବିବାର ଦିନ ଉତ୍ତରପ୍ରଦେଶ ଲଖୀମପୁରରେ ଘଟିଥିଲା ହିଂସାକାଣ୍ଡ । ଏଥିରେ ୪ ଜଣ ଚାଷୀଙ୍କ ସମେତ ୮ଜଣଙ୍କ ଜୀବନ ଯାଇଛି । ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ର ଚାଷୀଙ୍କ ଉପରେ ଗାଡି ଚଢାଇ ଦେଇଥିବା ସାଂଘାତିକ ଅଭିଯୋଗ ହୋଇଛି ।

## ଦେବଗଡରେ ସ୍ମାର୍ଟ ହେଲ୍ଥ କାର୍ଡ ....

କହିଥିଲେ ଯେ ତିନୋଟି ମେଗା ପାଇପ୍ ପାଣି ଯୋଜନା କାର୍ଯ୍ୟକାରୀ କରାଯାଇ ଜିଲ୍ଲାର ସମସ୍ତ ତିନୋଟି ବ୍ଲକକୁ ପାଇପ୍ ପାଣିର ସୁବିଧା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି । ମୁଖ୍ୟମନ୍ତ୍ରୀ ଦେବଗଡ ପୌରାଂଚଳ ପାଇଁ ମଧ ଏକ ପାନୀୟ ଜଳ ପ୍ରକଳ୍ପର ଭିତି ପ୍ରସ୍ତର ରଖିଥିଲେ । ଏହା ସହିତ ଦେବଗଡରେ ଏକ ତିନିଶହ ଶଯ୍ୟା ବିଶିଷ୍ଟ ଆଧୁନିକ ହସ୍ପିଟାଲ ପାଇଁ ମୁଖ୍ୟମନ୍ତ୍ରୀ ମଧ ଭିତି ପ୍ରସ୍ତର ରଖିଥିଲେ। ଏଥିପାଇଁ ୧୧୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହାଦ୍ୱାରା ଦେବଗଡବାସୀ ଗୁଣାତ୍ମକ ମାନର ଚିକିତ୍ସା ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ , ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପ୍ରମୁଖ ସେମାନଙ୍କ ଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମ ବିଶେଷ କରି ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ଦେଶରେ ଓଡ଼ିଶାର ସମ୍ମାନ ବଢାଇଛି ବୋଲି ମତ ଦେଇଥିଲେ। ବିଧାୟକ ସୁବାସ ପାଣିଗ୍ରାହୀ ଏହି ସ୍ମାର୍ଟ ହେଲ୍ଥ୍ କାର୍ଡ ପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜଣାଇବା ସହ ଜିଲ୍ଲାର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଡକ ଦୁର୍ଘଟଣାରେ ଦୁଇ ଆହତ ଜଣେ ଗୁରୁତର

ବାଲିଆପାଳ,୦୯/୦୯ (ନି.ପ୍ର): ବାଲିଆପାଳ କାଳିପଦା ରାସ୍ତାର ମଧୁପୁରା ପାଣ୍ଡ ନିକଟରେ ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଜଣ ଆହତ ଓ ଜଣେ ଗୁରୁତର ହୋଇଛନ୍ତି । ଆହତ ଦୁଇ ଜଣ ହେଲେ ବଳରାମପୁର ଗ୍ରାମର ରବୀନ୍ଦ୍ର ସାହୁ ଓ ଶିବଶଙ୍କର ସାହୁ,ଗୁରୁତର ଆହତ ହୋଇଥିବା ଲୋକ ସୁନାରୁଇ ଗ୍ରାମ ଦୀପକ ପାତ୍ର । ଏକ ବାଇକରେ ୩ ଜଣ କାଳିପଦା ବଜାରକୁ ଯାଉଥିବା ବେଳେ ରାସ୍ତାରେ ଛିଡା ହୋଇଥିବା ପିକଅପ ଦେହରେ ବାଡେଇ ଯାଇ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନେଇଯାଇଥିଲେ। ଦୀପକ ପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ପଠାଇଦିଆଯାଇଛି । ପୁଲିସ ପିକଅପକୁ ଜବଦ କରି ଏକ ମାମଲା ରୁଜୁ କରିଛି ।

## ୧୧ରେ ଛତିଶା ନିଯୋଗ ବୈଠକ

ପୁରୀ,୦୯/୦୯ (ନି.ପ୍ର): ଆସନ୍ତା ୧୧ ତାରିଖରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ନିଳାଦ୍ରୀ ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ କ୍ରିଷନ୍ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଛତିଶା ନିଯୋଗ ମହାନାୟକ, ବିଭିନ୍ନ ସେବାୟତ ନିଯୋଗ ପ୍ରତିନିଧି,ଜିଲ୍ଲାପାଳ ସମର୍ଥ ବର୍ମା ଓ ଏସ୍ ପି କନୱାର ବିଶାଳ ସିଂ ପ୍ରମୁଖ ଯୋଗଦେବେ। ବୈଠକରେ ଦଶହରା, କର୍ତ୍ତିକ ନୀତି ନିର୍ଘଣ୍ଟ, ରାଧାଦାମୋଦର ବେଶ ଓ ପଞ୍ଚକ ଆଦି ନୀତି ସମ୍ପର୍କରେ ମୁଖ୍ୟତଃ ଆଲୋଚନା କରାଯିବ। ଏତଦ୍‌ବ୍ୟତୀତ ବୈଠକରେ କର୍ତ୍ତିକ ନୀତି ଓ ଦର୍ଶନ ବ୍ୟବସ୍ଥା ନେଇ ନୂତନ ମାର୍ଗ ଦର୍ଶିକା ଜାରି ସମ୍ପର୍କିତ କିଛି ନିଷ୍ପତି ନିଆଯିବାର ସମ୍ଭାବନା ରହିଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ : ୧୭ ଗିରଫ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୩୯ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୭୭,୫୦୦ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ବାଲିଆପାଳ କଳାକାର ସଂଘର ନୂଆ କମିଟି ଗଠିତ



ବାଲିଆପାଳ,୦୯/୦୯ (ନି.ପ୍ର): ବାଲିଆପାଳ ବ୍ଲକ କଳାକାର ସଂଘର ନୂଆ କମିଟି ଶନିବାର ଗଠିତ ହୋଇଯାଇଛି । ପୁର୍ନଗଠିତ ଏହି କମିଟିରେ ଝାଡେଶ୍ୱର ପ୍ରଧାନ ସଭାପତି, ପ୍ରଫୁଲ୍ଲ କୁମାର ବାଗ ସଂପାଦକ, ରାଜକିଶୋର ଦାସ ଉପସଭାପତି, ଲକ୍ଷ୍ମୀଧର ଜେନା ଓ ଦୈତାରୀ ଲେଙ୍କା ଯୁଗ୍ମ ସଂପାଦକ, ପ୍ରକାଶ ଚନ୍ଦ୍ର ପ୍ରଧାନ କୋଷାଧକ୍ଷ ଭାବରେ ମନୋନୀତ ହୋଇଛନ୍ତି । ରାଧାରମଣ ରାଉତ, ସଞ୍ଜୟ ମଣ୍ଡଳ, ରାମକୃଷ୍ଣ ଦାସ ଅଧିକାରୀ, ପଂଚାନନ ଭୋଳ, ଜୟନ୍ତୀ ପାତ୍ର, ଅର୍ଜ୍ଜୁନ ଚରଣ ଦାସ, ମନ୍ମଥ ଜେନା, ସଦାଶିବ ଜେନା, ଖଗେନ୍ଦ୍ର ସାମଲ ପ୍ରମୁଖ କାର୍ଯ୍ୟକାରୀ କମିଟିରେ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିର୍କତନ ପାତ୍ର, ଭୀମଚରଣ ବେହେରା, ରାଜେଶ କୁମାର ବେହେରା,ସୁଶାନ୍ତ ପରିଡା,ଅମୂଲ୍ୟ ଦଳାଇ, ବିଜୟ କୁମାର ଜେନା, ନରେଶ ଚନ୍ଦ୍ର ଜେନା,ନବକୃଷ୍ଣ ଦେ,ନବକୃଷ୍ଣ ପ୍ରମାଣିକ,ଭୂବନ ପ୍ରମାଣିକ,ବିଜୟ ରଣଜିତ, ଶ୍ରୀନିବାସ ପାତ୍ର ପ୍ରମୁଖ ବହୁ କଳାକାର ଉପସ୍ଥିତ ଥିଲେ । କମିଟି ଏକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକରିବ । କଳାକାର ମାନଙ୍କର ବିଭିନ୍ନ ସମସ୍ୟା ଓ ପ୍ରତିକାର ଉଦ୍ଦେଶ୍ୟରେ ସଂଘ କାର୍ଯ୍ୟ କରୁଛି ବୋଲି ନୂଆ କାର୍ଯ୍ୟକର୍ତା ମାନେ କହିଛନ୍ତି ।

# ନୂତନ ମୂଲ୍ୟାଙ୍କନ ପଦ୍ଧତି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ




ବାରିପଦା,୦୯/୦୯(ନି.ପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଚଳିତ ନୂତନ ମୂଲ୍ୟାଙ୍କନ ସମ୍ପର୍କିତ କର୍ମଶାଳା ଉଦ୍‌ଘାଟିତ ସମାରୋହ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦିପ୍ତୀ ନାଏକ, ଏମ.କେ.ସି. ହାଇସ୍କୁଲର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମହାନ୍ତ, ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ପରବର୍ତିତ ପରିସ୍ଥିତିରେ ନୂତନ ମୂଲ୍ୟାଙ୍କନ ପଦ୍ଧତିର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶିକ୍ଷଣ ଭାବେ ପ୍ରଧାନ ଶିକ୍ଷକ ମଣ୍ଟୁ ସାସମଲ, ଚିତରଞ୍ଜନ, ପଲତା, ପ୍ରବୀଣ ଚାନ୍ଦ, ଅନୀଲ କୁମାର ମହାପାତ୍ର, ରାଖାଲ କୃଷ୍ଣ ମହାନ୍ତି, ଅନୀଲ କୁମାର ମହାପାତ୍ର, ପରମାନନ୍ଦ ପୁଷ୍ଟି, ସଞ୍ଜୀବ ଦଳେଇ, ଜ୍ୟୋତି କର୍ମକାର ପ୍ରମୁଖ ଯୋଗଦେଇଥିଲେ। ବାରିପଦା ଏମ.ପି.କେ. ବାଳିକା ବିଦ୍ୟାଳୟ ଓ ଉଦଳାର ନାଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମାନ୍ତରାଳ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଦର ଓ କପ୍ତିପଦା ଉପଖଣ୍ଡର ହାଇସ୍କୁଲ ଶିକ୍ଷକ ଶିକ୍ଷୟତ୍ରି ଗଣ ଯୋଗଦାନ କରିଥିଲେ।

# ଉଦଳାରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୫ ତମ ଜୟନ୍ତୀ ପାଳିତ



ଉଦଳା,୦୯/୦୯ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ଓ ଅଟୋମାଲିକ ସଂଘର ମିଳିତ ଉଦ୍ୟମରେ ଉଦଳା ଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୫ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିପାଇଁ ଦୀର୍ଘ ୧ ସପ୍ତାହ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହେବା ସହିତ ୨ ଦିନର କାର୍ଯ୍ୟକ୍ରମ ପାଇଁ ରୂପ ରେଖ ପ୍ରସ୍ତୁତ ହୋଇଥିଲା । ପ୍ରଭାତରେ ଉଭୟ ସଂଘର ସମସ୍ତ ସଦସ୍ୟ ବସ୍‌ଷ୍ଟାଣ୍ଡ ନିକଟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ, ଧୂପ, ଦୀପ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମସ୍ତେ ଏକ ସ୍ୱରରେ 'ବନ୍ଦେ ଉତ୍କଳ ଜନନୀ... ସଙ୍ଗୀତ ଗାନ କରିଥିଲେ । ପରେ ସେବା ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ସନାତନ ରାଉତ, ଉଦଳା ପ୍ରେସ କ୍ଲବର ସଭାପତି ଅରୁଣ କୁମାର ମହାନ୍ତି, କବି କରୁଣାକର ଦାସ, ଆଇନଜିବୀସତ୍ୟବ୍ରତ ମିଶ୍ର, ସର୍ବେଶ୍ୱର ମହାପାତ୍ର, ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର, ମମତା ସାହୁ ଓ ଅନିତା ବିଶ୍ୱାଳ ଅଂଶ ଗ୍ରହଣ କରି ଦେଶକୁ ସ୍ୱାଧିନ କରିବା ଏବଂ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ସହିତ ଓଡ଼ିଆ ଭାଷା, ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଉତ୍କଳମଣିଙ୍କ ଭୂମିକା କିପରି ଥିଲା ବର୍ଣ୍ଣନା କରିଥିଲେ । ଉକ୍ତ ଜୟନ୍ତୀ ଦିବସଟିକୁ ଓଡ଼ିଶା ସରକାର 'ସେବା ଦିବସ ରୂପେ ଘୋଷଣା କରିଥିବାରୁ ଆୟୋଜକ ଉଭୟ ସଂଘ ତରଫରୁ ସେବା ମୂଳକ କାର୍ଯ୍ୟ ଭାବରେ 'ରକ୍ତ ଦାନ ଶିବିରର ଆୟୋଜନ କରାଯାଇଥିଲା । ଶେଷରେ ସେବା ଟ୍ରଷ୍ଟର ସଦସ୍ୟ ସୁବ୍ରତ କୁମାର ମହାନ୍ତି ଆସନ୍ତା କାଲି ଅକ୍ଟୋବର ୧୦ ତାରିଖ ରବିବାର ଦିନ ସେବା ଦିବସ ଅବସରରେ ସ୍ଥାନୀୟ ଓକିଲ ସଂଘ ବୈଠକ ଗୃହ ପରିସରରେ ଆଲୋଚନା ଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ଯୁବ ସମାଜସେବୀ ରିତେନ୍ଦ୍ରଙ୍କ ପରଲୋକ

ଭୁବନେଶ୍ୱର,୦୯/୦୯(ନି.ପ୍ର): ଯୁବ ସମାଜସେବୀ ରିତେନ୍ଦ୍ର କୁମାର ମିଶ୍ରଙ୍କ ଆକସ୍ମିକ ବିୟୋଗ ଘଟିଛି। ରାଜଧାନୀରେ କରୋନା ମହାମାରୀ ସମୟରେ ଅଭାବୀ, ଅସହାୟ ଲୋକଙ୍କୁ ଖାଦ୍ୟ ବଂଟନ, ରକ୍ତଦାନ ସହିତ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣ ପ୍ରମୁଖ କାର୍ଯ୍ୟ କରିଆସୁଥିଲେ। ପେସାରେ ଗ୍ରାଫିକ୍ ଡିଜାଇନ୍ କାର୍ଯ୍ୟ କରୁଥିଲେ ମଧ ନିଶା ତାଙ୍କର ସମାଜସେବା ଥିଲା। ରକ୍ତ କର୍କଟରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ୪୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ। ଏକମାତ୍ର ପୁତ ଦର୍ଶନଙ୍କ ସମେତ ଧର୍ମପତ୍ନୀ ଅନିତା, ଅନ୍ତରଙ୍ଗ ବନ୍ଧୁ ସୁଜୟ, ମନୋଜ ତଥା ବନ୍ଧୁ ପରିବାରବର୍ଗ ଗଭୀର ଶୋକ ବ୍ୟକ୍ତ କରିବା ସହିତ, ତାଙ୍କ ପରି ସରଳ, ଅମାୟିକ, ମେଳାପୀ, ପରୋପକାରୀ, ନିଷ୍ଠାପର ବ୍ୟକ୍ତିତ୍ୱ, ସମାଜସେବୀ ମିଳିବା କଷ୍ଟକର ବୋଲି ସ୍ମୃତିଚାରଣ କରି କହିଛନ୍ତି। ଅମର ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆନନ୍ଦମାର୍ଗ ଭଦ୍ରକ ଜିଲ୍ଲାର ଏକଦିବସୀୟ ଯୋଗଶିକ୍ଷା ଓ ଗ୍ରାମ୍ୟ ସ୍ୱଚ୍ଛତା ତାଲିମ ଶିବିର

ଭଦ୍ରକ,୦୯/୦୯ (ନି.ପ୍ର): ଆଜି ଭଦ୍ରକ ଜିଲା ଆନନ୍ଦମାର୍ଗ ଆନୁକୂଲ୍ୟରେ କଲେଇ ପଂଚାୟତର ବଳଭଦ୍ରପୁରରେ ଏକଦିବସୀୟ ଯୋଗଶିକ୍ଷା ଓ ଗ୍ରାମ୍ୟ ସ୍ୱଚ୍ଛତା ତାଲିମ ଶିବିର ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱଚ୍ଛତାକୁ ନେଇ ସସ୍ମିତା ବେହେରା, ରଶ୍ମିତା ବେହେରା, ସ୍ୱୟଂପ୍ରଭା ଧଳ, ପାୟଲ ମହାରଣା, ଅହଲ୍ୟା ମହାକୁଳ, ଗାୟତ୍ରୀ ପରିଡା, ବିନୀତା ମଲ୍ଲିକ, ସନ୍ଧ୍ୟାରାଣୀ ମଲ୍ଲିକ, ପୂଣ୍ୟତୋୟା ସାହୁ, ଦୀପ୍ତିମୟୀ ବେହେରା ପ୍ରମୁଖ ସମୂହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କୋଲକାତାସ୍ଥିତ କେନ୍ଦ୍ରୀୟ ଆଇଏସ୍‌ଏମ୍‌ୟୁବିର ସଂପାଦକ ଆଚାର୍ଯ୍ୟ ପ୍ରିୟକ୍ରିଷ୍ଣା ନନ୍ଦ ଅଭଧୂତ ଯୁବକ-ଯୁବତୀମାନଙ୍କୁ ସକଳ ଜାଗତିକ କାର୍ଯ୍ୟ ସହିତ ପରମ ପୁରୁଷଙ୍କ ପ୍ରତି ଅନୁରକ୍ତି ବା ରାଗ ଏକ ଅତ୍ୟାବଶ୍ୟକୀୟ ପରାମର୍ଥିକ କର୍ତ୍ତବ୍ୟ ବୋଲି କହିଥିଲେ। ଏହାର ସାଧନା ଦ୍ୱାରା ଜୀବ ସହିତ ଶିବଙ୍କ ମିଳନ ଘଟି ଜୀବନର ପୂର୍ଣ୍ୟତା ପ୍ରାପ୍ତି ହେବ ବୋଲି ସେ କହିଥିଲେ। ପ୍ରାଉଡିଷ୍ଟ ବ୍ଲକ୍ ଇଣ୍ଡିଆର ରାଜ୍ୟ ସଂପାଦକ ଇଂ କାହ୍ନୁଚରଣ ବେହୁରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ, ଅର୍ଥନୈତିକ ଦର୍ଶନ, ପ୍ରଗତିଶୀଳ ଉପଯୋଗ ତତ୍ତ୍ୱ (ପ୍ରାଉଡ) ଉପରେ ଆଲୋକପାତ କରି ଏହି ଦର୍ଶନ ବିଶ୍ୱର ସମସ୍ତ ମାନବଜାତିର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଏବଂ ଏ ଦିଗରେ ଆଜିର ଯୁବପିଢି ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଏହି ଆନ୍ଦୋଳନ ଏକ ଯୁଗାନ୍ତକାରୀ ଅର୍ଥନୈତିକ ଦର୍ଶନ ବିଶ୍ୱକୁ ନୂଆରୂପ ଦେବ ବୋଲି କହିଥିଲେ। ଏହି ଶିବିରର ଉଦ୍ୟୋକ୍ତା ଜଗନ୍ନାଥ ରାୟ ବସ୍ତୁଧର୍ମ, ଜୈବଧର୍ମ ଓ ମାନବଧର୍ମ ଉପର ଶିବିରାର୍ଥୀଙ୍କୁ ବୁଝାଇଥିଲେ। ଅପରାହ୍ନ ଅଧିବେଶନରେ ପୂର୍ଣ୍ଣିମା ବେହେରା, ବର୍ଷା। ପ୍ରିୟଦର୍ଶିନୀ ପୁହାଣ, ମୋନାଲିସା ପାତ୍ର ଆଜିର ସମସ୍ୟା କିଭଳି ପ୍ରାଉଡ୍ ମାଧ୍ୟମରେ ସମାଧାନ ହୋଇପାରିବ ସେ ଦିଗରେ ସଂକ୍ଷିପ୍ତ ଟିପ୍ପଣୀ ରଖିଥିଲେ। ଆଜିର ସନ୍ଧ୍ୟା କାର୍ଯ୍ୟକ୍ରମରେ ପ୍ରାର୍ଥନା ଚେନାଲର ଅଭିନେତା ବାଙ୍କବିହାରୀ ପାତ୍ର ଭିକାରୀ ବଳଙ୍କ ଭକ୍ତି ସଂଗୀତରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ଏବଂ ସମ୍ବଲପୁରୀ ରଂଗବତୀ ଗୀତରେ ଶୁଭଶ୍ରୀ ନାୟକ ଓ ସାଥୀ ଦର୍ଶକଙ୍କୁ ବିମୋହିତ କରିଥିଲେ। ସ୍ନେହଲତା ପାତ୍ର, ଚନ୍ଦ୍ରଗୁପ୍ତ ଲେଙ୍କା ବିଭିନ୍ନ କାର୍ଯ୍ୟକ୍ରମକୁ ସଂଚାଳନା କରିଥିବାବେଳେ ଭଦ୍ରକ ମହାବିଦ୍ୟାଳୟର ଅର୍ଥଶାସ୍ତ୍ରର ଟପ୍ପର ପୂର୍ଣ୍ଣିମା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କଲେଜର ଛାତ୍ରୀଙ୍କ ମଧ୍ୟରେ ମୋନାଲିସା ପାତ୍ର, କୌଶଲ୍ୟା ବେହେରା, ଦୀପ୍ତିମୟୀ ବେହେରା, ମିତାଲି ମଲ୍ଲିକ, ମମତା ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସନାତନ ବେହେରା ଓ ପୂର୍ବତନ ପ୍ରଫେସର ପଦ୍ମଲୋଚନ ମହାନ୍ତି ଧନ୍ୟବାଦ ଜଣାଇଥିଲେ।

ବାଲେଶ୍ୱର ରବିବାର, ୧୦ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮


# ଗୋଟିଏ ଦିନରେ ୫୨୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୯/୦୯(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୨୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୧୦୪୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୬୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୭ ହଜାର ୭୧୪ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୦୩୫ ରହିଛି । ଆଜି ଚିହ୍ନଟ ହୋଇଥିବା ୫୨୬ ଜଣଙ୍କ ମଧ୍ୟରୁ ୩୦୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱରରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୨, ଭଦ୍ରକରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୬୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୩ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୨, ଗଂଜାମ ଜିଲ୍ଲାରୁ ୩,ଜଗତସିଂହପୁର ଜିଲ୍ଲାରୁ ୧୬ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧, କନ୍ଧମାଳ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଭାରତୀୟ ପୂର୍ବତନ ସୈନିକ ସଂଘ ପକ୍ଷରୁ ବାୟୁସେନା ଦିବସ



ବାଲେଶ୍ୱର,୦୯/୦୯ (ନି.ପ୍ର): ଭାରତୀୟ ପୂର୍ବତନ ସୈନିକ ସଂଘ, ବାଲେଶ୍ୱର ଶାଖାରେ ୮୯ତମ ବାୟୁସେନା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ବାୟୁସେନା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୧୯୩୨ ମସିହାରେ ବାୟୁସେନା ସ୍ଥାପନା ହୋଇଥିଲା। ଦୀର୍ଘ ବର୍ଷର ଗୌରବ ଓ ଗାରିମାକୁ ଆଜି ଦିନରେ ପ୍ରଦର୍ଶନ କରେ ବାୟୁସେନା। ସ୍ୱର୍ଣ୍ଣିମ ବିଜୟ ବର୍ଷରେ ବାୟୁସେନାର ଲକ୍ଷ୍ୟ 'ନଭମ ସ୍ୱର୍ଶମ ଦୀପ୍ତମ' ପାଇଁ ଆମେ ଗର୍ବିତ ଯେ ସାରା ପୃଥିବୀରେ ଆମ ବାୟୁସେନା ଚତୁର୍ଥ ବୃହତ୍ତମ ସେନା। ଦେଶରେ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାୟୁସେନାର ଭୂମିକା ବହୁତ ଅଧିକ ପରିମାଣରେ ଦେଖାଯାଏ। ଗୁଜରାଟର ଝଡ଼ବାତ୍ୟାଠାରୁ ଆରମ୍ଭ କରି, ସୁନାମୀ, ଉତ୍ତରାଖଣ୍ଡର ବନ୍ୟା ବିପତ୍ତି ଓଡ଼ିଶାର ସୁପର ସାଇକ୍ଲୋନ୍‌ରେ ବାୟୁସେନାର ଭୂମିକା ପ୍ରଶଂସନୀୟ। ପାକିସ୍ଥାନରେ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାର ଷ୍ଟ୍ରାଇକ୍ ଏକ ଅତୁଳନୀୟ ଘଟଣା। ଆମ୍ଭେ ଅବସରପ୍ରାପ୍ତ ବୀର ସୈନିକ ସର୍ବଦା ଦେଶପାଇଁ ଏକ ସଂରକ୍ଷିତ ଶକ୍ତି ହିସାବରେ ଦଣ୍ଡାୟମାନ ହୋଇ ରହିଛୁ। ଜୟ ଜଓ୍ୱାନ୍, ଜୟ ଭାରତ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୪୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ନବରଙ୍ଗପୁର ଜିଲ୍ଲାର ୨ ଜଣ ମୃତ୍ୟୁବରଣ କରିଥିବା ବେଳେ ବଲାଙ୍ଗୀର ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ଲେଖାଏ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

# ଆଦିବାସୀଙ୍କ ଅନ୍ଧବିଶ୍ୱାସ : ଗୁଣିଗାରେଡ଼ି ସନ୍ଦେହରେ ପ୍ରଜାକୋର୍ଟ, ଗୁଣିଆକୁ ୧ ଲକ୍ଷ ଜୋରିମାନା



ନୀଳଗିରି,୦୯/୦୯ (ନି.ପ୍ର): ଆଜିର ସମାଜରେ ବିଜ୍ଞାନ ବେଶ ଦ୍ରୁତଗତିରେ ଗତି କରୁଥିବା ବେଳେ ଆଦିବାସୀମାନଙ୍କ ନିକଟରେ ଆଜିର ବିଜ୍ଞାନ ଫେଲ ମାରିଛି । ଅନ୍ଧବିଶ୍ୱାସ ବି ଏମାନଙ୍କ ପାଖରୁ ଛାଡ଼ିକି ଯାଇ ନାହିଁ । ଗୁଣିଗାରେଡ଼ି ଉପରେ ଉକ୍ତ ସଂପ୍ରଦାୟର ଭରସା ଥିବାର ଜଣାପଡ଼ିଛି । ଆଜିର ଶିକ୍ଷିତ ଦୁନିଆରେ ଏମାନେ ଅନ୍ଧବିଶ୍ୱାସକୁ ବିଶ୍ୱାସ କରି ଗୁଣି ଗାରେଡ଼ି ସନ୍ଦେହ ରେ ପିଟାମାରା କରିବା ସହ ପ୍ରଜାକୋର୍ଟରେ ୧ଲକ୍ଷ ଟଙ୍କା ସଂପୃକ୍ତ ଗୁଣିଆ ପରିବାର ଉପରେ ଜୋରିମାନା କରାଯାଇଥିବା ବେଳେ ଏ ନେଇ ବରହମପୁର ଥାନାରେ ଅଭିଯୋଗ ହୋଇଅଛି । ପ୍ରାପ୍ତ ସୂଚନା ଅନୁସାରେ ବରହମପୁର ଥାନା ଅଧିନସ୍ଥ ତେଲିପାଳ ଗ୍ରା.ପ.ର ପୁଟିବନ୍ଧ ଗ୍ରାମର ଘାସିରାମ ସିଂ (୬୫) ସମେତ ତାଙ୍କ ପରିବାର ଗୁଣିଗାରେଡ଼ି କରୁଥିବା ନେଇ ଖବର ଶୁଣିବା ପରେ ପୁଟି ସାହି ଓ ପୁଟିବନ୍ଧ ଗାଁର ଶତାଧିକ ଲୋକ ଏକଜୁଟ ହୋଇ ପୁଟିବନ୍ଧ ଗ୍ରାମରେ ଘାସିରାମ ସିଂ ସମେତ ପରିବାର ସଦସ୍ୟଙ୍କୁ ନେଇ ଶନିବାର ସକାଳେ ପ୍ରଜାକୋର୍ଟ କରିଥିଲେ । ଏହି ପ୍ରଜାକୋର୍ଟ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏପରିକି ପ୍ରଜାକୋର୍ଟରେ ଗୁଣିଆ ଘାସିରାମକୁ ପିଟାମରା କରିବା ସହ ଏତାଦୃଶ୍ୟ କାର୍ଯ୍ୟ ପାଇଁ ୧ଲକ୍ଷ ଟଙ୍କା ଜୋରିମାନା କରାଯାଇଥିଲା ।ପରେ ଏହାକୁ କେନ୍ଦ୍ର କରି ଘଟଣା ଉଗ୍ରରୂପ ନେଇଥିଲା । ଖବର ପାଇ ବରହମପୁର ଥାନାର ଓ.ଆଇ.ସି. ହେମନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ କରାୟତ କରିଥିଲେ । ମାଡ଼ରେ ଜଣେ ଆହତ ହୋଇଥିବା ବେଳେ ବରହମପୁର ଥାନାରେ ଗୁଣିଆ ପରିବାର ପକ୍ଷରୁ ଏତଲା ଦିଆଯାଇଥିବା ଶୁଣିବାକୁ ମିଳିଛି । ତେବେ ଓ.ଆଇ.ସି. ହେମନ୍ତ କୁମାର ମାଝୀ ଘଟଣାକୁ ଗୁରୁତ୍ୱ ଦେବା ସହ ତଦନ୍ତ ଜାରି ରଖିଛନ୍ତି । ଏ ନେଇ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ

ବାଲେଶ୍ୱର,୦୯/୦୯ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଅକ୍ଟୋବର ମାସର ମାସିକ ବୈଠକ ସଙ୍ଗଠନ କାର୍ଯ୍ୟାଳୟ ପରିସରରେ ଧୀରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ ଅବସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ପରେ ସଂଘର ସାଧାରଣ ସଂପାଦକ ଇଂ. ବନମାଳୀ ନାୟକ ପୂର୍ବ ବୈଠକର ବିବରଣୀପାଠ, ଆଗାମୀ କାର୍ଯ୍ୟକ୍ରମ ବିଶେଷ ଭାବେ ବାର୍ଷିକ ଅଧିବେଶନ ଓ ସ୍ମରଣିକା 'ଉତ୍ତରାୟଣ'ର ପ୍ରକାଶନ ବିଷୟରେ ସୂଚନା ଦେଇ ସଭ୍ୟ/ସଭ୍ୟାଙ୍କ ମତାମତ ଆହ୍ୱାନ କରିଥିଲେ। ବାଲେଶ୍ୱର ସହର ଚିଡ଼ିଆପୋଲ ପାଖ ଜନୌଷଧି ଦୋକାନର ମାଲିକ ସିଲବ ସତ୍ୟକାମଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଆସିଥିବା ଜନୌଷଧି କିଟସ ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ ବୈଠକରେ ଉପସଭାପତି ଇଂ. ସୁରେନ୍ଦ୍ର ନାଥ ଦାସ, ଇଂ. ଗୌରାଙ୍ଗ ସାହୁ, ଭବେଶ ଚନ୍ଦ୍ର ପଣ୍ଡା, ଶେଖ ଆଲ୍ଲାଉଦ୍ଦିନ୍, ବସନ୍ତ କୁମାର ନାୟକ, ସୁଦର୍ଶନ ଦାସ, ବିଷ୍ଣୁଚରଣ ପାଢ଼ୀ, ବେଣୁଧର ପାଳ, ପ୍ରଫୁଲ୍ଲ କୁମାର ଦାସ, ପୁଷ୍ପଲତା ମହାନ୍ତି, ସାବିତ୍ରୀ ଦାସ, ଇଂ. କେଶବ ଚନ୍ଦ୍ର ମହାନ୍ତି, ବିଜୟ କୁମାର ଦାସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. କ୍ଷିତୀଶ୍ୱର ଦାଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳଗିରି ବ୍ଲକର ବିଭିନ୍ନ ଦୁର୍ନିତୀକୁ ନେଇ ଧାରଣାରେ ବସିବେ ପୂର୍ବତନ ବିଧାୟକ



ନୀଳଗିରି,୦୯/୦୯ (ନି.ପ୍ର): ନୀଳଗିରି ବ୍ଲକରେ ବିଭିନ୍ନ ପ୍ରକାର ଦୁର୍ନିତୀ ହୋଇଥିବା ବେଳେ ଏହାକୁ ଭିଜିଲାନ୍ସ ତଦନ୍ତ ଓ ସ୍ୱତନ୍ତ୍ର ଅଡିଟ ଦାବୀରେ ଆସନ୍ତା ୨୦ ତାରିଖରେ ନୀଳଗିରି ବ୍ଲକ ଗେଟ ଆଗରେ ଧାରଣାରେ ବସିବେ ବୋଲି ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ଏକ ପ୍ରେସମିଟରେ ସୂଚନା ଦେଇଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ନୀଳଗିରି ବ୍ଲକରେ ଦୁର୍ନିତୀ ହେଉଅଛି । ଗତ କୋରନା ସମୟରେ ବ୍ଲକ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଟି.ଏମ.ସି. କେନ୍ଦ୍ରରେ ସରକାରୀ ଅର୍ଥକୁ ଅନେକ ମାତ୍ରାରେ ବାଟମାରଣା ହୋଇଥିବା ବେଳେ, ମୋ ବଗିଚା, ଗୁହାଳ ଘର ନିର୍ମାଣରେ ବ୍ୟାପକ ଦୁର୍ନିତୀ ହୋଇଥିବା ର ନୀଳଗିରି ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । କେଣସି ପଞ୍ଚାୟତର ଗ୍ରାମ୍ୟ କମିଟି ନାମରେ କାର୍ଯ୍ୟାଦେଶ ନ ଥିବା ବେଳେ ସମସ୍ତ କାର୍ଯ୍ୟାଦେଶ ସଂପୃକ୍ତ ଜେ.ଇ. ସମେତ ବିଭିନ୍ନ ରାଜନୈତିକ ଦଳର କର୍ମୀକୁ ଦିଆଯାଇଛି । ବିଭିନ୍ନ ପ୍ରକଳ୍ପରେ ମିଥ୍ୟା ବିଲ୍ ପୈଠ କରାଯାଇଥିବା ବେଳେ ଆଜକୁ ୭ମାସ ଧରି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଅବସର ନେବା ପରେ ବି ପିଛିଲା ତାରିଖରେ ଲକ୍ଷ ଲକ୍ଷ ଟଙ୍କା ର ଫାଇଲ ବିଲ୍ ପାସ କରୁଛନ୍ତି । ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପଞ୍ଚାୟତ ରାଜମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫ଟି, ଡିଜି , ଭିଜିଲାନ୍ସ ସମେତ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଆଗାମୀ ଦଶ ଦିନ ମଧ୍ୟରେ ଉପଯୁକ୍ତ ତଦନ୍ତ କରା ନ ଗଲେ ଆସନ୍ତା ୨୦ ତାରିଖରେ ବ୍ଲକ ଗେଟ ଆଗରେ ଧାରଣାରେ ବସିବେ ବୋଲି ଶ୍ରୀ ଷଡ଼ଙ୍ଗୀ ପ୍ରେସମିଟରେ ସୂଚନା ଦେଇଛନ୍ତି ।

## ରାଜଧାନୀରେ ୨୪ ଘଂଟାରେ ୨୧୬ ପଜିଟିଭ୍

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୨୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୩ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୫୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୬୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୪୪୬୭ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୯୮୨୨ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୫୯୬ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୨୮ କୁ ବୃଦ୍ଧି ପାଇଛି।

# ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁଙ୍କ ୧୪୪ତମ ଜୟନ୍ତୀ ପାଳିତ



ଭଦ୍ରକ, ୦୯/୦୯ (ନି.ପ୍ର): ବାସ୍ତବରେ ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଉତ୍କଳର ମଣି। ଯେଉଁଥିପାଇଁ ଏ ମାଟି ଓ ଦେଶ ତାଙ୍କୁ "ଉତ୍କଳମଣି" ଉପାଧିରେ ଭୂଷିତ କରି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିଛି। ବର୍ତ୍ତମାନର ଅବକ୍ଷୟମୁଖୀ ସମାଜରେ ତାଙ୍କଭଳି ଜଣେ ତ୍ୟାଗୀ ମହାପୁରୁଷଙ୍କ ଆଦର୍ଶକୁ ଆଜିର ଯୁବପିଢି ପାଥେୟ କଲେ ରାମରାଜ୍ୟ ଗଠନ ହୋଇପାରିବ ବୋଲି ତାଙ୍କର ୧୪୪ତମ ଜନ୍ମ ଜୟନ୍ତୀ ଉତ୍ସବରେ ମତପ୍ରକାଶ ପାଇଛି। ଭଦ୍ରକର ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଟ୍ରଷ୍ଟର ମିଡିଆ ସେଲ୍ ଅଧକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବର୍ତ୍ତମାନର ମହାମାରୀ କରୋନା ଜନିତ ସରକାରଙ୍କ ନିୟମ ମୂଳେ ସାମାଜିକ ଦୂରତ୍ୱ ବଜାୟ ପୂର୍ବକ ପ୍ରାତଃରେ କଚେରୀ ବଜାର ପରିସରରେ ଥିବା ଗୋପବନ୍ଧୁଙ୍କ ଉଦ୍ୟାନର ପ୍ରତିମୂର୍ତ୍ତିରେ ସ୍ଥାନୀୟ ବିଧାୟକ ସଂଜୀବ ମଲ୍ଲିକ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କର ଜୀବନାଦର୍ଶକୁ ଆଜିର ଯୁବପିଢି ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକର ଅତିରିକ୍ତ ସରକାରୀ ଅଧିବକ୍ତା ସୂର୍ଯ୍ୟକାନ୍ତ କୁଅଁର, ସୋମନାଥ ସାହୁ, ପୂର୍ବତନ କାଉନସିଲର ପ୍ରବୀର ଜେନା, ଟ୍ରଷ୍ଟର ସଦସ୍ୟ ସୁକାନ୍ତ ମହାନ୍ତି, ତଥାଗତ ସାମଲ, ଲାଲ ଲଳିତ ରାୟ, ମନୋଜ କର, ମୃତ୍ୟୁଞ୍ଜୟ ରାଉତ, ସୁଶାନ୍ତ କୁମାର ଘଡେଇ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ଡାହାଣୀଗଡିଆ ଛକରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ସଂକ୍ରମଣ ବୃଦ୍ଧିର ଦୈନିକ ବିଶ୍ଲେଷଣ କରାଯିବ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ପୂଜା ସମୟରେ କେଉଁ ଜିଲ୍ଲାରେ କେତେ ସଂକ୍ରମଣ ବଢୁଛି, ତାହାର ଦୈନିକ ବିଶ୍ଲେଷଣ କରାଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି ଯେ କରୋନା କଟକଣା ମାନିବାରେ ଟିକେ ବ୍ୟତିକ୍ରମ ହେଲେ ସଂକ୍ରମଣ ବଢ଼ିବାର ଯଥେଷ୍ଟ ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ବିଭାଗ ପାଇଁ ପୂଜା ପାଖରୁ ଚ୍ୟାଲେଞ୍ଜ ଆରମ୍ଭ ହୋଇଗଲା। ଯେଉଁଠି ଅଧିକ ସଂକ୍ରମଣ ବଢୁଛି, ସେଠାରେ କଂଟେନମେଂଟ ଜୋନ୍ କରିବା ପାଇଁ କେନ୍ଦ୍ର ସରକାର କହିଛନ୍ତି। କଟକ ଓ ଭୁବନେଶ୍ୱର ସଂକ୍ରମଣ ଅଧିକ ରହୁଛି। ଏଣୁ କଡ଼ାକଡ଼ି ନିୟମ ପାଳନ ଉପରେ ଅଧିକ ଫୋକସ ରହିଛି। ଭିଡ଼କୁ ଏଡେଇବା ପାଇଁ ଅଧିକାରୀଙ୍କୁ କୁହାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଭିଡିଓ କନଫରେନ୍ସିଂରେ ଆଲୋଚନା ହୋଇଛି।

# ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀ ସଂରକ୍ଷଣ ତାଲିକା ପ୍ରକାଶ

ଗୋପବନ୍ଧୁ ନଗର,୦୯/୦୯ (ନି.ପ୍ର): ଆଗକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାର୍ଥି ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ଯାହାଦ୍ୱାରା ନିର୍ବାଚନ ପାଇଁ ରାଜନୈତିକ ଦଳ ଗୁଡିକ ପ୍ରଥମ ସୋପାନର ପ୍ରସ୍ତୁତି ଆରମ୍ଭ କରିଛନ୍ତି ।ଜିବନଗର ବ୍ଲକ୍ ରେ ୧୩ଟି ପଞ୍ଚାୟତ ଥିବା ବେଳେ, ଆରପଟା ଜିପି ସରପଞ୍ଚ ପଦବୀ ଅନୁସୁଚୀତ ଜାତି ପାଇଁ ସଂରକ୍ଷତ ଥିବା ବେଳେ ସଭ୍ୟ ପାଇଁ ପଛୁଆ ବର୍ଗ, କୁଆମରା ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତୀ (ମହିଳା) ସଭ୍ୟ ପାଇଁ ଅନୁସୁଚିତ ଜନଜାତୀ (ମହିଳା), କୁଶଳଦା ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତୀ (ମହିଳା) ସଭ୍ୟ ପାଇଁ ଅନୁସୁଚିତ ଜନଜାତୀ, ଜୟପୁର ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତି ମହିଳା, ସଭ୍ୟ ପାଇଁ ପଛୁଆବର୍ଗ (ମହିଳା), ଟିଟିଆ ସରପଞ୍ଚ ପଦବୀ ପାଇଁ ଅନୁସୁଚୀତ ଜନଜାତି (ମହିଳା) ,ସଭ୍ୟ ପାଇଁ ଅନୁସୁଚୀତ ଜନଜାତି, ପଶୁଦା ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତୀ, ସଭ୍ୟ ପାଇଁ ଅନୁସୁଚିତ ଜନଜାତୀ, ପୁରୁଣାବାରିପଦା ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତୀ, ସଭ୍ୟ ପାଇଁ ପଛୁଆବର୍ଗ (ମହିଳା), ବରଡିହି ସରପଞ୍ଚ ପଦବୀ ପାଇଁ ଅନୁସୁଚୀତ ଜନଜାତି, ସଭ୍ୟ ପାଇଁ ଅନୁସୁଚିତ ଜନଜାତୀ (ମହିଳା), ଭଣ୍ଡଗାଁ ସରପଞ୍ଚ ପଦବୀ ପାଇଁ ଅନୁସୁଚୀତ ଜନଜାତି(ମହିଳା), ସଭ୍ୟ ପାଇଁ ଅନୁସୁଚିତ ଜନଜାତୀ(ମହିଳା), ରାଣୀବନ୍ଧ ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତୀ(ମହିଳା), ସଭ୍ୟ ପାଇଁ ଅନୁସୁଚିତ ଜାତି (ମହିଳା), ଶିଳଘାଟୀ ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତି, ସଭ୍ୟ ପାଇଁ ଅନୁସୁଚିତ ଜାତି, ସାଇଁକୁଳା ସରପଞ୍ଚ ପଦବୀ ପାଇଁ ଅନୁସୁଚିତ ଜନଜାତି, ସଭ୍ୟ ପାଇଁ ଅନୁସୁଚିତ ଜନଜାତୀ(ମହିଳା), ସାନଖୁଣ୍ଟା ସରପଞ୍ଚ ପଦବୀ ଅନୁସୁଚିତ ଜନଜାତୀ(ମହିଳା) ଓ ସଭ୍ୟ ପାଇଁ ପଛୁଆବର୍ଗ ଙ୍କ ପାଇଁ ସଂରକ୍ଷିତ ଥିବାର ଜଣା ଯାଇଛି । ସେହିପି ୧୪ ନମ୍ବର ଜିଲ୍ଲାପରିଷଦ ପଦବୀ ପାଇଁ ପଛୁଆ ବର୍ଗ, ୧୫ ନମ୍ବର ଜିଲ୍ଲାପରିଷଦ ପଦବୀ ପାଇଁ ଅନୁସୁଚିତ ଜନଜାତି(ମହିଳା) ଙ୍କ ପାଇଁ ସଂରକ୍ଷିତ ରହିଥିବାର ଜଣା ଯାଇଛି ।

# ଆୟୁଷ ଡାକ୍ତର ମାନଙ୍କ ଅସହଯୋଗ ଆନ୍ଦୋଳନ

ବାଲିଆପାଳ,୦୯/୦୯ (ନି.ପ୍ର): ଯେତେବେଳେ ଗ୍ରାମାଞ୍ଚଳରେ ଥିା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଏଲୋପାଥିକ ଡାକ୍ତରଙ୍କ ଅଭାବକୁ ଦୂର କରି ଓ ଗରିବ ଲୋକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟରେ ସରକାର ୨୦୦୭ /୦୮ ମସିହାରେ ଆୟୁଷ ଡାକ୍ତର ମାନଙ୍କୁ ସ୍ୱଳ୍ପ ଦରମାରେ ଚୁକ୍ତିଭିତିକ ନିଯୁକ୍ତି ଦିଆଯାଇଥିଲା । ସେମାନେ ଲୋକଙ୍କୁ ଆୟୁଷ ଚିକିତ୍ସା ସହିତ ଜରୁରୀ କାଳୀନ ଏଲୋପାଥିକ ଚିକିତ୍ସା, ପ୍ରସୂତି କରେଇବା, ବନ୍ୟା ବାତ୍ୟା, କରୋନା ମହାମାରୀ ସମୟରେ ବିନା କୌଣସି ଦ୍ୱିଧାରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଆସୁଛନ୍ତି ! ମାତ୍ର ପରିତାପର ବିଷୟ ଦୀର୍ଘ ୧୪ ବର୍ଷ ଧରି ସେମାନେ ଗରିବ ଲୋକମାନଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଆସୁଥିବା ସତ୍ୱେ ସରକାର ସେମାନଙ୍କୁ ବାରମ୍ବାର ପ୍ରତିଶୃତି ଦେଇ ମଧ ନିୟମିତ ନକରିବା ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ଦାବିକରି ଗତ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ କର୍ତବ୍ୟରେ ରହି କେବଳ ଆୟୁଷ ସମ୍ବନ୍ଧୀୟ ରୋଗୀ ସେବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନକରି ଅସହଯୋଗ ଆନ୍ଦୋଳନ କୁ ଓହ୍ଲାଇଛନ୍ତି । ବାଲିଆପାଳ ଭଳି ଏକ ଜନବହୁଳ ଅଞ୍ଚଳରେ ୧୪ ବର୍ଷ ଧରି ଲୋକଙ୍କର ସାହା ଭରସା ଥିବା ଡା. ଯାଜ୍ଞେଶ୍ୱର ବେହେରା, ଡା. ମନ୍ଦାକିନୀ ଜେନା, ଡା. ପ୍ରମୋଦ କୁମାର ଦାସ, ଡା. ସରୋଜିନୀ ପଣ୍ଡା ଓ ଡା. ଅନାଦି ଚରଣ ପାତ୍ର ଏହି ଅସହଯୋଗ ଆନ୍ଦୋଳନ ରେ ସାମିଲ ହେବା ଫଳରେ ସ୍ଥାନୀୟ ବାଲିଆପାଳ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ବାଧାପ୍ରାପ୍ତ ହେବାରେ ଲାଗିଛି । ତେଣୁ ସରକାର ତୁରନ୍ତ ସେମାନଙ୍କୁ ସ୍ଥାୟୀ କରିବାକୁ ସେମାନେ ତଥା ଜନସାଧାରଣରେ ଦାବି ହେଉଛି ।

# ଓଡିଶା ରକ୍ତଦାତା ସଙ୍ଗଠନର ବସ୍ତା ବ୍ଲକ ୟୁନିଟ ଉଦଘାଟିତ




ବସ୍ତା,୦୮/୦୯ (ନି.ପ୍ର): ଓଡିଶା ବ୍ଲଡ଼ ଡୋନର୍ସ ଆସୋସିଏସନର ବସ୍ତା ବ୍ଲକ ୟୁନିଟ ବାହାର୍ଦ୍ଧାସ୍ଥିତ ପ୍ରଜ୍ଞା ଭାରତୀ ଶିକ୍ଷାକେନ୍ଦ୍ରର ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଯାଇଛି । ସଙ୍ଗଠନର ବରିଷ୍ଠ ଉପଦେଷ୍ଟା ଜୟନ୍ତ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ମନୋରଞ୍ଜନ ବେହେରା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଏହି ସଙ୍ଗଠନର ମୌଳିକ ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ । ବସ୍ତା ବ୍ଲକ ସଂଯୋଜକ ଗଣେଶ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଜ୍ଞା ଭାରତୀ ଶିକ୍ଷାକେନ୍ଦ୍ରର ସଭାପତି ଗୌରାଙ୍ଗ ଚରଣ ବେହେରା, ଅଧାପକ ହିରଣ୍ୟ ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାନର ଗୁରୁତ୍ୱ ଓ ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶିକ୍ଷକ ନିରଞ୍ଜନ ବେହେରା, ପ୍ରଧାନ ଆଚାର୍ଯ୍ୟ ଗୋକୁଳ ଚନ୍ଦ୍ର ବେହେରା ଓ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ତଥ୍ୟା ଖୁରୀର ୟଙ୍ଗଷ୍ଟାର କ୍ଲବ ଏବଂ ସ୍ପୋର୍ଟିଂ, ଧିତପୁରାର ମହାବୀର ନିଉ ୟୁଥ କ୍ଲବ, ଭଗବାନପୁରର ଆମ୍ବଗଡ଼ିଆ ବିକାଶ ପରିଷଦ, ରୂପସାର ଏକତା କ୍ଲବ, ହୀରାପୁର ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଓ ପିଂଛାବଣିଆଁର ଆର୍ଯ୍ୟ ସେବା ସଂଘ ପ୍ରଭୃତି ଅନୁଷ୍ଠାନକୁ ସ୍ୱେଚ୍ଛା ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ଭୂମିକା ଏବଂ ରବୀନ୍ଦ୍ର କୁମାର ପରିଡାଙ୍କୁ କୋଭିଡ - ୧୯ ଯୋଧା ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଶାନ୍ତ କୁମାର ମହାରଣା, ରବୀନ୍ଦ୍ର କୁମାର ବେହେରା, କମଳ ଲୋଚନ ଆଚାର୍ଯ୍ୟ , ସତ୍ୟ ପ୍ରକାଶ ରାଉତ, ଗଣେଶ ପାଢ଼ୀ, ବିଶ୍ୱଜିତ ସାହୁ ଓ ଜୀବନ ପ୍ରକାଶ ଗାଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସଙ୍ଗଠନର ସହକାରୀ ସଂଯୋଜକ ଶୁଭ୍ରାଂଶୁ ଶେଖର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


**OFFICE OF THE PRINCIPAL, INDIRA GANDHI MAHILA MAHAVIDYALAYA, UDALA MAYURBHANJ**

No. 223 / Date : 09/10/2021

**WALK-IN-INTERVIEW**

Wanted a guest faculty for the post of lecturer in Information Technology for the session 2021-22 only for teaching of Higher Secondary class students. Candidate having minimum 55% marks in MCA or equivalent may attend the interview on dt. 27.10.2021 at 11 AM in the Principal's chamber with all Original & photocopy of their certificates.

**Sd/- Principal**



❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo